ବର୍ଷ-୨୪, ସଂଖ୍ୟା-୩୨୫
ଭୁବନେଶ୍ୱର
୩୦ ଡିସେମ୍ବର, ୨୦୨୪ ସୋମବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-24, Issue No. 325
Bhubaneswar
30 December, 2024 Monday
Page-08, Rs.: 2.00

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

୨୦୦ତମ କ୍ଲବ୍‌ରେ ବୁମ୍‌



# ବିମାନ ଦୁର୍ଘଟଣା, ୧୭୯ ମୃତ



ସିଓଲ, ୨୯।୧୨ : ବର୍ଷ ଶେଷରେ ଛାତିଥରା ବିମାନ ଦୁର୍ଘଟଣା ଘଟିଛି। ତିନି ଦିନ ତଳେ ରୁଷିଆକୁ ଯାଉଥିବା ବିମାନ ଦୁର୍ଘଟଣା ହେବାରୁ ୪୦ରୁ ଊର୍ଦ୍ଧ୍ୱ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଆଜି ଦକ୍ଷିଣ କୋରିଆରେ ରନୱେରେ ଅବତରଣ ବେଳେ ପାଚେରୀରେ ଧକ୍କା ହୋଇ ବିମାନ କ୍ରାଶ୍ ହେବାରୁ ୧୮୧ ଯାତ୍ରୀଙ୍କ ମଧ୍ୟରୁ ୧୭୯ ଜଣ ଯାତ୍ରୀ ଜୀବନ୍ତଦଗ୍ଧ ହେବା ଘଟଣା ସାରା ବିଶ୍ୱକୁ ସ୍ତବ୍ଧ କରିଦେଇଛି। ଜେଜୁ ଏୟାରଲାଇନ୍ସର ଏହି ବିମାନରେ ୧୭୫ ଜଣ ଯାତ୍ରୀ ଓ ୬ ଜଣ କ୍ରୁ ସଦସ୍ୟଙ୍କୁ ମିଶାଇ ମୋଟ ୧୮୧ ଜଣ ଥିଲେ। ମୃତକଙ୍କ ମଧ୍ୟରୁ ମାତ୍ର୬୦ ଜଣଙ୍କୁ ଚିହ୍ନଟ କରାଯାଇଛି। ତେବେ ସୌଭାଗ୍ୟବଶତଃ ଦୁଇ ଜଣଙ୍କୁ ଜୀବନ୍ତଉଦ୍ଧାର କରାଯାଇଛି। ଜାତୀୟ ଗଣମାଧ୍ୟମ ଅନୁଯାୟୀ, ଆଜି ଦକ୍ଷିଣ କୋରିଆରେ ସକାଳ ୯.୦୭ ମିନିଟରେ ହୋଇଥିବା ବିମାନ ଦୁର୍ଘଟଣା ହୋଇଥିଲା। ତେବେ ଏହି ଭୟଙ୍କର ଦୁର୍ଘଟଣାର କାରଣ ଖୋଜୁଛନ୍ତି ଦକ୍ଷିଣ କୋରିଆ। ତଦନ୍ତକାରୀ ସଂସ୍ଥା। ମୋଟ୍ ୧୮୧ଜଣ ମଧ୍ୟରୁ ୧୭୯ ସାଉଥ୍ କୋରିଆ ଏବଂ ୨ଜଣ ଥାଇଲାଣ୍ଡର ଯାତ୍ରୀ ଥିଲେ।

ଜେଜୁ ଏୟାର ବୋଇଂ ୭୩୭-୮୦୦ ବିମାନଟି ବ୍ୟାଙ୍ଗକକରୁ ଫେରୁଥିବା ବେଳେ ଏହା ଦକ୍ଷିଣ କୋରିଆର ମୁଆନ ଅନ୍ତର୍ଜାତୀୟ ବିମାନବନ୍ଦରରେ ସକାଳ ସାଢ଼େ ୮ଟାରେ ଲ୍ୟାଣ୍ଡିଂ କରିବାର ଥିଲା। ହେଲେ ଅନ୍ତର୍ଜାତୀୟ ଗଣମାଧ୍ୟମ ରିପୋର୍ଟ ଅନୁସାରେ ଏକ ପକ୍ଷୀ ମାଡ଼ ହୋଇଯିବା କାରଣରୁ ବିମାନଟି ପ୍ରଥମ ପ୍ରୟାସରେ ଲ୍ୟାଣ୍ଡିଂ କରିବାକୁ ଅସମର୍ଥ ହୋଇଥିଲା। ଏହାପରେ ରନୱେରେ ଦ୍ରୁତ ଗତିର ଘୋଷାଡ଼ି ହୋଇଯିବା ସହ ଏକ ବିମାନବନ୍ଦର ବାଡ଼ରେ ଧକ୍କା ହୋଇ ଏହା ବିସ୍ଫୋରଣ ହୋଇଥିଲା। ଏହାପରଠାରୁ ଉଦ୍ଧାର କାର୍ଯ୍ୟ ଜାରି ରହିଥିବାବେଳେ ଦୁର୍ଘଟଣାର ପ୍ରକୃତ କାରଣ ଜାଣିବା ପାଇଁ ଏହାର ତଦନ୍ତ ଆରମ୍ଭ ହୋଇଛି।

ତେବେ ବିମାନରେ ପକ୍ଷୀ ମାଡ଼ ହେବା ପୂର୍ବରୁ ଏହାର ସମ୍ଭାବନାକୁ ନେଇ ଏୟାର ଟ୍ରାଫିକ କଣ୍ଟ୍ରୋଲରଙ୍କ ଦ୍ୱାରା ଆଲର୍ଟ ମଧ୍ୟ ଜାରି କରାଯାଇଥିଲା। ହେଲେ ଆଲର୍ଟ ଜାରି ହେବାର କେବଳ ଦୁଇ ମିନିଟ ମଧ୍ୟରେ ପ୍ଲେନଟି ଧ୍ୱଂସ ହୋଇଯାଇଥିଲା ବୋଲି କହିଛନ୍ତି ଦକ୍ଷିଣ କୋରିଆର ଜଣେ ବିମାନ ସେବା ଅଧିକାରୀ ଜୁ ଜୋଙ୍ଗ-ୱାନ। ଏହି ଦୁର୍ଘଟଣା ସମୟର ଭୟଙ୍କର ଭିଡିଓ ମଧ୍ୟ ସୋଶାଲ ମିଡିଆରେ ଭାଇରାଲ ହେଉଛି।

ନ୍ୟୁୟର୍କ ଟାଇମ ରିପୋର୍ଟ ଅନୁସାରେ ଗୁରୁତର ଅବସ୍ଥାରେ ଉଦ୍ଧାର ହୋଇଥିବା ଜଣେ କ୍ରୁ ସଦସ୍ୟ ତଦନ୍ତକାରୀ ଅଧିକାରୀଙ୍କୁ କହିଛନ୍ତି ଯେ ଏୟାରପୋର୍ଟରେ ଲ୍ୟାଣ୍ଡିଂ କରିବାର କିଛି ସମୟ ପୂର୍ବରୁ ବିମାନର ଗୋଟିଏ ଇଞ୍ଜିନ ବିସ୍ଫୋରଣ ହୋଇଥିଲା। ସ୍ଥାନୀୟ ଏକ ଟିଭି ଚ୍ୟାନେଲ ମଧ୍ୟ ଏହି ସମୟର ଭିଡିଓ ଦେଖାଇଛି। ତେବେ ବିମାନରେ ପକ୍ଷୀ ଧକ୍କା ହେବା ସହ ଦୁର୍ଘଟଣା ପାଇଁ ଆଉ କଣ ସବୁ କାରଣ ଥାଇପାରେ, ସେନେଇ ତଦନ୍ତ ଚାଲିଛି। ମୁଆନ ଅଗ୍ନିଶମ ବିଭାଗ ମୁଖ୍ୟ କହିଛନ୍ତି ଯେ ପ୍ରାଥମିକ ତଦନ୍ତରୁ ଜଣାପଡୁଛି ଯେ ପକ୍ଷୀଟିଏ ବିମାନରେ ଧକ୍କା ହେବା ଓ ପ୍ରତିକୂଳ ପାଗ କାରଣରୁ ଏହି ଦୁର୍ଘଟଣା ଘଟିଛି। ତେବେ ଦୁର୍ଘଟଣାର ପ୍ରକୃତ କାରଣ ତଦନ୍ତ ପରେ ସ୍ପଷ୍ଟ ହେବ। ବିମାନ ବନ୍ଦର କର୍ତ୍ତୃପକ୍ଷଙ୍କ ଅନୁଯାୟୀ, ବିମାନରେ କୌଣସି ପକ୍ଷୀ ମାଡ଼ ହେବା କିମ୍ବା ଲ୍ୟାଣ୍ଡିଂ ଫେଲ୍ ପାଇଁ ଏତେ ବଡ଼ ଦୁର୍ଘଟଣା ହୋଇଥିବା ଆଶଙ୍କା କରାଯାଉଛି। ବିମାନ ଦୁର୍ଘଟଣାକୁ ନେଇ ଥାଇଲାଣ୍ଡ ପ୍ରଧାନମନ୍ତ୍ରୀ ଗଭୀର ଦୁଃଖ ପ୍ରକାଶ କରିଛନ୍ତି।

## ୩୧ ଓ ୧ରେ ସିଂହଦ୍ୱାର ଦେଇ ପ୍ରବେଶ

ପୁରୀ, ୨୯।୧୨ (ମହାଭାରତ) ଦୁଇ ଦିନ ପରେ କ୍ୟାଲେଣ୍ଡର ନୂଆବର୍ଷ-୨୦୨୫ ଆସିବ। ନୂଆବର୍ଷ ପାଇଁ ଯୁବପି ଉତ୍ସାହିତ ଦେଖାଯାଇଛନ୍ତି। ମନ୍ଦିର, ପର୍ଯ୍ୟଟନ ସ୍ଥଳୀ, ହୋଟେଲ, ରେଷ୍ଟୁରାଣ୍ଟ, ପାର୍କ ଆଦି ସ୍ଥଳରେ ମଧ୍ୟ ପ୍ରସ୍ତୁତି କରାଯାଇଛି। ପୁରୀ ଶ୍ରୀମନ୍ଦିରରେ ମଧ୍ୟ ଲକ୍ଷାଧିକ ଭକ୍ତଙ୍କର ସମାଗମକୁ ଦୃଷ୍ଟିରେ ରଖି ପ୍ରସ୍ତୁତି ଚାଲିଛି। ପ୍ରବଳ ଭିଡ଼କୁ ଦୃଷ୍ଟିରେ ରଖି ୨୦୨୪ ଡିସେମ୍ବର ୩୧ (ମଙ୍ଗଳବାର) ଓ ୨୦୨୫ ଜାନୁଆରି ୧ (ବୁଧବାର) ଦିନ ସାଧାରଣ ଭକ୍ତମାନଙ୍କୁ କେବଳ ସିଂହଦ୍ୱାର ଦେଇ ଶ୍ରୀମନ୍ଦିର ଭିତରକୁ ପ୍ରବେଶ ପାଇଁ ଅନୁମତି ମିଳିବ। ଭକ୍ତମାନେ ଅନ୍ୟ ୩ଟି ଦ୍ୱାର ଦେଇ ଶ୍ରୀମନ୍ଦିରକୁ ପ୍ରବେଶ କରିପାରିବେ ନାହିଁ। କିନ୍ତୁ ପ୍ରସ୍ଥାନ କରିପାରିବେ। ଏନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଇଂରାଜୀ ନୂଆବର୍ଷରେ ଉଭୟ ଶ୍ରୀମନ୍ଦିର ଓ ବେଳାଭୂମିରେ ଲକ୍ଷାଧିକ ଭକ୍ତ ତଥା ପର୍ଯ୍ୟଟକଙ୍କ ସମାଗମ ହେବୟ ଭିଡ଼କୁ ଦୃଷ୍ଟିରେ ରଖି ଜିଲ୍ଲା ପୁଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ଶ୍ରୀମନ୍ଦିର ଭିତର, ବାହାର ସହ ବିଭିନ୍ନ ପର୍ଯ୍ୟଟନସ୍ଥଳୀ ଉପରେ ବି ନଜର ରଖାଯାଇଛି। ଭିଡ଼ ନିୟନ୍ତ୍ରଣ ଓ ଟ୍ରାଫିକ୍ ପରିଚାଳନା ପାଇଁ ଜିଲ୍ଲାରେ ୯୦ ଅଧିକାରୀଙ୍କ ସହ ୭୦ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯିବ।

# ଟ୍ରାଙ୍କୁଲାଇଜ୍ ପରେ ଜନ୍ତାରେ ବାଘୁଣୀ 'ଜିନ୍ନତ'

ଭୁବନେଶ୍ୱର, ୨୯।୧୨ (ମହାଭାରତ): ଝାରଖଣ୍ଡରୁ ଆସି ପଶ୍ଚିମବଙ୍ଗର ଘଞ୍ଚ ଜଙ୍ଗଲରେ ଘୁରି ବୁଲୁଥିଲା ବାଘୁଣୀ 'ଜିନ୍ନତ'। ଜମାରୁ ସେ ଶିମିଳିପାଳ ଅଭୟାରଣ୍ୟକୁ ଫେରୁନଥିଲା। ଯାହାକୁ ନେଇ ପଡ଼ିଯାଇଥିଲେ ଶିମିଳିପାଳ ପ୍ରାଣି ଉଦ୍ୟାନ୍ କର୍ତ୍ତୃପକ୍ଷ। ଦୀର୍ଘ ସମୟର ଲୁଚକାଳି ପରେ ଆଜି ବାଘୁଣୀ 'ଜିନ୍ନତ'କୁ ଟ୍ରାଙ୍କୁଲାଇଜ୍ କରାଯାଇଛି। 'ଜିନ୍ନତ' ଟ୍ରାଙ୍କୁଲାଇଜ୍ ନେଇ ସୂଚନା ଦେଇଛନ୍ତି ବାରିପଦା ଆରସିସିଏଫ ପ୍ରକାଶ ଗୋଗିନେନି। ଝାଡ଼ଖଣ୍ଡ ଛାଡ଼ିବା ପରେ 'ଜିନ୍ନତ' ପଶ୍ଚିମବଙ୍ଗର ଝାରଗ୍ରାମ, ପୁରୁଲିଆ ଦେଇ ବାଙ୍କୁରା ଜିଲ୍ଲାରେ ଘୁରି ବୁଲୁଥିଲା। ତା'ର ଗତିବିଧି ଉପରେ ଓଡ଼ିଶା ଓ ପଶ୍ଚିମବଙ୍ଗ ବନ ବିଭାଗ ନଜର ରଖିଥିଲେ। 'ଜିନ୍ନତ' ଶିମିଳିପାଳ ଫେରୁନଥିବାରୁ ଟ୍ରାଙ୍କୁଲାଇଜ୍ କରିବା ପାଇଁ ବନ ବିଭାଗ ନିଷ୍ପତ୍ତି ନେଇଥିଲା। ତେଣୁ ଟ୍ରାଙ୍କୁଲାଇଜ୍ ପାଇଁ ସ୍ୱତନ୍ତ୍ର ଟିମ୍ ବାଙ୍କୁରା ଯାଇଥିଲା। ହେଲେ ବନ ବିଭାଗ କର୍ମଚାରୀଙ୍କୁ ଚକ୍କା ଦେଇ ଲୁଚି ଯାଉଥିଲା 'ଜିନ୍ନତ'। ଯାହାଫଳରେ ଟ୍ରାଙ୍କୁଲାଇଜ୍ କରାଯାଇ ପାରୁନଥିଲା।



ଡ୍ରୋନ୍ ମାଧ୍ୟମରେ 'ଜିନ୍ନତ'ର ଲୋକେସନ ଟ୍ରାକ୍ କରାଯାଇଥିଲା। ଲୋକେସନ୍ ମିଳିବା ପରେ ଜିନ୍ନତ ଘୁରି ବୁଲୁଥିବା ଅଞ୍ଚଳକୁ ଚାରିପାଖରୁ ଜାଲ ବିଛା ଯାଇଥିଲା। ତା'ପରେ ଜିନ୍ନତକୁ ଲକ୍ଷ୍ୟ କରି ଟ୍ରାଙ୍କୁଲାଇଜର କରିଥିଲେ ବନ ବିଭାଗ ଟିମ୍। ଟ୍ରାଙ୍କୁଲାଇଜ୍ ପରେ ଜିନ୍ନତକୁ ପଶ୍ଚିମବଙ୍ଗର ଆଲିପୁର ଚିଡ଼ିଆଖାନାକୁ ନିଆଯାଇଛି। ସେଠାରେ ତାର ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ। ତା'ପରେ ତାକୁ ଶିମିଳିପାଳ ଅଭୟାରଣ୍ୟକୁ ଫେରାଇ ଅଣାଯିବ। ବର୍ତ୍ତମାନ ବାଘୁଣୀ ଜିନ୍ନତ ସମ୍ପୂର୍ଣ୍ଣ ସୁସ୍ଥ ଥିବା ବାରିପଦା ଜଉଉର ପ୍ରକାଶ ଗୋଗିନେନି କହିଛନ୍ତି।

# ଓସିଏ ସଭାପତି ପଦରୁ ବବି ଦାସଙ୍କ ଇସ୍ତଫା

ଭୁବନେଶ୍ୱର, ୨୯।୧୨ (ମହାଭାରତ): ଓସିଏ୍ ସଭାପତି ପଦରୁ ଇସ୍ତଫା ଦେଇଛନ୍ତି ବିଜେଡି ନେତା ପ୍ରଣବ ପ୍ରକାଶ ଦାସ ଓରଫ୍ ବବି। ବ୍ୟକ୍ତିଗତ କାରଣ ପାଇଁ ସେ ଇସ୍ତଫା ଦେଇଛନ୍ତି। ଆଜି ଏନେଇ ଘୋଷଣା କରିଛନ୍ତି ଓସିଏ ସମ୍ପାଦକ ସଞ୍ଜୟ ବେହେରା। ଓସିଏ ସମ୍ପାଦକ ସଞ୍ଜୟ ବେହେରା କହିଛନ୍ତି, ୪୫ ଦିନ ଭିତରେ ନୂଆ ସଭାପତି ନିର୍ବାଚନ ହେବ। ନିର୍ବାଚନ ପର୍ଯ୍ୟନ୍ତ ଉପସଭାପତି ପଙ୍କଜ ଲୋଚନ ମହାନ୍ତି ଦାୟିତ୍ୱ ସମ୍ଭାଳିବେ। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରତିନିଧି ଭାବେ ସଭାପତି ପଦକୁ ଆସିଥିଲେ। ସେ ବେଶୀ ସମୟ ଦେଇପାରୁନ ଥିଲେ ବୋଲି ସଞ୍ଜୟ ବେହେରା କହିଛନ୍ତି।



ସୂଚନାଯୋଗ୍ୟ, ଓଡ଼ିଶା କ୍ରିକେଟ ସଂଘ (ଓସିଏ)ର ପରବର୍ତ୍ତି ସଭାପତି ଭାବେ ଯାଜପୁରର ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ (ବବି)ଙ୍କ ନାମରେ ୨୦୨୨ ଅକ୍ଟୋବର ୨୮ ତାରିଖଷର ଔପଚାରିକ ମୋହର ଲାଗିଥିଲା। ସେହି ସମୟରେ ଓସିଏର ସାଧାରଣ ପରିଷଦ ବୈଠକରେ ପ୍ରଣବଙ୍କ ସହିତ ସମସ୍ତ ଅପ୍ରତିଦ୍ୱନ୍ଦ୍ୱୀ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଥିଲା। ପୂର୍ବରୁ ଏହି ପଦରେ ସଞ୍ଜୟ ବେହେରା ରହିଥିଲେ। ତେବେ ପ୍ରଣବ ସଭାପତି ଦାୟିତ୍ୱ ନେବାପରେ ଓସିଏର କାର୍ଯ୍ୟ କରିବା ଢାଞ୍ଚାରେ ପରିବର୍ତ୍ତନ ଆସିଥିଲା। ଏହାର ପ୍ରଭାବ ଖେଳାଳିଙ୍କ ପ୍ରଦର୍ଶନ ଉପରେ ପଡୁଥିବା ମଧ୍ୟ କୁହାଯାଉଥିଲା। ଗତ ଦୁଇ ବର୍ଷରେ ଓଡ଼ିଶା ଟିମ୍ କୌଣସି ଆଖିଦୃଶିଆ ପ୍ରଦର୍ଶନ ମଧ୍ୟ କରିପାରିନଥିଲା। ଫଳରେ ଗତ ଜୁଲାଇ ମାସରେ ପ୍ରଣବଙ୍କ ଇସ୍ତଫା ଦାବି ମଧ୍ୟ କରାଯାଇଥିଲା। ଶେଷରେ ପ୍ରବଣ ଓସିଏ ସଭାପତି ପଦରୁ ଇସ୍ତଫା ଦେଇଛନ୍ତି। କିନ୍ତୁ ଇସ୍ତଫାର କାରଣ ବ୍ୟକ୍ତିଗତ ବୋଲି ଦର୍ଶାଯାଇଛି। ସେପଟେ କିନ୍ତୁ ଇସ୍ତଫା ନେଇ ପ୍ରଣବ ପ୍ରକାଶ ଦାସଙ୍କ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ ।

# ଧନୁଯାତ୍ରା ଲାଗି ଅନୁଦାନ ରାଶି ବଢ଼ିଲା

ଭୁବନେଶ୍ୱର/ବରଗଡ଼, ୨୯।୧୨ (ମହାଭାରତ): ବରଗଡ଼ର ବିଶ୍ୱପ୍ରସିଦ୍ଧ ଧନୁଯାତ୍ରା ଲାଗି ରାଜ୍ୟ ସରକାର ଅନୁଦାନ ରାଶି ଦେ କୋଟିକୁ ବୃଦ୍ଧି କରିଛନ୍ତି। ଏନେଇ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ଓଡ଼ିଶା ସରକାରଙ୍କ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ। ଧନୁଯାତ୍ରା ରେ ଏଥର ଓଡ଼ିଆ ଅସ୍ମିତାର ଝଲକ ଦେଖିବାକୁ ମିଳିବ। ଏହି ବର୍ଦ୍ଧିତ ଅନୁଦାନ ପାଇଁ ପ୍ରମୁଖ ୧୭୦ କଳାକାରଙ୍କୁ ୧୦ ହଜାର ଟଙ୍କା ଲେଖାଏଁ ସମ୍ମାନ ରାଶି ମିଳିବୟ ଧନୁଯାତ୍ରାକୁ ୟୁନେସ୍କୋ ଐତିହ୍ୟ ମାନ୍ୟତା ପାଇଁ ବିଶେଷଜ୍ଞ କମିଟି ଗଠନ ହୋଇଛି। ସେହିପରି ଧନୁଯାତ୍ରା ସମ୍ପର୍କିତ ସମସ୍ତ ତଥ୍ୟ ଲାଗି ସରକାର ସ୍ୱତନ୍ତ୍ର ୱେବସାଇଟ୍ ନିର୍ମାଣ କରୁଥିବା ବେଳେ ରାଜ୍ୟବ୍ୟାପି ଏଲଇଡି ପରଦାରେ ଧନୁଯାତ୍ରାର ସିଧାପ୍ରସାରଣ ପାଇଁ ମଧ୍ୟ ପଦକ୍ଷେପ ନେଇଛନ୍ତି। ସେ କହିଛନ୍ତି, ଧନୁଯାତ୍ରା ରେ ଏଥର ଓଡ଼ିଆ ଅସ୍ମିତାର ଝଲକ ଦେଖିବାକୁ ମିଳିବୟ ଏହି ବର୍ଦ୍ଧିତ ଅନୁଦାନ ପାଇଁ ପ୍ରମୁଖ ୧୭୦ କଳାକାରଙ୍କୁ ୧୦ ହଜାର ଟଙ୍କା ଲେଖାଏଁ ସମ୍ମାନ ରାଶି ମିଳିବ।

# ୩ ଜିଲ୍ଲାରେ ଉଜୁଡ଼ା ଚାଷ ଦେଖିଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୯।୧୨ (ମହାଭାରତ): ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ରାଜ୍ୟରେ ଘଟିଥିବା ଅଦିନିଆ। ବର୍ଷା ଜନିତ କ୍ଷୟକ୍ଷତିର ସ୍ଥିତି ଅନୁଧ୍ୟାନ ପାଇଁ ନୟାଗଡ, ଗଜପତି ଓ ଗଞ୍ଜାମ ଜିଲ୍ଲା ଗସ୍ତ କରି ସବୁ କ୍ଷତିଗ୍ରସ୍ତ ଚାଷୀ ମାନଙ୍କୁ ନିଶ୍ଚୟ ସହାୟତା ମିଳିବ ବୋଲି ଆଶ୍ୱାସନା ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସହିତ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ମଧ୍ୟ କ୍ଷତିଗ୍ରସ୍ତ ଜିଲ୍ଲା ଗୁଡ଼ିକ ବୁଲି ଦେଖିଥିଲେ । ଗସ୍ତ କାର୍ଯ୍ୟକ୍ରମର ଶେଷ ପର୍ଯ୍ୟାୟ ଛତ୍ରପୁର ଠାରେ ମୁଖ୍ୟମନ୍ତ୍ରୀ କ୍ଷୟକ୍ଷତି ସମ୍ବନ୍ଧରେ ସମୀକ୍ଷା କରି ବୀମା ଭୁକ୍ତ ଚାଷୀ ମାନଙ୍କ ପାଇଁ କ୍ଷୟକ୍ଷତି ସଂପର୍କରେ ଜଣାଇବା ସମୟ ଅବଧିକୁ ଆଉ ଗୋଟିଏ ଦିନ ବୃଦ୍ଧି କରିଛନ୍ତି। ଏହି ସମୟ ରବିବାର ପର୍ଯ୍ୟନ୍ତ ଥିବା ବେଳେ ଏହା ଆସନ୍ତା କାଲି ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ରାଜ୍ୟର କ୍ଷତିଗ୍ରସ୍ତ ହୋଇଥିବା ଜିଲ୍ଲା ଗୁଡିକର ଜିଲ୍ଲାପାଳମାନଙ୍କୁ ପୁନଃ ଆକଳନ ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ ଯେ ଆସନ୍ତା ୩୦ ତାରିଖ ସୁଦ୍ଧା କ୍ଷୟ କ୍ଷତିର ରିପୋର୍ଟ ଦେବା ପାଇଁ ଅଧିକାରୀ ମାନଙ୍କୁ ପୂର୍ବରୁ ନିର୍ଦ୍ଦେଶ ଦିଆଯାଇଛି।



ସଠିକ ଆକଳନ ତଥ୍ୟ ମିଳିବା ପରେ ଚାଷୀ ମାନଙ୍କୁ ସହାୟତା ରାଶି ମିଳିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ନଭେମ୍ବର ୨୦ ତାରିଖରୁ ଅଦିନିଆ ବର୍ଷା ଲାଗି ରହିବାରୁ ରାଜ୍ୟର ଅନେକ ଜିଲ୍ଲାରେ ଧାନ ଫସଲ ସମେତ ପନିପରିବା ଇତ୍ୟାଦି ନଷ୍ଟ ହୋଇ ଚାଷୀ ମାନେ ଅନେକ କ୍ଷୟକ୍ଷତିର ସମ୍ମୁଖୀନ ହୋଇଛନ୍ତି। ଏ ସଂପର୍କରେ ଗତକାଲି ଲୋକସେବା ଭବନ ଠାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଆଜି ମୁଖ୍ୟମନ୍ତ୍ରୀ ଏବଂ ଅନ୍ୟ ବରିଷ୍ଠ ମନ୍ତ୍ରୀ ମାନେ କ୍ଷତିଗ୍ରସ୍ତ ହୋଇଥିବା ବିଭିନ୍ନ ଜିଲ୍ଲା ଗସ୍ତ କରି କ୍ଷୟକ୍ଷତି ସ୍ଥିତି ଅନୁଧ୍ୟାନ କରିଛନ୍ତି।

ଆଜି ମୁଖ୍ୟମନ୍ତ୍ରୀ ପ୍ରଥମେ ନୟାଗଡ ଜିଲ୍ଲା ରଣପୁର ବ୍ଲକର ମଝିଆଖଣ୍ଡ ଓ କାଣ୍ଡପଡା ଗ୍ରାମ ପଞ୍ଚାୟତ ଚାଷ ଜମି ବୁଲି ଦେଖିଥିଲେ ପୋର୍ଟାଲର ତଥ୍ୟ ଅନୁଯାୟୀ ଜିଲ୍ଲାରେ ୬୩୫୦ ହେକ୍ଟରର ଚାଷ ଜମିରେ କ୍ଷୟକ୍ଷତି ଘଟିଛି। ମୁଖ୍ୟମନ୍ତ୍ରୀଙ୍କ ସହ ସ୍ଥାନୀୟ ବିଧାୟକ ତଥା ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ ଉପସ୍ଥିତ ଥିଲେ।

ଗଜପତି ଜିଲ୍ଲା ଗୋଷାଣି ବ୍ଲକର ଉପଲଡା ଗ୍ରାମ ପଞ୍ଚାୟତ ଓ ଗୁରାଣ୍ଡି ଗ୍ରାମ ପଞ୍ଚାୟତ ଅଞ୍ଚଳର ଚାଷ ଜମିର କ୍ଷୟକ୍ଷତିକୁ ମଧ୍ୟ ମୁଖ୍ୟମନ୍ତ୍ରୀ ବୁଲି ଦେଖିଛନ୍ତି ଜିଲ୍ଲାରେ ୨୧୨୮.୫୮୬ ହେକ୍ଟର ଚାଷ ଜମିର ଫସଲ ନଷ୍ଟ ହୋଇଛି। ସେହିଭଳି ଜିଲ୍ଲାରେ ୧୨୧.୧୨୨ ହେକ୍ଟର ଜମିରେ କଟା ନ ହୋଇଥିବା ଧାନ ମଧ୍ୟ ନଷ୍ଟ ହୋଇଛି। ଗଞ୍ଜାମ ଜିଲ୍ଲା ଛତ୍ରପୁର ବ୍ଲକର ଲକ୍ଷ୍ମୀପୁର ପଞ୍ଚାୟତର ନାଉଳି ଏବଂ ରଙ୍ଗେଇଲୁଣ୍ଡା ଗ୍ରାମ ପଞ୍ଚାୟତର ଗଉଁଜୁ ଅଞ୍ଚଳର ଚାଷ ଜମିର କ୍ଷୟକ୍ଷତିକୁ ମଧ୍ୟ ମୁଖ୍ୟମନ୍ତ୍ରୀ ବୁଲି ଦେଖିଛନ୍ତି। ଜିଲ୍ଲାର ୩୭,୮୦୦ ହେକ୍ଟର ଜମିରେ ଖରିଫ ଫସଲ ନଷ୍ଟ ହୋଇଥିବା ବେଳେ ୮୨୨ ହେକ୍ଟର ଜମିରେ ପନିପରିବା ନଷ୍ଟ ହୋଇଛି ଏବଂ ଜିଲ୍ଲାର ୬୧୫୪୦ ଚାଷୀ ଏହି ଅଦିନିଆ। ବର୍ଷା ଦ୍ୱାରା ପ୍ରଭାବିତ ହୋଇଛନ୍ତି। ଏହି ସମସ୍ତ ଅଞ୍ଚଳରେ ମୁଖ୍ୟମନ୍ତ୍ରୀ ଚାଷୀଙ୍କ ଜମି ନିକଟକୁ ଯାଇ ସେମାନଙ୍କ ସହିତ ମିଶି କ୍ଷୟକ୍ଷତି ବୁଲି ଦେଖିଥିଲେ।

ଛତ୍ରପୁର ଠାରେ ସମୀକ୍ଷା ବୈଠକ ପରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଚାଷୀ ଭାଇ ଭଉଣୀନେ ହେଉଛନ୍ତି ଆମ ଦେଶର ମେରୁଦଣ୍ଡ। ଆମର ଅନ୍ନଦାତା। ଅଦିନିଆ। ବର୍ଷା ଯୋଗୁ ସେମାନଙ୍କର ବହୁ କ୍ଷତି ଘଟିଛି। ସରକାର ଚାଷୀ ମାନଙ୍କ ସହିତ ଅଛନ୍ତି ଓ ନିଶ୍ଚୟ ସେମାନଙ୍କୁ ସହାୟତା ପ୍ରଦାନ କରାଯିବ। ଯେଉଁ ସବୁ ଜିଲ୍ଲାରେ ବର୍ଷାଜନିତ ଫସଲ କ୍ଷୟକ୍ଷତି ଘଟିଛି, ସେ ସବୁ ଜିଲ୍ଲା ମାନଙ୍କରେ ପଞ୍ଜୀକୃତ ନ ହୋଇଥିବା ଆହୁରି ବହୁତ କ୍ଷତିଗ୍ରସ୍ତ ଚାଷୀ ରହିଯାଇଛନ୍ତି ।

# 'ମନ୍ କି ବାତ୍'ରେ କଳାହାଣ୍ଡି ଚାଷୀ

ଭୁବନେଶ୍ୱର, ୨୯।୧୨ (ମହାଭାରତ): ଆଜିର ଆଧୁନିକ ଯୁଗରେ ଯୁବ ଗୋଷ୍ଠୀ ଚାଷ ପ୍ରତି ଆଗ୍ରହ ପ୍ରକାଶ କରୁନଥିବା ବେଳେ କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକର ଜଣେ ଯୁବଚାଷୀ କୃଷ୍ଣଚନ୍ଦ୍ର ନାଗ ଟମାଟୋ ଚାଷ କରି ନିଜେ ସ୍ୱାବଲମ୍ବୀ ହେବା ସହିତ ଅଞ୍ଚଳର ୧୫୦ରୁ ଉର୍ଦ୍ଧ୍ୱ ଲୋକଙ୍କୁ ନିଜ ବଗିଚାରେ କାମ ଯୋଗାଇ ଦେଇ ସ୍ୱାବଲମ୍ବୀ ହେବାର ରାସ୍ତା ଦେଖାଇଛନ୍ତି। ତାଙ୍କର ଏହି ପ୍ରୟାସକୁ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମନ୍ କି ବାତ କାର୍ଯ୍ୟକ୍ରମରେ ସ୍ଥାନ କହିଛନ୍ତି।

ପ୍ରଧାନମନ୍ତ୍ରୀ ମୋଦୀ କହିଥଲେ ଯେ, କଳାହାଣ୍ଡି ଜିଲ୍ଲାର ଜଣେ ଚାଷୀଙ୍କ ପ୍ରୟାସ ପ୍ରଶଂସନୀୟ ହୋଇପାରିଛି। କମ୍ ପାଣି ଏବଂ କମ୍ ସଂସାଧନ ସତ୍ତ୍ୱେ ସଫଳତାର ନୂତନ କାହାଣୀ ଲେଖୁଛି। ଏହା ହେଉଛି କଳାହାଣ୍ଡିର ସବଜି କ୍ରାନ୍ତି। ବା ପରିବା ବିପ୍ଳବ ସମୟ ଥିଲା ଯେଉଁଠି କୃଷକ ପଳାୟନ କରିବାକୁ ବାଧ ହେଉଥିଲା ଆଜି ସେଇଠି ଏକ ପରିବା ଭଣ୍ଡାରରେ ପରିଣତ ହୋଇଛି। ଏ ପରିବର୍ତ୍ତନ କିପରି ଆସିଲା ? ଏହାର ଆରମ୍ଭ ମାତ୍ର ୧୦ ଜଣ କୃଷକଙ୍କ ଗୋଟିଏ ଛୋଟିଆ। ସମୂହ ଦ୍ୱାରା ହୋଇଥିଲା। ସେମାନେ ମିଳିମିଶି ଗୋଟିଏ ଏଫପିଓ ବା କିଷାନ୍ ଉତ୍ପାଦକ ସଂଗଠନ ସ୍ଥାପନ କରିଥିଲେ। ଚାଷରେ ଆଧୁନିକ କୌଶଳ ପ୍ରୟୋଗ କରିବା ଆରମ୍ଭ କଲେ ଏବଂ ଆଜି ସେମାନଙ୍କର ଏହି ଏଫପିଓ କୋଟି କୋଟି ଟଙ୍କାର କାରବାର କରୁଛି। ଆଜି ୨୦୦ରୁ ଅଧିକ କୃଷକ ଏହି ଏଫପିଓ ସହ ଯୋଡ଼ି ହୋଇଛନ୍ତି, ଯେଉଁମାନଙ୍କ ମଧ୍ୟରେ ୪୫ ଜଣ ମହିଳା ଚାଷୀ ମଧ୍ୟ ଅଛନ୍ତି। ଏହି ଲୋକମାନେ ମିଶି ୨୦୦ ଏକର ଜମିରେ ବିଲାତିବାଇଗଣ ଚାଷ କରୁଛନ୍ତି ଏବଂ ୧୫୦ ଏକର ଜମିରେ କଲରା ଉତ୍ପାଦନ କରୁଛନ୍ତି। ଏବେ ଏହି ଏଫପିଓର ବାର୍ଷିକ କାରବାର ରାଶି ଦେଢ଼ କୋଟିରୁ ଅଧିକ ହୋଇଗଲାଣି। ଆଜି କଳାହାଣ୍ଡିର ପରିବା ଖାଲି ଓଡ଼ିଶାରେ ନୁହେଁ, ବରଂ ଅନ୍ୟ ରାଜ୍ୟମାନଙ୍କରେ ମଧ୍ୟ ପହଞ୍ଚୁଛି ଏବଂ ସେଠିକାର କୃଷକମାନେ ଏବେ ଆଳୁ ଏବଂ ପିଆଜ ଚାଷର ନୂତନ ପ୍ରଣାଳୀ ଶିଖୁଛନ୍ତି।

ପ୍ରଧାନମନ୍ତ୍ରୀ ମୋଦୀ କହିଥିଲେ କଳାହାଣ୍ଡିର ଏହି ସଫଳତା ଆମକୁ ଶିଖାଉଛି ଯେ ସଂକଳ୍ପ, ଶକ୍ତି ଏବଂ ସାମୂହିକ ପ୍ରଚେଷ୍ଟା ଦ୍ୱାରା କଣ କରାଯାଇ ନ ପାରେ। ମୁଁ ଆପଣ ସମସ୍ତଙ୍କୁ ଅନୁରୋଧ କରୁଛି, ନିଜ ଅଞ୍ଚଳରେ ଏଫପିଓ ଗଠନକୁ ଉତ୍ସାହିତ କରନ୍ତୁ। କୃଷକ ଉତ୍ପାଦକ ସଂଗଠନଗୁଡ଼ିକ ସହିତ ଯୋଡ଼ିହୁଅନ୍ତୁ ଏବଂ ସେଗୁଡ଼ିକୁ ମଜଭୁତ କରନ୍ତୁ। ଛୋଟ ପ୍ରୟାସରୁ ମଧ୍ୟ ବଡ଼ ପରିବର୍ତ୍ତନ ସମ୍ଭବ ହୁଏ। ଖାଲି ଆମର ଦୃଢ଼ ସଂକଳ୍ପ ଏବଂ ସାମୂହିକ ଭାବନାର ଆବଶ୍ୟକତା ରହିଛି।





କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ସାନଚେରଗାଁର ଯୁବ ଚାଷୀ କୃଷ୍ଣଚନ୍ଦ୍ର ନାଗ ୨୦୦୮ ମସିହାରେ ପ୍ରଥମେ ୨୦ରୁ ୨୫ ଡିସମିଲ ଜମିରେ ଟମାଟୋ ଚାଷ ଆରମ୍ଭ କରିଥିଲେ। ସେତେବେଳେ ସେ ୭୨ କୁଇଣ୍ଟାଲ ଟମାଟୋ ଉତ୍ପାଦନ କରୁଥିଲେ। କିନ୍ତୁ ନିଜ ଖାଲୁଆ। ଜମିକୁ ସମୁଚ୍ଚ କରି ଚଳିତ ବର୍ଷ ୨୦୦ ଏକର ଜମିରେ ଆଧୁନିକ ପ୍ରଣାଳୀରେ ଟମାଟୋ ଚାଷ କରିଛନ୍ତି। ଏଥିରୁ ସେ ୧.୫ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ରୋଜଗାର କରିବାର ଲକ୍ଷ୍ୟ ରଖିଛନ୍ତି। ଶ୍ରୀ ନାଗ ଚଳିତ ବର୍ଷ ୧୫୦ ଏକର ଜମିରେ କଲରା ଚାଷ କରି ୩୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ରୋଜଗାର କରି ପାରିଛନ୍ତି। କମ ସାରରେ ଜୈବିକ ପଦ୍ଧତିରେ ଚାଷ କରୁଥିବାରୁ ତାଙ୍କର ଟମାଟୋ ପଶ୍ଚିମ ଓଡ଼ିଶାରେ ବେଶ ଚାହିଦା ରହିଛି। ଛତିଶଗଡ଼ର ବ୍ୟବସାୟୀମାନେ ତାଙ୍କ ବଗିଚାକୁ ଆସି ଟମାଟୋ ଓ କଲରା ନେଇଥାନ୍ତି। ଯୁବ ଚାଷୀଙ୍କ ଚାଷ ଓ କୃଷୀ ପ୍ରଣାଳୀକୁ ଦେଖିବାକୁ ବିଭିନ୍ନ କୃଷି ମହାବିଦ୍ୟାଳୟ ଛାତ୍ରଛାତ୍ରୀ, ରାଜ୍ୟ ତଥା ରାଜ୍ୟ ବାହାର କୃଷି ବିଭାଗର ଟିମ ମଧ୍ୟ ଚାଷ କାର୍ଯ୍ୟ ଦେଖିବାକୁ ଆସିଥାନ୍ତି। ଗୋଲାମୁଣ୍ଡା ବ୍ଲକର ଲୋକେ ବାହାର ରାଜ୍ୟକୁ ଦାଦନ ଖଟି ଯାଉଥିବା ବେଳେ ସାନଚେରଗାଁ ଭଳି ଏକ ଗାଉଁଲି ଗ୍ରାମରେ ସେ ଏକ ଉଚ୍ଚ ଶିକ୍ଷିତ ଯୁବକ ହୋଇ ଚାଷ କାର୍ଯ୍ୟକୁ ଜୀବିକା କରିବା ସହିତ ୧୫୦ରୁ ଉର୍ଦ୍ଧ୍ୱ ପରିବାରକୁ ପ୍ରତିପୋଷଣ କରିବାରେ ବଡ଼ ସହଯୋଗ କରୁଛନ୍ତି।

# ୪ ଡାକ୍ତର ବହିଷ୍କୃତ

ବ୍ରହ୍ମପୁର, ୨୯।୧୨ : ବ୍ରହ୍ମପୁର ଏମକେସିଜି ମେଡିକାଲ କଲେଜର ପିଜି ହଷ୍ଟେଲରେ ଡାକ୍ତରୀ ଛାତ୍ରଙ୍କୁ ମାଡ଼ ଘଟଣାରେ ୪ ଜଣ ଡାକ୍ତରଙ୍କୁ ବହିଷ୍କାର କରାଯାଇଛି। ଏମକେସିଜି ମେଡିକାଲ କଲେଜ ଡିନ୍ ଓ ଅଧକ୍ଷଙ୍କ କାର୍ଯ୍ୟାଳୟ ପକ୍ଷରୁ ଏନେଇ ଆଜି ନିର୍ଦ୍ଦେଶ ଜାରି କରାଯାଇଛି। ବହିଷ୍କୃତ ୪ ଡାକ୍ତର ହେଉଛନ୍ତି- ଅସ୍ଥିଶଲ୍ୟ ବିଭାଗର ଚୁକ୍ତିଭିତ୍ତିକ ସହକାରୀ ପ୍ରଫେସର ଡାକ୍ତର ପୁରୁଷୋତ୍ତମ ସ୍ୱାଇଁ, ଅସ୍ଥିଶଲ୍ୟ ବିଭାଗର ଚୁକ୍ତିଭିତ୍ତିକ ସିନିୟର ରେସିଡେଣ୍ଟ ଡାକ୍ତର ଆର୍ଯ୍ୟନ କୁମାର ମହାନ୍ତି ଓ ଡାକ୍ତର ଚିନ୍ମୟ ପ୍ରଧାନ ଏବଂ ଜେନେରାଲ ସର୍ଜରୀ ବିଭାଗର ପୋଷ୍ଟ ପିଜି ସିନିୟର ରେସିଡେଣ୍ଟ ଡାକ୍ତର ଯଶବନ୍ତ ବୀର। ଏହା ସହିତ ଅସ୍ଥିଶଲ୍ୟ ବିଭାଗର ଦ୍ୱିତୀୟ ବର୍ଷ ପିଜି ରେସିଡେଣ୍ଟ ଡାକ୍ତର ପ୍ରିୟଜୀତ ସାହୁଙ୍କ ଉପରେ ମଧ୍ୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ତାଙ୍କୁ ୬ ମାସ ପାଇଁ ହଷ୍ଟେଲରୁ ବାହାରିଯିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଦୁଇ ଦିନ ଭିତରେ ଏହି ୫ ଡାକ୍ତରଙ୍କୁ ହଷ୍ଟେଲ ଖାଲି କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

# ଘାଟିରେ ଓଲଟିଲା ବସ୍, ୪ ମୃତ



ଜୟପୁର, ୨୯।୧୨ (ମହାଭାରତ): କୋରାପୁଟ ଜିଲ୍ଲା ବୈପାରୀଗୁଡ଼ା ଥାନା ଡକରି ଘାଟିର ସୁକୁ ନାଳ ନିକଟରେ ଏକ ବସ୍ ଓଲଟି ପଡ଼ିବାରୁ ୪ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୨୮ ଜଣ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରେ ଛୋଟ ଛୁଆ ମଧ୍ୟ ଅଛନ୍ତି। ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ଏହି ଦୁର୍ଘଟଣାରେ ମୃତାହତଙ୍କ ଅମର ଆତ୍ମାର ସଦଗତି କାମନା କରିବା ସହ ପରିବାରବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି। ମୃତକଙ୍କ ପରିବାରକୁ ୨ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି। ଏଥିସହ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଗୁରୁତର ଆହତଙ୍କ ତୁରନ୍ତ ଚିକିତ୍ସା ବ୍ୟବସ୍ଥା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

କଟକ, ନିଆଳି, ନିମାପଡ଼ା ଓ ଭୁବନେଶ୍ୱରରୁ କିଛି ପରିବାର ଗତ ଶୁକ୍ରବାର ଏକ ବସ୍ ଭଡ଼ା କରି ରାଜ୍ୟର ବିଭିନ୍ନ ମନ୍ଦିର ଦର୍ଶନ ପାଇଁ ବାହାରିଥିଲେ। ବସରେ ୪୦ରୁ ଅଧିକ ଯାତ୍ରୀ ଥିଲେ। ସେମାନେ ଗତକାଲି କଳାହାଣ୍ଡିରେ ମା' ମାଣିକେଶ୍ୱରୀଙ୍କ ଦର୍ଶନ କରିବା ପରେ କୋରାପୁଟର ପ୍ରସିଦ୍ଧ ଶୈବପୀଠ ଗୁପ୍ତେଶ୍ୱର ଅଭିମୁଖେ ବାହାରିଥିଲେ। ଆଜି ସକାଳେ ସେମାନେ ବାବା ଗୁପ୍ତେଶ୍ୱରଙ୍କ ଦର୍ଶନ କରିଥା'ନ୍ତେ। ତେବେ ଭୋରରେ ବସଟି ଡକରି ଘାଟି ପାର ହେଉଥିବା ବେଳେ ସୁକୁ ନାଳ ନିକଟରେ ଓଲଟି ପଡ଼ିଥିଲା। ଘଟଣାସ୍ଥଳରେ ୨ ଜଣଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଆଉ ୨ ଜଣ ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତରଖାନାରେ ପ୍ରାଣ ହରାଇଛନ୍ତି। ଆହତମାନଙ୍କ ମଧ୍ୟରୁ ପ୍ରାୟ ୧୦ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ଜଣେ ନାବାଳିକାଙ୍କର ଗୋଟିଏ ଗୋଡ଼ ଓ ଗୋଟିଏ ହାତ କଟି ଯାଇଛି।

ଘଟଣା ସମ୍ପର୍କରେ ଖବର ପାଇ ସେଠାରେ ତୁରନ୍ତ ପହଞ୍ଚିଥିଲେ ରାମଗିରି ୧୮୦ ବାଟାଲିୟନ ବିଏସଏଫ୍ ଯବାନୟ ସେମାନେ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ପରେ ପରେ କୋରାପୁଟ ସ୍ଥିତ ଓଡ୍ରାଫ ଟିମ୍ ସହ ସ୍ଥାନୀୟ ଯୁବକ ମାନେ ଆସି ଉଦ୍ଧାର କାର୍ଯ୍ୟରେ ସହଯୋଗ କରିଥିଲେ। ବିଏସଏଫ୍ ଆମ୍ବୁଲାନ୍ସ ସହ ବୈପାରିଗୁଡ଼ା ଓ ଜୟପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଆମ୍ବୁଲାନ୍ସ ଦ୍ୱାରା ଆହତମାନଙ୍କୁ ବୈପାରିଗୁଡ଼ା, ଜୟପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ କୋରାପୁଟ ସ୍ଥିତ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲକୁ ନିଆଯାଇଥିଲା।

## ମାଣ୍ଡିଆ ରସାବଳି



**ଆବଶ୍ୟକ ସାମଗ୍ରୀ:** ରାବିଡି ପାଇଁ ନିଅନ୍ତୁ ଗୋଟିଏ ଲିଟର କ୍ଷୀର, ମାଣ୍ଡିଆ ୩ ଚାମଚ, ସୁଜି ଗୋଟେ ଚାମଚ, ଚିନି ଗୋଟେ ଚାମଚ, ତିନୋଟି ଗୁଜୁରାତ

**ପ୍ରସ୍ତୁତି ପ୍ରଣାଳୀ:** ମାଣ୍ଡିଆ, ସୁଜି, ଚିନିକୁ ପକାଇ ମିଶାନ୍ତୁ । ଏବେ ଏଥିରେ ପାଣି ଦେଇ ଗୋଳାନ୍ତୁ । ଏବେ ସେଥିରେ ଗୁଜୁରାତି ୩ଟି ଗୁଣ୍ଡ କରି ପକାଇ ଦିଅନ୍ତୁ । ଏବେ ଏଥିରେ ଟିକେ ଲୁଣ ପକାଇ ମିଶାନ୍ତୁ ।

ଗ୍ୟାସରେ ଗୋଟେ ପ୍ୟାନ ବସାନ୍ତୁ । ଏବେ ଏଥିରେ ଦୁଇ ଚାମଚ ତେଲ ପକାଇବେ । ତେଲ ଗରମ ହୋଇଗଲେ ଏଥିରେ ମାଣ୍ଡିଆକୁ ଛୋଟ ଛୋଟ ପିଠା ଭଳି ପ୍ୟାନରେ ପକାଇବେ । ତେଲ ଗରମ ହୋଇଗଲେ ଏଥିରେ ମାଣ୍ଡିଆକୁ ଗୋଟେ ପ୍ଲେଟ ଉପରେ କାଢି ଦିଅନ୍ତୁ। ଏହା ଉପରେ ରାବିଡିକୁ ଢାଳି ଦିଅନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା ମାଣ୍ଡିଆ ରସାବଳି ।

**····· ପରଦା ଖବର ·····**

# ୨୦୨୪ରେ ୭୦୦ କୋଟିର କ୍ଷତି ସହିଲା ମାଲାୟାଲାମ ସିନେ ଇଣ୍ଡଷ୍ଟ୍ରି



୨୦୨୪ ମସିହାରେ, ଏହିପରି ଅନେକ ମାଲାୟାଲମ୍ ଚଳଚ୍ଚିତ୍ର ଆସିଥିଲା ଯାହା ବିଷୟରେ ବହୁ ଆଲୋଚନା କରାଯାଇଥିଲା ଏବଂ ବହୁତ ରୋଜଗାର ମଧ୍ୟ ହୋଇଥିଲା କିନ୍ତୁ ଯଦି ଆମେ ସାମଗ୍ରିକ ମାଲାୟାଲମ୍ ଫିଲ୍ମ ଇଣ୍ଡଷ୍ଟ୍ରି ବିଷୟରେ କଥା ହେବା, ତେବେ ୨୦୨୪ ବର୍ଷ ମାଲାୟାଲମ୍ ଚଳଚ୍ଚିତ୍ର ଶିଳ୍ପ ପାଇଁ ଅତ୍ୟନ୍ତ ଭଲ ନଥିଲା ମାଲାୟାଲମ୍ ଚଳଚ୍ଚିତ୍ର ଶିଳ୍ପରେ କୋଟି କୋଟି ମୂଲ୍ୟର କ୍ଷତି ହୋଇଛି। ଆଭେଶାମ, ମଞ୍ଜୁମେଲ ବୟଜ ପରି କେବଳ କିଛି ଚଳଚ୍ଚିତ୍ର ଅଛି ଯାହା ହିଟ୍ ହୋଇଛି, ବାକି ହୋଇନାହିଁ କେରଳ ଚଳଚ୍ଚିତ୍ର ନିର୍ମାତା ସଂଘ ଏ ସମ୍ପର୍କରେ ବିବୃତ୍ତିରେ କହିଛି ଯେ ୧୯୯ ମାଲାୟାଲମ୍ ଚଳଚ୍ଚିତ୍ର ମଧ୍ୟରୁ କେବଳ ୨୬ଟି ଚଳଚ୍ଚିତ୍ର ସଫଳ ହୋଇଛି। ମୋଟ ଖର୍ଚ୍ଚ ମୂଲ୍ୟ ୧୦୦୦ କୋଟି ଟଙ୍କା ଏବଂ ରିଟର୍ଣ୍ଣ ମାତ୍ର ୩୦୦ କୋଟି ଟଙ୍କା ଥିଲା। ନିର୍ମାତାମାନେ କହିଛନ୍ତି ଯେ ପ୍ରାୟ ୭୦୦ କୋଟି ଟଙ୍କା କ୍ଷତି ହେବାର କାରଣ ହେଉଛି ପ୍ରଡକ୍ସନ ମୂଲ୍ୟରେ ବୃଦ୍ଧି, ବିଶେଷକରି ଅଭିନେତାମାନଙ୍କ ଦରମା ବୃଦ୍ଧି ଆଭେଶାମ, ମଞ୍ଜୁମେଲ ବୟଜ, ପ୍ରେମଲୁ, ଆଡୁଜେଭିଥାମ ଏବଂ ଏଆରଏମ ୧୦୦ କୋଟି ଟଙ୍କା କ୍ଲବରେ ପ୍ରବେଶ କରିଥିଲେ ଏବଂ ମଞ୍ଜୁମେଲ ୨୪୨ କୋଟି ଟଙ୍କା ରୋଜଗାର କରିଥିଲା। ଦର୍ଶକଙ୍କୁ ଥିଏଟରକୁ ଆଣିବାର ଆବଶ୍ୟକତା ଉପରେ କେରଳ ଚଳଚ୍ଚିତ୍ର ନିର୍ମାତା ସଂଘ ଗୁରୁତ୍ୱାରୋପ କରିଛି ଏବଂ ଯଦି ୨୦୨୪ ର ପ୍ରତିକ୍ରିୟା ଦେଖାଯାଏ, ତେବେ ଦର୍ଶକ ଥିଏଟରକୁ କ□ ପାଇଁ ଆସିବେ ଏବଂ ଷ୍ଟାର କାଷ୍ଟ ପାଇଁ ନୁହେଁ ବୋଲି ସଂଘ କହିଛି ଦର୍ଶକମାନେ ବିଷୟବସ୍ତୁ ଭିତ୍ତିକ ଚଳଚ୍ଚିତ୍ର ପସନ୍ଦ କରିଥିଲେ।

## ହନୁମାନଙ୍କ ପୂଜାର୍ଚ୍ଚନା ସମୟ



ପ୍ରଭୁ ଶ୍ରୀରାମଙ୍କ ଭକ୍ତ ହନୁମାନ ନିଜ ଭକ୍ତମାନଙ୍କ ଦୁଃଖ ଦୁର୍ଦ୍ଦଶା ସହି ପାରନ୍ତି ନାହିଁ। କାରଣ ହନୁମାନ ଖୁବ୍ ଦୟାଳୁ ବୋଲି ଶାସ୍ତ୍ରରେ ବର୍ଣ୍ଣନା କରାଯାଇଛି। ନିଷ୍ଠାର ସହ ହନୁମାନଙ୍କ ପୂଜା କଲେ ସେ ପ୍ରସନ୍ନ ହୋଇଥାନ୍ତି। ତେବେ ଆସନ୍ତୁ ଜାଣିବା କେଉଁ ସମୟରେ ହନୁମାନଙ୍କ ପୂଜାର୍ଚ୍ଚନା କରାଯାଏ। ଶାସ୍ତ୍ର ବର୍ଣ୍ଣନା ଅନୁସାରେ ପ୍ରଭୁ ହନୁମାନ ଦିନସାରା ଭଗବାନ ଶ୍ରୀରାମଙ୍କ ସେବାରେ ଲାଗିଥାନ୍ତି। ତେଣୁ ରାତି କିମ୍ବା ସଂଧ୍ୟାରେ ପ୍ରଭୁ ଶ୍ରୀରାମ ବିଶ୍ରାମ ନେବା ସମୟରେ ହନୁମାନ ତାଙ୍କ ସେବା କରି ନ ଥାନ୍ତି। ଏହି ସମୟରେ ସେ ନିଜ ଭକ୍ତଙ୍କର ଡ଼ାକ ସହଜରେ ଶୁଣି ଥାଆନ୍ତି। ତେଣୁ ସଂଧ୍ୟା ଅଥବା ରାତିରେ ଶ୍ରଦ୍ଧାର ସହ ହନୁମାନଙ୍କ ପୂଜାର୍ଚ୍ଚନା କଲେ ଭକ୍ତ ସମସ୍ତ ମନବାଞ୍ଛିତ ଫଳ ପ୍ରାପ୍ତି ହୋଇଥାଏ। ଶାନ୍ତ ପରିବେଶରେ ଏକାଗ୍ରତାର ସହ ସଂଧ୍ୟାରେ ପ୍ରଭୁଙ୍କୁ ପୂଜା କଲେ ଆଶୀର୍ବାଦ ମିଳିବା ସହ ଜୀବନରେ ଥିବା ବାଧାବିଘ୍ନ ଦୂର ହୋଇଥାଏ। ହନୁମାନଙ୍କ ପୂଜାର୍ଚ୍ଚନା ସହ ହନୁମାନ ଚାଳିଶା ପାଠ କଲେ ହନୁମାନ ପ୍ରସନ୍ନ ହୋଇଥାନ୍ତି ଓ ଶ୍ରଦ୍ଧାଳୁଙ୍କୁ ମନବାଞ୍ଛିତ ଫଳ ପ୍ରାପ୍ତି ହୋଇଥାଏ।

# ଧଳା ଜୋତା ସଫା କରିବାର ସହଜ ଉପାୟ



ଧଳା ଜୋତା କିଣିବା ସମୟରେ ସାଧାରଣତଃ ସମସ୍ତେ ଟିକେ ଦ୍ୱନ୍ଦ୍ୱରେ ରହନ୍ତି । ଶୀଘ୍ର ମଇଳା ହୋଇଯାଉଥିବାରୁ ଓ ଦାଗ ଲାଗି ଯାଉଥିବାରୁ ଅଧିକାଂଶ ଲୋକେ ଇଚ୍ଛା ଥିଲେ ବି ଏହାକୁ କିଣିବା ପାଇଁ ପସନ୍ଦ କରିନଥାନ୍ତି ।

ଅନ୍ୟପକ୍ଷରେ ସ୍କୁଲଗୁଡିକରେ ବିଶେଷ ଭାବେ ଧଳା ଜୋତା ଉପରେ ଗୁରୁତ୍ୱ ଦିଆଯାଏ । ତେବେ ଛୋଟ ପିଲା ଏହାକୁ ଶୀଘ୍ର ମଇଳା କରି ଦେଇଥାନ୍ତି । ହେଲେ ଏହାକୁ ନେଇ ବ୍ୟସ୍ତ ହୁଅନ୍ତୁ ନାହିଁ । ଏହାକୁ ବେଶ ସହଜରେ ସଫା କରି ହେବ । ତା'ହେଲେ ଆସନ୍ତୁ ଜାଣିବା ସେସବୁ ସହଜ ଉପାୟଗୁଡିକ ସମ୍ପର୍କରେ.....

ଗୋଟିଏ ପାତ୍ରରେ ଗରମ ପାଣି ନେଇ ସେଥିରେ ବେକିଂ ସୋଡା ଓ ହ୍ୱାଇଟ୍ ଭିନେଗାର ପକାନ୍ତୁ । ଏହାକୁ ଭଲ ଭାବେ ମିଶାନ୍ତୁ । ଏହାପରେ ଜୋତାକୁ ସେଥିରେ ଭିଜାନ୍ତୁ। କିଛି ସମୟ ପରେ ଜୋତାରୁ ଲେସଗୁଡିକୁ ବାହାର କରିନିଅନ୍ତୁ ଓ ତା'ପରେ ବ୍ରଶରେ ଧୀରେ ଧୀରେ ଜୋତାକୁ ସଫା କରନ୍ତୁ । ଦେଖିବେ ଜୋତା ପୂର୍ବ ପରି ସଫା ହୋଇଯିବ ।

ଆପଣ ବ୍ୟବହାର କରୁଥିବା ସ୍କ୍ରବ କିମ୍ବା ପେଷ୍ଟରେ ମଧ୍ୟ ଧଳା ଜୋତାକୁ ସଫା କରିପାରିବେ ।

ବେବି ପାଉଡରରେ ମଧ୍ୟ ଏହାକୁ ସଫା କରିପାରିବେ ।

ଫେସିଆଲ ସମୟରେ ବ୍ୟବହୃତ ହେଉଥିବା କଣ୍ଟେନର ଓ ବ୍ଲିଚରେ ମଧ୍ୟ ଧଳା ଜୋତାକୁ ସଫା କରିପାରିବେ । କିନ୍ତୁ ଅନେକ ସମୟରେ ବ୍ଲିଚର ବ୍ୟବହାର ଯୋଗୁ ଧଳା ଜୋତା ହଳଦିଆ ହୋଇଯିବାର ଦେଖାଯାଏ ।

**ଜଡ଼ା ତେଲ ଓ ସୋରିଷ ତେଲ :** ପ୍ରଥମେ ଜଡ଼ା ଓ ସୋରିଷ ତେଲକୁ ମିଶାଇ ଗରମ କରନ୍ତୁ। କିଛି ସମୟ ପରେ ଏହି ମିଶ୍ରଣକୁ ୧୦ ମିନିଟ୍ ପର୍ଯ୍ୟନ୍ତ କେଶରେ ମାଲିସ୍ କରନ୍ତୁ। ୩୦ ମିନିଟ୍ ପରେ ସାମ୍ପୁରେ କେଶକୁ ଧୋଇ ଦିଅନ୍ତୁ। ଏହି ପ୍ରକ୍ରିୟାକୁ ସପ୍ତାହରେ ୨ରୁ ୩ ଥର କରନ୍ତୁ। ଧଳା କେଶରୁ ମୁକ୍ତି ପାଇଁ ଆପଣ ଏହି ମିଶ୍ରଣକୁ ବ୍ୟବହାର କରିପାରିବେ। ଏଥିରେ ଓମେଗା ୬ଫ୍ୟାଟି ଏସିଡ୍ ରହିଥାଏ। ଯାହା ଧଳା କେଶରୁ ମୁକ୍ତି କରିବାରେ ସାହାଯ୍ୟ କରିଥାଏ।

# ବୈଦିକ ସଂସ୍କୃତିରେ ଶିବ ତତ୍ତ୍ୱ

ବୈଦିକ ସଂସ୍କୃତିରେ ଶିବଙ୍କୁ ମଙ୍ଗଳମୟ ସଚ୍ଚିଦାନନ୍ଦ ପରଂବ୍ରହ୍ମ ରୂପେ ଅଭିହିତ କରାଯାଇଥାଏ। ବାସ୍ତବରେ ବୈଦିକ ସାହିତ୍ୟର ଶୈବ ଉପାସନାର ଧାରା ଏଯାବତ ପ୍ରଚଳିତ ରହିଆସିଛି। ଐତିହାସିକମାନେ ଖ୍ରୀ:ପୂ: ୩୦୦୦ରେ ସିନ୍ଧୁ ସଭ୍ୟତାର ବିକାଶ ସମୟରେ ପଶୁପତି ଉପାସନା ପ୍ରଚଳିତ ଥିବା ବିଷୟରେ ମତ ଦେଇଛନ୍ତି। କୂର୍ମ ପୁରାଣ ଓ ବାୟୁ ପୁରାଣ ମତରେ କଳିଯୁଗରେ ନର୍ମଦା ନଦୀ କୂଳରେ କରବଣ ଗ୍ରାମରେ ଶିବ ଏକ ଅଗ୍ନିହୋତ୍ରୀ ବ୍ରାହ୍ମଣ ରୂପରେ ଜନ୍ମ ଗ୍ରହଣ କରିଥିଲେ। ପାତଞ୍ଜଳିଙ୍କ ଯୋଗସୂତ୍ରରେ ଶିବ ଭାଗବତ ମାନଙ୍କ ସମ୍ପର୍କରେ ବର୍ଣ୍ଣନା ରହିଛି। ମେଘାସ୍ଥିନିସ୍‌ଙ୍କ ଐତିହାସିକ ବିବରଣୀରେ ମଧ ଶିବ ଉପାସନା ସମ୍ପର୍କରେ ଉଲ୍ଲେଖ ରହିଛି। କୁଶାଣମାନଙ୍କ ମୁଦ୍ରାରେ ମଧ ଏକ ପାର୍ଶ୍ୱରେ ଶିବ ତ୍ରିଶୂଳ ଧରିଥିବା ଓ ଅନ୍ୟପାର୍ଶ୍ୱରେ ବୃଷଭ ଥିବାର ଦେଖାଯାଏ। ଗୁପ୍ତଯୁଗରେ ଶୈବଧର୍ମର ବିକାଶ ବିଷୟ ଦ୍ୱିତୀୟ ଚନ୍ଦ୍ରଗୁପ୍ତଙ୍କ ମଥୁରା ଶିଳାଲିପିରୁ ଜଣାଯାଏ। ମହାଭାରତ, ଶିବ ପୁରାଣ, ସ୍କନ୍ଦ ପୁରାଣ, କୂର୍ମ ପୁରାଣ, ମତ୍ସ୍ୟ ପୁରାଣ, ଲିଙ୍ଗ ପୁରାଣ ଓ ବିଷ୍ଣୁ ପୁରାଣ ପ୍ରଭୃତିରେ ଶିବଙ୍କ ମହିମା ଓ ଦାର୍ଶନିକ ରହସ୍ୟ ବର୍ଣ୍ଣନା କରାଯାଇଛି।

ସମସ୍ତ ଦର୍ଶନ ସର୍ବପ୍ରଥମେ ଶିବଙ୍କ ମୁଖରୁ ନିଃସୃତ ହୋଇ ଗିରିଜାଙ୍କ କର୍ଣ୍ଣରେ ପ୍ରବେଶ କରିଥିବାରୁ ତନ୍ତ୍ରକୁ ଆଗମ କୁହାଯାଏ। ତନ୍ତ୍ର ମତରେ ଶିବଙ୍କୁ ସକଳ ନିଷ୍କଳ ରୂପେ ଅର୍ଚ୍ଚନା କରାଯାଏ। ସକଳ ଅର୍ଥାତ ସାକାର ରୂପେ ଶିବଙ୍କୁ ପଂଚବକ୍ର ଭାବରେ ଧ୍ୟାନ କରାଯାଏ। ସେହି ପଂଚବକ୍ର ହେଲେ – ସଦ୍ୟୋଜାତ, ବାମଦେବ, ଅଘୋର, ତତ୍‌ପୁରୁଷ ଓ ଇଶାନ। ନିଷ୍କଳ ରୂପରେ ସେ ନିରାକାର, ନିର୍ଗୁଣ ପରଂବ୍ରହ୍ମ ରୂପରେ ଉପାସିତ। ଅଷ୍ଟମ ଶତାବ୍ଦୀରେ ଆଦି ଶଙ୍କରାଚାର୍ଯ୍ୟ ପ୍ରମାଣିକ ଭାବରେ ସମନ୍ୱୟବାଦର ମତ ପ୍ରବର୍ତନ କରି ପଂଚାୟତନ ପୂଜାର ବ୍ୟବସ୍ଥା କରି ଶୈବ ଦର୍ଶନର ସାର୍ବଭୌମତ୍ୱ ପ୍ରତିଷ୍ଠା କରିଥିଲେ। ତେଣୁ ତାଙ୍କ ମତରେ—



"ନ ଶୈବୋ ନ ଶାକ୍ତୋ ନ ବା ବୈଷ୍ଣବୋ ବା,
ଚିଦାନନ୍ଦ ରୂପଂ ଶିବୋହଂ ଶିବୋହମ୍"।

ଉପମନ୍ୟୁ ଜଣେ ଶ୍ରେଷ୍ଠ ଶିବଭକ୍ତ ଥିଲେ। ଗୁରୁଙ୍କ ନିର୍ଦ୍ଦେଶରେ ଗାଇ ଚରାଉଥିବା ସମୟରେ ବାଛୁରୀର କ୍ଷୀର ଖାଇବାକୁ ବାରଣ ଫଳରେ ଅର୍କପତ୍ର ଖାଇ ସେ ଚକ୍ଷୁ ହରାଇଥିଲେ। ପୁନର୍ବାର ଶିବଙ୍କୁ ଧ୍ୟାନ କରିବା ପରେ ସେ ନିଜର ଚକ୍ଷୁ ଫେରି ପାଇଥିଲେ। ତାଙ୍କ ରଚିତ ଶିବସ୍ତୁତି ଏକ ଅଦ୍ୱିତୀୟ ରଚନା। ଋଷି ମାର୍କଣ୍ଡେୟ ଶିବତତ୍ତ୍ୱର ସମ୍ପୁର୍ଣ୍ଣ ଜ୍ଞାନ ବଳରେ ଓ ତ୍ର୍ୟମ୍ବକ ମନ୍ତ୍ର ଜପକରି ଚିରଞ୍ଜିବୀ ହୋଇଥିଲେ। ଇଶାନ ସଂହିତାରେ ଯଥାର୍ଥରେ ଶିବରାତ୍ରି ବ୍ରତ ସଂପର୍କରେ କୁହାଯାଇଛି- ଶିବରାତ୍ରି ବ୍ରତଂ ପୁଣ୍ୟଂ ସର୍ବପାପ ପ୍ରଣାଶନମ୍। ଆଚାଣ୍ଡାଳ ମନୁଷ୍ୟାଣାଂ ଭୁକ୍ତି, ମୁକ୍ତି ପ୍ରଦାୟକମ୍। ଫାଲ୍‌ଗୁନ କୃଷ୍ଣ ଚତୁର୍ଦ୍ଦଶୀରେ ଶିବରାତ୍ରି ପାଳନ କରାଯାଏ। ଏହି ବ୍ରତ ପାଳନ ମୂଳରେ ଏକ ଲୋକକଥା ବହୁଳ ପ୍ରଚଳିତ। ଥରେ ବାରାଣସୀରେ ସୁସ୍ୱର ନାମକ ଗୋଟିଏ ଶିକାରୀ ଏକ ହରିଣ ଶୀକାର କରି ଜଙ୍ଗଲ ମଧ୍ୟରେ ଘରକୁ ଫେରୁଥିବା ସମୟରେ ରାତ୍ରିର ଆଗମନ ଯୋଗୁଁ ସେ ଆଉ ଅଗ୍ରସର ନ ହୋଇ ରାତ୍ର ଯାପନ ପାଇଁ ଗୋଟିଏ ବୃକ୍ଷ ଉପରେ ରହି ରାତ୍ର ଯାପନ କରିଥିଲା। କ୍ଷୁଧା ଓ ଆତ୍ମୀୟଙ୍କ ଚିନ୍ତାରୁ ଦୁଃଖ ସହିତ ତାର ଲୋତକରୁ ଅଶ୍ରୁ ନିର୍ଗତ ହୋଇ ତଳେ ପଡୁଥିଲା। ଅଲକ୍ଷରେ ସେ ବୃକ୍ଷର ପତ୍ରକୁ ଛିଣ୍ଡାଇ ପକାଉଥିଲା। ଯେଉଁ ବୃକ୍ଷ ଉପରେ ସେ ଆଶ୍ରୟ ନେଇଥିଲା ସେ ବୃକ୍ଷଟି ଥିଲା ବେଲ ବୃକ୍ଷ। ଅଲକ୍ଷରେ ବେଲପତ୍ର ଛିଣ୍ଡାଇ ତଳକୁ ପକାଉଥିଲା ମାତ୍ର ତଳେ ଶିବଲିଙ୍ଗଟିଏ ଥିଲା। ତେଣୁ ସେ ଶିକାରୀ ମୃତ୍ୟୁ ପରେ ଅଲକ୍ଷରେ କରିଥିବା ଶିବ ପୂଜାର ପ୍ରଭାବରେ ଶିବଲୋକ ପ୍ରାପ୍ତ ହୋଇଥିଲା। ବାସ୍ତବିକ ଶିବରାତ୍ରିର ମହିମା ଅବର୍ଣ୍ଣନୀୟ। ଚତୁର୍ଦ୍ଦଶୀର ଚାରି ପ୍ରହରରେ ଭକ୍ତମାନେ ଦୁଗ୍‌ଧ, ଦଧି, ଘୃତ ଓ ମହୁରେ ଶିବଲିଙ୍ଗଙ୍କୁ ଅଭିଷେକ କରି ନାନାବିଧ ପୁଷ୍ପ, ଧୂପ ଓ ନୈବିଦ୍ୟ ସମର୍ପଣ କରନ୍ତି ଏବଂ ରାତ୍ର ଉଜାଗର ରହି ମହାଦୀପ ଦର୍ଶନ କରି କୃତାର୍ଥ ହୁଅନ୍ତି ଓ ନିଜ ଆତ୍ମାରେ ଜ୍ଞାନ ଓ ସତ୍ୟର ଜ୍ୟୋତିକୁ ପ୍ରଜ୍ୱଳିତ କରି ଅଖଣ୍ଡ ଶିବ ଚେତନା ଲାଭ କରିଥାନ୍ତି।

## ଧଳା କେଶରୁ ରକ୍ଷା ପାଇବାର ଘରୋଇ ଉପାୟ

ବ୍ୟସ୍ତ ବହୁଳ ଜୀବନ ମଧ୍ୟରେ ସମସ୍ତେ ସୁନ୍ଦର ଓ ଯବାନ୍ ଦେଖାଯିବାକୁ ଚାହାନ୍ତି। କିନ୍ତୁ ବୟସ, ପ୍ରଦୂଷଣ ଓ ବିଜି ଲାଇଫ୍ ଯୋଗୁ କେଶଗୁଡ଼ିକ ବୟସ ହେବା ପୂର୍ବରୁ ଧଳା ପଡ଼ିଯାଇଥାଏ। ଆଜିକାଲି ଯୁବପୀଢିଙ୍କ ମଧ୍ୟରେ କେଶ ଧଳା ହେବା ଏକ ଗମ୍ଭୀର ସମସ୍ୟା ସୃଷ୍ଟି କରିଛି।







ଅନେକ ମହିଳା ଅଛନ୍ତି, ଯାହାଙ୍କ କେଶ ବୟସ ପୂର୍ବରୁ ଧଳା ପଡ଼ିଯାଇଥାଏ। ଯାହାଫଳରେ କି ଅନେକ ମହିଳା ଧଳା କେଶକୁ ଲୁଚାଇବା ପାଇଁ ବିଭିନ୍ନ କେମିକାଲ୍ ଯୁକ୍ତ ରଙ୍ଗକୁ ବ୍ୟବହାର କରିଥାନ୍ତି। ଏପରି କରିବା ଦ୍ୱାରା କିଛି ଦିନ କେଶଗୁଡ଼ିକ ଧଳା ରହେ କିନ୍ତୁ ଅନ୍ୟାନ୍ୟ ସମସ୍ୟାର ଆଶଙ୍କା ବଢିଯାଇଥାଏ। ଏହି କାରଣରୁ, ଆଜି ଆମେ ଆପଣଙ୍କ ପାଇଁ କିଛି ସହଜ ଘରୋଇ ଟିପ୍ସ କହିବୁ, ଯାହା ଆପଣଙ୍କ କେଶକୁ ଧଳା ହେବାରୁ ରକ୍ଷା କରିବ:

**ଅଁଳା :** ପ୍ରଥମେ ଆପଣ ତିନିରୁ ଚାରୋଟି ଅଁଳା ନିଅନ୍ତୁ। ଗୋଟେ କପ୍ ନଡ଼ିଆ ତେଲ। ପ୍ରଥମେ ଅଁଳାକୁ ଭଲ ଭାବରେ ଧୋଇ ଛୋଟ ଛୋଟ ଖଣ୍ଡ କରି କାଟି ଦିଅନ୍ତୁ। ପରେ ଏକ ପ୍ୟାନରେ ନଡିଆ ତେଲ ପକାଇ ସେଥିରେ ଅଁଳା ଖଣ୍ଡକୁ ପକାଇ ଭଲ ଭାବରେ ଫୁଟାନ୍ତୁ। ୧୦ ମିନିଟ୍ ଫୁଟାଇବା ପରେ ଏହି ମିଶ୍ରଣକୁ ଏକ ପାତ୍ରରେ ରଖିଦିଅନ୍ତୁ। ପରେ ଏହି ମିଶ୍ରଣକୁ ଆପଣଙ୍କ କେଶରେ ମାଲିସ୍ କରନ୍ତୁ। ଏକରୁ ଦୁଇ ଘଣ୍ଟା ପରେ ସାମ୍ପୁରେ କେଶକୁ ଧୋଇ ଦିଅନ୍ତୁ। ଏହି ପ୍ରକ୍ରିୟାକୁ ସପ୍ତାହରେ ୨ ରୁ ୪ ଥର କରନ୍ତୁ। ଅଁଳା କେଶ ପାଇଁ ଏକ ଟନିକ୍ ଭାବରେ କାମ କରିଥାଏ। ଏଥିରେ ଭିଟାମିନ୍ 'ସି' ରହିଥାଏ। ଏହା କେଶରେ ଆଣ୍ଟିଅକ୍ସିଡାଣ୍ଟ ଏଜେଣ୍ଟ ଭାବରେ କାମ କରିବା ସହିତ କେଶର ଅନେକ ଲାଭ ହୋଇଥାଏ। କେଶକୁ ଘନ କରିବା ସହିତ ମଜଭୁତ ମଧ କରିଥାଏ। ଧଳା ହେବାରୁ ରକ୍ଷା ମଧ କରିଥାଏ।

**ଭୃଙ୍ଗରାଜ ପତ୍ର :** ନଡ଼ିଆ ତେଲରେ ଭୃଷଙ୍ଗ ପତ୍ରକୁ ମିଶାଇ ଭଲ ଭାବରେ ଫୁଟାନ୍ତୁ। ପରେ ତେଲକୁ ଛାଣି ଦେଇ କିଛି ସମୟ ଥଣ୍ଡା କରିଦିଅନ୍ତ। ଏହି ମିଶ୍ରଣକୁ କେଶରେ ମାଲିସ୍ କରନ୍ତୁ। କେଶରେ ଦୁଇରୁ ତିନି ଘଣ୍ଟା ପର୍ଯ୍ୟନ୍ତ ରଖି ସାମ୍ପୁରେ କେଶକୁ ଧୋଇ ଦିଅନ୍ତୁ। ଏହି ପ୍ରକ୍ରିୟାକୁ ସପ୍ତାହରେ ଦୁଇଥର କରନ୍ତୁ। ଆପଣ ଏହାକୁ ଧଳା କେଶର ଚିକିତ୍ସା ଭାବରେ ବ୍ୟବହାର କରିପାରିବେ। ଭୃଷଙ୍ଗ ପତ୍ର କେଶରେ ମେଲାନିନ ପିଗମେଣ୍ଟେସନ ବଢିବାରେ ସାହାଯ୍ୟ କରିଥାଏ।

ମହାଭାରତ
ନଗରନକ୍ସା
ମହାନଗରର ନିଜ ଭାଷା



# ଦ ଅନସଙ୍ଗ୍ ଷ୍ଟୋରି ଅଫ୍ ୧୮୫୭' ପୁସ୍ତକ ଉନ୍ମୋଚିତ

**ଭୁବନେଶ୍ୱର,୨୯।୧୨ (ମହାଭାରତ):** ୧୮୫୭ର ସମ୍ବଲପୁର କୁଦୋପାଳି ଘଟଣା କୌଣସି ଗୁଣରେ ଜାଲିଆନାୱାଲା ବାଗ ହତ୍ୟାକାଣ୍ଡ ଘଟଣା ଠାରୁ କମ ନଥିଲା ବୋଲି ରବିବାର ସମ୍ବଲପୁର ଠାରେ 'ଦି ସାଗା ଅଫ୍ କୁଦୋପାଲି : ଦ ଅନସଙ୍ଗ୍ ଷ୍ଟୋରି ଅଫ୍ ୧୮୫୭" ଇଂରାଜୀ ପୁସ୍ତକ ଉନ୍ମୋଚନ କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।



କୁଦୋପାଲି ଘାଟିରେ ଶହୀଦ ହୋଇଥିବା ବୀର ଛବିଳ ସାଏ ତଥା ୫୭ ଜଣ ଶହୀଦଙ୍କ ସ୍ମୃତିରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାର ଅବ୍ୟବହିତ ପୂର୍ବରୁ ଆଜି ଗଣମାନ୍ୟ ବ୍ୟକ୍ତିବିଶେଷଙ୍କ ଗହଣରେ ପୁସ୍ତକର ଇଂରାଜୀ ସଂସ୍କରଣକୁ ଉନ୍ମୋଚନ କରି ଗୌରବାନ୍ୱିତ ହୋଇଥିବା କହିଛନ୍ତି ଶ୍ରୀ ପ୍ରଧାନ । ସେ କହିଛନ୍ତି ୧୮୫୭ ମସିହା ଡିସେମ୍ବର ୩୦ରେ ସମ୍ବଲପୁରର କୁଦୋପାଲି ଘାଟିରେ ବ୍ରିଟିଶ ମାନଙ୍କ ସହ ଅଦମ୍ୟ ସାହସର ସହ ଲଢି ୫୩ ସହଯୋଗୀ ସଂଗ୍ରାମୀ ଶହୀଦ ହୋଇଥିଲେ ଓ ପରେ ୪ ଜଣଙ୍କୁ ଦଣ୍ଡାଦେଶ ଦିଆଯାଇଥିଲା । ସମ୍ବଲପୁର ମାଟିରେ ସଂଗଠିତ ଏହି କୁଦୋପାଲି ମହାସଂଗ୍ରାମରେ ଖିଣ୍ଡା, କୁଲାବିରା, ଘେଁସ, ଲଖନପୁର ଆଦି ଅଂଚଳର ଅନେକ ପରିବାର ସଂଗ୍ରାମରେ ତ୍ୟାଗ ଓ ବଳିଦାନ ଦେଇଛନ୍ତି । ମାତ୍ର ଏହି ଇତିହାସ ଅନେକଙ୍କ ପାଇଁ ଅଜଣା ଥିଲା । ଗତବର୍ଷ ଡିସେମ୍ବର ୩୦ରେ କୁଦୋପାଲି ଠାରେ 'ବୀର ଛବିଳ ସାଏ ସ୍ମୃତି କମିଟି' ପକ୍ଷରୁ ବୀର ଛବିଳ ସାଏ ଓ ୫୭ ଜଣ ଶହୀଦଙ୍କ ସ୍ମୃତିରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ଏହି ବିଷୟରେ ସେ ଅବଗତ ହେବା ସହ କୁଦୋପାଲିର ଇତିହାସ ଉପରେ ଗବେଷଣା ସହ ତାହାକୁ ପୂର୍ଣ୍ଣାଙ୍ଗ ପୁସ୍ତକର ରୂପ ଦେବା ପାଇଁ ଆଇସିଏଚଆର୍ ଓ ଏନବିଟିକୁ ଦାୟିତ୍ୱ ଦେଇଥିଲେ । ସ୍ୱାଧୀନତାର ୭୫ ବର୍ଷ ଉପଲକ୍ଷେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଇତିହାସ ପୃଷ୍ଠାରେ ଅନାଲୋଚିତ ସଂଗ୍ରାମୀମାନଙ୍କୁ ଲୋକଲୋଚନକୁ ଆଣିବା ପାଇଁ ଆହ୍ୱାନ ଦେଇଥିଲେ । ସେହି କ୍ରମରେ ଏହା ଏକ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ । କୁଦୋପାଲିର ବୀରମାନଙ୍କ ସ୍ମୃତିରେ ଏଭଳି ଏକ ଐତିହାସିକ ପୁସ୍ତକ ସଙ୍କଳନ ଓ ପ୍ରକାଶନ ପାଇଁ ଶ୍ରୀ ପ୍ରଧାନ ନ୍ୟାସନାଲ ବୁକ୍ ଟ୍ରଷ୍ଟ ଏବଂ ଆଇସିଏଚଆର ଏବଂ ପୁସ୍ତକ ପ୍ରକାଶନ କରିବାରେ ସହଯୋଗୀ ହୋଇଥିବା ସମସ୍ତଙ୍କୁ ଶ୍ରୀ ପ୍ରଧାନ ଧନ୍ୟବାଦ ଜଣାଇଛନ୍ତି ।

ସେ କହିଛନ୍ତି ଆଗାମୀ ଦିନରେ ରାଷ୍ଟ୍ରୀୟ ରାଜଧାନୀ ଦିଲ୍ଲୀରେ ଏନବିଟି ତରଫରୁ ଆୟୋଜିତ ହେଉଥିବା ସର୍ବବୃହତ ପୁସ୍ତକ ମେଳା ଅବସରରେ ଲୋକାର୍ପିତ ଏହି ପୁସ୍ତକର ହିନ୍ଦୀ ସଂସ୍କରଣ କରିବା ପାଇଁ ଯୋଜନା ରହିଛି । ପୁସ୍ତକଟିକୁ ଓଡ଼ିଆ ସମେତ ୧୦ଟି ପ୍ରମୁଖ ଭାରତୀୟ ଭାଷାରେ ପ୍ରକାଶିତ କରିବା ପାଇଁ ଏନବିଟିକୁ ଶ୍ରୀ ପ୍ରଧାନ ପରାମର୍ଶ ଦେଇଛନ୍ତି । ଆଜିର ପୁସ୍ତକ ଦ୍ୱାରା କୁଦୋପାଲିର ବଳିଦାନ ଓ ବୀରଗାଥା ବିଶ୍ୱର କୋଣ ଅନୁକୋଣରେ ପହଂଚିବ । ଇତିହାସ ପୃଷ୍ଠାରେ ଅନାଲୋଚିତ ଓଡ଼ିଶାର ଗୌରବକୁ ଏହି ପୁସ୍ତକ ଏକ ଜାତୀୟ ସ୍ୱୀକୃତି ଆଣିଦେବ । ଏ ପ୍ରକାର ଐତିହାସିକ ତଥ୍ୟ ନିରନ୍ତର ଆସିବା ଦରକାର ବୋଲି ସେ ଆଶାବ୍ୟକ୍ତ କରିଥିଲେ । ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏଙ୍କର ଦେବ୍ରୀଗଡ଼ ସହ ଥିବା ସମ୍ପର୍କ, ବକ୍ସି ଜଗବନ୍ଧୁ, ଜୟୀ ରାଜଗୁରୁ, ସମ୍ବଲପୁର କାନ୍ତି ଉପରେ ଆଲୋକପାତ କରିଥିଲେ କେନ୍ଦ୍ରମନ୍ତ୍ରୀ ।

# କଟକ ଜିଲ୍ଲାରେ ଫସଲ କ୍ଷୟକ୍ଷତି ସମ୍ପର୍କରେ ଆଜି ଏକ ବିସ୍ତୃତ ସମୀକ୍ଷା

**ଭୁବନେଶ୍ୱର,୨୯।୧୨ (ମହାଭାରତ):** ଉପ ମୁଖ୍ୟମନ୍ତ୍ରୀ ତଥା କୃଷି ମନ୍ତ୍ରୀ କନକ ବର୍ଧନ ସିଂହଦେଓ ଆଜି ସମ୍ପ୍ରତି ରାଜ୍ୟ ରେ ହୋଇଥିବା ଅଦିନିଆ ବର୍ଷା ହେତୁ କଟକ ଜିଲ୍ଲାରେ ଫସଲ କ୍ଷୟକ୍ଷତି ସମ୍ପର୍କରେ ଆଜି ଏକ ବିସ୍ତୃତ ସମୀକ୍ଷା ବୈଠକ ର ଅଧ୍ୟକ୍ଷତା କରିଛନ୍ତି

ଏହି ଅବସରରେ ସେ କହିଛନ୍ତି ଯେ. ଆମର ପ୍ରାଥମିକ ଧ୍ୟାନ ହେଉଛି କ୍ଷତିର ପରିମାଣ ବୁଝିବା ଏବଂ ଆମର କୃଷକମାନଙ୍କୁ ତୁରନ୍ତ ସହାୟତା ଯୋଗାଇବା । ଆମେ ପ୍ରତିଶ୍ରୁତିବଦ୍ଧ ଯେ କୌଣସି କୃଷକ ଏହି ସହାୟତା ରୁ ବଂଚିତ ହେବେ ନାହିଁ ଏବଂ ପ୍ରତ୍ୟେକ ପ୍ରଭାବିତ ହୋଇଥିବା କୃଷକ ଆବଶ୍ୟକ ସହାୟତା ଏବଂ କ୍ଷତିପୂରଣ ପାଇବେ। ସେ କହିଛନ୍ତି ଯେ, ଆମର ଉତ୍ସର୍ଗୀକୃତ ଦଳ ତଳ ସ୍ତର ରେ ପରିସ୍ଥିତିର ଆକଳନ କରିବା ସହ ପ୍ରଭାବଶାଳୀ ରିଲିଫ୍ ପଦକ୍ଷେପ କାର୍ଯ୍ୟକାରୀ କରିବା ପାଇଁ ନିରନ୍ତର କାର୍ଯ୍ୟ କରୁଛନ୍ତି । ଏହା ଗୁରୁତ୍ୱପୂର୍ଣ୍ଣ ଯେ ଆମେ ପ୍ରଭାବିତ ଲୋକଙ୍କ ଜୀବିକା ଫେରାଇ ଆଣିବା ପାଇଁ ଠିକ୍ ସମୟରେ ସହାୟତା ପ୍ରଦାନ କରିବୁ । ଆମ କୃଷକଙ୍କ ସ୍ଥିରତା ଏବଂ ପରିଶ୍ରମ ହେଉଛି ଆମ ରାଜ୍ୟର ସମୃଦ୍ଧିର ମେରୁଦଣ୍ଡ, ଏବଂ ଏହି ଆହ୍ୱାନପୂର୍ଣ୍ଣ ସମୟରେ ଆମ ସରକାର ସେମାନଙ୍କ ସହ ଛିଡା ହୋଇରହିଛି ।



ସେ କହିଛନ୍ତି ଯେ, ମୁଁ ସମସ୍ତ କୃଷକମାନଙ୍କୁ ଉପଲବ୍ଧ ସହାୟତା ବ୍ୟବସ୍ଥାର ଲାଭ ଉଠାଇବାକୁ ଅନୁରୋଧ କରୁଛି । ମିଳିତ ଭାବରେ, ଆମେ ଏହି ପ୍ରତିକୂଳ ପରିସ୍ଥିତିକୁ ଦୂର କରିବୁ ଏବଂ ଆମର କୃଷି ସମ୍ପ୍ରଦାୟ ପାଇଁ ଏକ ଉଜ୍ଜ୍ୱଳ, ଅଧିକ ସୁରକ୍ଷିତ ଭବିଷ୍ୟତ ଦିଗରେ କାର୍ଯ୍ୟ କରିବୁ ବୋଲି ସେ କହିଛନ୍ତି ।

# ଆଠଗଡ଼ରେ ଫିଟ୍ ଇଣ୍ଡିଆ ରବିବାର ସାଇକେଲ୍ ଶୋଭାଯାତ୍ରା

**କଟକ,୨୯।୧୨ (ମହାଭାରତ):** ଭାରତୀୟ କ୍ରୀଡ଼ା ପ୍ରାଧିକରଣ, ଜାତୀୟ ଉତ୍କର୍ଷ କେନ୍ଦ୍ର ଜଗତପୁର ଏବଂ କଟକ ଆଠଗଡ଼ର ଏକଲବ୍ୟ ଏକାଡେମୀ ମିଳିତ ଆନୁକୂଲ୍ୟରେ ଫିଟ୍ ଇଣ୍ଡିଆ ରବିବାର ସାଇକେଲ୍ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି ଶୋଭାଯାତ୍ରା ଆଠଗଡ଼ ଏକଲବ୍ୟ ଏକାଡେମୀ ଠାରୁ ଆରମ୍ଭ ହୋଇ ଗୋପାଳପୁର ଗ୍ରାମ ଓ ଜାଗିପଡ଼ା ପିଏଚସି ଦେଇ ପୁଣି ପ୍ରାରମ୍ଭ ସ୍ଥାନରେ ଶେଷ ହୋଇଥିଲା । ଏଥିରେ ସ୍ଥାନୀୟ ସ୍କୁଲ ଛାତ୍ରଛାତ୍ରୀ ଓ ଯୁବପିଢ଼ି ଅଂଶଗ୍ରହଣ କରିଥିଲେ ।

ଏକଲବ୍ୟ ଏକାଡେମୀର ଅଧ୍ୟକ୍ଷ ରସାନନ୍ଦ ରାଉତ, କ୍ରୀଡ଼ା ଶିକ୍ଷକ ପ୍ରମୋଦ କୁମାର ସେଠୀ, କ୍ରୀଡ଼ାବିତ ଦିନେଶ କୁମାର ସାହୁ, ସ୍ୱେଚ୍ଛାସେବୀ ରାକେଶ କୁମାର ସାହୁ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ଫିଟ୍ ଇଣ୍ଡିଆ ରବିବାର ସାଇକେଲ୍ ଶୋଭାଯାତ୍ରା ବିଷୟରେ ସଚେତନତା ସୃଷ୍ଟି କରିଥିଲେ । ସୂଚନାଯୋଗ୍ୟ 'ଫିଟ୍ ଇଣ୍ଡିଆ ଅଭିଯାନ' ବ୍ୟାନରରେ ଡିସେମ୍ବର ୧୭ ତାରିଖରେ କେନ୍ଦ୍ର ଯୁବ ବ୍ୟାପାର ଏବଂ କ୍ରୀଡା ମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡଭିୟଙ୍କ ଦ୍ୱାରା 'ଫିଟ୍ ଇଣ୍ଡିଆ ସାଇକେଲ ରବିବାର' ପ୍ରୟାସ ଆରମ୍ଭ ହୋଇଥିଲା।

# ଧନୁଯାତ୍ରା ହେଉଛି ଓଡ଼ିଆ ଅସ୍ମିତାର ଜୟଯାତ୍ରା

**ଭୁବନେଶ୍ୱର,୨୯।୧୨ (ମହାଭାରତ):** ଆସନ୍ତା ୩ ଜାନୁଆରୀ, ୨୦୨୫ ରିଖ ଠାରୁ ୧୩ ଜାନୁଆରୀ, ୨୦୨୫ ରିଖ ପର୍ଯ୍ୟନ୍ତ ବରଗଡ଼ ଜିଲ୍ଲାରେ ଧନୁଯାତ୍ରା ମହୋତ୍ସବ-୨୦୨୫ ପାଳିତ ହେବ। ଆମ ଓଡ଼ିଆ ସଂସ୍କୃତି ଏବଂ ଐତିହ୍ୟର ପ୍ରତୀକ ଭାବେ ଧନୁଯାତ୍ରା ମହୋତ୍ସବକୁ ଦିବ୍ୟ, ଭବ୍ୟ ଏବଂ ଆଡ଼ମ୍ବରର ସହ ପାଳନ କରିବା ସହ ଏହାକୁ ଆନ୍ତର୍ଜାତୀୟ ସ୍ତରରେ ମାନ୍ୟତା ଦେବା ପାଇଁ ଓଡ଼ିଶା ସରକାରଙ୍କ ତରଫରୁ ଅନେକ ପଦକ୍ଷେପମାନ ଗ୍ରହଣ କରାଯାଇଛି, ଯାହାର ସବିସ୍ତୃତ ବିବରଣୀ ଆଜି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ ଏକ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ପ୍ରଦାନ କରିଥିଲେ।

ଶ୍ରୀ ସୂରଜ କହିଥିଲେ ଯେ, ଧନୁଯାତ୍ରା ହେଉଛି ଓଡ଼ିଆ ଅସ୍ମିତାର ଜୟଯାତ୍ରା। ଏହି ଯାତ୍ରା ସମୟରେ ବରଗଡ଼ର ବିଭିନ୍ନ ଅଂଚଳ ମଥୁରା ନଗରୀ, ଗୋପପୁର, କଂସଙ୍କ ଦରବାର ଆଦିରେ ରୂପାନ୍ତରିତ ହୋଇଥାଏ। ଧନୁଯାତ୍ରା ମହୋତ୍ସବ-୨୦୨୫ କୁ ଦିବ୍ୟ, ଭବ୍ୟ ଏବଂ ଆଡ଼ମ୍ବରର ସହ ପାଳନ କରାଯିବା ସହ ଏହାକୁ ଆନ୍ତର୍ଜାତୀୟ ସ୍ତରରେ ମାନ୍ୟତା ଦେବା ପାଇଁ ଓଡ଼ିଶା ସରକାରଙ୍କ ତରଫରୁ ଅନୁଷ୍ଠାନିକ ଭାବେ ବିଭିନ୍ନ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଧନୁଯାତ୍ରା ପାଇଁ ୧ କୋଟି ଟଙ୍କାର ଅନୁଦାନ ରାଶି ପ୍ରଦାନ କରାଯିବାର ନିଷ୍ପତ୍ତି ନିଆଯାଇଛି। ଏହି ଅନୁଦାନ ରାଶିକୁ ପୂର୍ବରୁ ପ୍ରଦାନ କରାଯାଉଥିବା ୧୦ ଲକ୍ଷ ଟଙ୍କାରୁ ୧ କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି। ଏହାବାଦ, ଧନୁଯାତ୍ରାର ସିଧାପ୍ରସାରଣ, ଧନୁଯାତ୍ରା ନିମନ୍ତେ ସ୍ୱତନ୍ତ୍ର ୱେବସାଇଟ କରିବା ଏବଂ ଅନ୍ୟାନ୍ୟ ଆନୁସାଙ୍ଗିକ ଖର୍ଚ୍ଚ ନିମନ୍ତେ ୫୦ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯିବାର ନିଷ୍ପତ୍ତି ନିଆଯାଇଛି । ଏଥି ସହ ଧନୁଯାତ୍ରାରେ ଭାଗନେଉଥିବା ପ୍ରାୟତଃ ୧୭୦ ଜଣ କଳାକାରମାନଙ୍କୁ ୧୦ ହଜାର ଟଙ୍କା ଲେଖାଏଁ ସମ୍ମାନ ସୂଚକ ରାଶି ପ୍ରଦାନ କରାଯିବ। ପୂର୍ବବର୍ଷମାନଙ୍କରେ ଧନୁଯାତ୍ରାରେ ଅଂଶଗ୍ରହଣ କରିଥିବା ବହୁ ଅଭିନେତାମାନଙ୍କୁ ମଧ୍ୟ ସମ୍ମାନିତ କରାଯିବା ସହ ପ୍ରମାଣପତ୍ର ପ୍ରଦାନ କରାଯିବ।ଧନୁଯାତ୍ରାର ବ୍ୟାପକ ପ୍ରଚାର-ପ୍ରସାର ନିମନ୍ତେ ମଧ୍ୟ ଅନେକ ପଦକ୍ଷେପ ଗ୍ରହଣ କରାଯାଇଛି। ପ୍ରଥମଥର ପାଇଁ ଏଲ. ଇ. ଡ଼ି. ପରଦା ମାଧ୍ୟମରେ ରାଜଧାନୀ ଭୁବନେଶ୍ୱର ସମେତ ଓଡ଼ିଶାର ବିଭିନ୍ନ ପ୍ରମୁଖ ସ୍ଥାନ ମାନଙ୍କରେ ଧନୁଯାତ୍ରାର ସିଧାପ୍ରସାରଣ କରାଯିବାର ବ୍ୟବସ୍ଥା କରାଯାଇଛି। ଧନୁଯାତ୍ରା ଚାଲୁଥିବା ସମୟରେ ପ୍ରବାସୀ ଭାରତୀୟ ଦିବସ ମଧ୍ୟ ଅନୁଷ୍ଠିତ ହେଉଥିବାରୁ ରାଜ୍ୟ ଏବଂ ଦେଶ ବାହାରୁ ଆସୁଥିବା ବ୍ୟକ୍ତିମାନେ ମଧ୍ୟ ଏଲ. ଇ. ଡ଼ି ପରଦାରେ ଧନୁଯାତ୍ରାର ପ୍ରସାରଣ ହେବା ଫଳରେ ଏହି ଭବ୍ୟ ଯାତ୍ରାର ଐତିହ୍ୟ ଏବଂ ବିଶେଷତ୍ୱ ସମ୍ବନ୍ଧରେ ଅବଗତ ହୋଇପାରିବେ ବୋଲି ଲକ୍ଷ୍ୟ ରଖା ଯାଇଛି । ଏଥିସହିତ ଧନୁଯାତ୍ରା ମହୋତ୍ସବ-୨୦୨୫ ସମ୍ବନ୍ଧୀୟ ସମସ୍ତ ତଥ୍ୟ ପ୍ରଦାନ କରିବା ନିମନ୍ତେ ଏକ ସ୍ୱତନ୍ତ୍ର ୱେବସାଇଟ ମଧ୍ୟ କରାଯାଉଛି ଯେଉଁଥିରେ ଧନୁଯାତ୍ରାର ଚିତ୍ରାୟନ, ପ୍ରାମାଣିକ ଦସ୍ତାବିଜ, ସମସ୍ତ ଦୃଶ୍ୟାବଳୀ, ସହରରେ ଥିବା ପ୍ରମୁଖ ହୋଟେଲ, ପାର୍କିଂ ସ୍ଥାନ, ମହୋତ୍ସବ ସ୍ଥାନ ସମ୍ବନ୍ଧୀୟ ବିବରଣୀ ଏବଂ ଜିପିଏସ ସିଷ୍ଟମକୁ ମଧ୍ୟ ସ୍ଥାନିତ କରାଯିବ ଯାହା ଦ୍ୱାରା କି ସମସ୍ତ ଜନସାଧାରଣମାନେ ଅତି ସହଜରେ ସମସ୍ତ ତଥ୍ୟ ପାଇପାରିବେ ।ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଧନୁଯାତ୍ରା ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ୱେବସାଇଟରେ ଏକ ଡିଜିଟାଲ କୁଇଜ ଅନୁଷ୍ଠିତ କରାଯାଇ ଡିଜିଟାଲ ପ୍ରମାଣପତ୍ର ପ୍ରଦାନ କରାଯିବାର ମଧ୍ୟ ବ୍ୟବସ୍ଥା ରହିବ ବୋଲି ସଂସ୍କୃତି ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଥିଲେ । ସେ ଆହୁରି ମଧ୍ୟ କହିଥିଲେ ଯେ, ଧନୁଯାତ୍ରାକୁ ୟୁନେସ୍କୋ ଇନଟାଞ୍ଜିବୁଲ୍ କଲଚରାଲ୍ ହେରିଟେଜ୍ ର ମାନ୍ୟତା ପ୍ରଦାନ କରିବା ନିମନ୍ତେ ଏକ ବିଶେଷଜ୍ଞ କମିଟି ମଧ୍ୟ ଗଠନ କରାଯିବ। ବିଶିଷ୍ଟ ଧାରାବାହିକରେ ରାମ ଭୂମିକାରେ ଅଭିନୟ କରିଥିବା ଅଭିନେତା ତଥା ସାଂସଦ ଅରୁଣ ଗୋଭିଲ ଓ ଶ୍ରୀକୃଷ୍ଣ ଭୂମିକାରେ ଅଭିନୟ କରିଥିବା ଅଭିନେତା ନୀତିଶ ଭାରଦ୍ୱାଜ, ମଥୁରାର ସାଂସଦ ହେମାମାଳିନୀଙ୍କୁ ମଧ୍ୟ ଧନୁଯାତ୍ରାରେ ଆମନ୍ତ୍ରିତ କରାଯିବ ।



# ପ୍ରବାସୀ ଭାରତୀୟ ଦିବସ ପାଇଁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ

**ଭୁବନେଶ୍ୱର,୨୯।୧୨ (ମହାଭାରତ):** ପ୍ରବାସୀ ଭାରତୀୟ ଦିବସ ଦିବସ ପାଇଁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ । ଓଡ଼ିଶାର ସଂସ୍କୃତି ନିଛକ ପରମ୍ପରାକୁ ନେଇ ହିଁ ପ୍ରଦର୍ଶିତ ହେବ । ପ୍ରବାସୀ ଭାରତୀୟଙ୍କ ଓଡ଼ିଶାକୁ ଆସିବାର ଆଗ୍ରହ ରହିଛି ବୋଲି ସଂସ୍କୃତି ମନ୍ତ୍ରୀ ସୁରଜ ସୂର୍ଯ୍ୟବଂଶୀ କହିଛନ୍ତି । ପ୍ରବାସୀ ଭାରତୀୟ ଦିବସ ଦିବସ ପାଇଁ ରାଜ୍ୟ ସରକାରଙ୍କ ପ୍ରସ୍ତୁତି ନେଇ ସଂସ୍କୃତି ମନ୍ତ୍ରୀ ସୁରଜ ସୂର୍ଯ୍ୟବଂଶୀ ତାଙ୍କ ପ୍ରତିକ୍ରିୟାରେ ଏହା କହିଛନ୍ତି ।

ସେ କହିଛନ୍ତି ଯେ, କଟକ ପୁରୀ, ଖୋର୍ଦ୍ଧା ଯାଜପୁରର ଐତିହ୍ୟ ସ୍ଥାନର ପ୍ରବାସୀ ଭାରତୀୟଙ୍କ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ । ଗୃହ ବିଭାଗ ଏବଂ ପର୍ଯ୍ୟଟନ ବିଭାଗ ତତ୍ତ୍ୱାବଧାନରେ ପ୍ରବାସୀ ଭାରତୀୟ କିଭଳି ସେହି ଐତିହ୍ୟ ସ୍ଥାନ ବୁଲିବେ । ସେ କହିଛନ୍ତି ଯେ ପ୍ରବାସୀ ଭାରତୀୟ ଦିବସ ଆମ ଓଡ଼ିଶା ପାଇଁ ହେବ ଏକ ଐତିହାସିକ ମୂହୁର୍ତ୍ତ। ପୂର୍ବରୁ ଏକଥା କେବେ ହୋଇ ନ ଥିଲା। ଯେଉଁ ଅତିଥି ଆସିବେ ତାଙ୍କୁ ରାଜ୍ୟ ସରକାର ପ୍ରସ୍ତୁତ। ପ୍ରାରମ୍ଭିକ ସ୍ତରରେ କୁହାଯାଉଥିଲା। ପଞ୍ଜିକରଣ ଏତେ ହେଉ ନ ଥିଲା। ଅତିଥି ଆସିବେ କି ନାହିଁ ଏଭଳି ଆଲୋଚନା ହେଉ ଥିଲା। କିନ୍ତୁ ଆଜିର ଦିନରେ ସେଭଳି ସ୍ଥିତି ନାହିଁ। ପ୍ରବାସୀ ଭାରତୀୟଙ୍କ ଓଡ଼ିଶାକୁ ଆସିବାର ଆଗ୍ରହ ରହିଛି। ଓଡ଼ିଶାର ଐତିହକୁ ଉପଲବ୍ଧି କରିବାର ଆଗ୍ରହ ରହିଛି। ବିଭାଗ ପକ୍ଷରୁ ପ୍ରବାସୀ ଭାରତୀୟ ଯେଉଁମାନେ ଆସିବେ ସେମାନେ ଯେମିତି ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମକୁ ଉପଭୋଗ କରିବେ। ବିଭିନ୍ନ ଉତ୍ସବକୁ ଯେଭଳି ଭବ୍ୟତା ଢ଼ଙ୍ଗରେ କରାଯାଉଛି ସେମାନେ ଦେଖି ପାରିବେ ତାହାକୁ। ଷ୍ଟେଟ ମ୍ୟୁଜୀୟମରେ ବିଭିନ୍ନ ପ୍ରକାର ବ୍ୟବସ୍ଥା କରାଯାଉଛି। ଯେଉଁ ସମୟରେ ଶୀର୍ଷ ନେତୃତ୍ୱ ଆସିବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି ସେହି ସମୟରେ ପ୍ରବାସୀ ଭାରତୀୟ ଉପସ୍ଥିତିରେ ସଂସ୍କୃତିକ କାର୍ଯ୍ୟକ୍ରମ ହେବ। ଓଡ଼ିଶାର ସଂସ୍କୃତି ନିଛକ ପରମ୍ପରାକୁ ନେଇ ହିଁ ପ୍ରଦର୍ଶିତ ହେବ। କଟକ ପୁରୀ, ଖୋର୍ଦ୍ଧା ଯାଜପୁର ଭଳି ପାଖାପାଖି ଜିଲ୍ଲାରେ ଯେଉଁ ଐତିହ୍ୟ ସ୍ଥାନର ପ୍ରବାସୀ ଭାରତୀୟଙ୍କ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଗୃହ ବିଭାଗ ଏବଂ ପର୍ଯ୍ୟଟନ ବିଭାଗ ତତ୍ତ୍ୱାବଧାନରେ ପ୍ରବାସୀ ଭାରତୀୟ କିଭଳି ସେହି ଐତିହ ସ୍ଥାନ ବୁଲି ପାରିବେ ସେ ବ୍ୟବସ୍ଥା କରାଯାଇଛି। ଭୁବନେଶ୍ୱର ସମେତ ସବୁ ସ୍ଥାନରେ ସାଇନଏଜ ଗୁଡ଼ିକ ପାଇଁ ବ୍ୟବସ୍ଥା କରାଯାଉଛି। ରାସ୍ତାର ମାରମତି କରାଯାଉଛି। ସେହି ସବୁ ସ୍ଥାନରେ ଟଏଲେଟ, ଟେଷ୍ଟ ରୁମ୍, ହେଲ୍ପ ଡେସ୍କ ସହିତ ଗାଇଡର ମଧ୍ୟ ବ୍ୟବସ୍ଥା ରହିବ। ସଂସ୍କୃତି ବିଭାଗ ପକ୍ଷରୁ ଯୋଗାଯୋଗ ଏବଂ ଗମନଗମନ କ୍ଷେତ୍ରରେ ପ୍ରବାସୀ ଭାରତୀୟଙ୍କ ସହଯୋଗ ପାଇଁ ପଦକ୍ଷେପ ଗ୍ରହଣ କରାଯିବ। ଭୁବନେଶ୍ୱର ଚାଳକ ସହିତ ଆଲୋଚନା କରାଯିବ। ସେମାନେ କିଭଳି ଫ୍ରେଣ୍ଡଲି ବ୍ୟବହାର କରିବା ସହ ଗାଇଡ କରିବେ ତାଙ୍କ ସହିତ ଆଲୋଚନା କରାଯିବ।




# ବିଜେଡି ବୁଡ଼ିଯିବ ଭୟରେ ଛାନିଆ ହେଇ ନବୀନ କ୍ଷେତ ବୁଲିବେ : ସୁକାନ୍ତ ପାଣିଗ୍ରାହୀ

**ଭୁବନେଶ୍ୱର,୨୯।୧୨ (ମହାଭାରତ):** ବିଜେଡି ବୁଡ଼ିଯିବ ଭୟରେ ଛାନିଆ ହେଇ ନବୀନ ପଟ୍ଟନାୟକ ଖେତ ବୁଲିବେ । ନବୀନ ଚାଷ ଓ ଚାଷୀଙ୍କୁ ଭେଟିବା ନେଇ ନବୀନଙ୍କୁ କାଉଂଟର କରି କନ୍ଧମାଳ ବିଜେପି ସାଂସଦ ସୁକାନ୍ତ ପାଣିଗ୍ରାହୀ ଏହା କହିଛନ୍ତି। ସେ କହିଛନ୍ତି ଯେ, ନବୀନ ଗ୍ରାଉଣ୍ଡ ଜିରୋକୁ ଯାଉଛନ୍ତି ନାଁ ନିଜେ ଜିରୋ ହେବାକୁ ଯାଉଛନ୍ତି ସେ ନିଜ ମନକୁ ପଚାରିବା ଦରକାର। ଗୋଦରିଲୋ ତୋ ଗୋଡ଼କୁ ଅନା ଢାଂଚାରେ ନିଜର କଥାକୁ ନବୀନ ନିଜେ ଆତ୍ମ ସମୀକ୍ଷା କରିବା ଦରକାର ଯେ ବିଗତ ଦିନରେ ତାଙ୍କ ସରକାର ଅଦିନିଆ ବର୍ଷାରେ କଣ କରୁଥିଲା। ସେ କହିଛନ୍ତି ଯେ ପୂର୍ବରୁ ବିଧାନସଭା ଯାଉ ନଥିବା ଲୋକ ଏବେ କଣ କ୍ଷେତକୁ ଯେବ। ବିଜେଡି ବୁଡ଼ିଯିବ ଭୟରେ ଛାନିଆ ହେଇ ନବୀନ କ୍ଷେତ ବୁଲୁଛନ୍ତି। ପାର୍ଟିକୁ ବଂଚାଇବା ପାଇଁ ନବୀନ ଷ୍ଟ୍ରଗଲ କରୁଛନ୍ତି। ନବୀନ ବାବୁ ସଧାରଣ ଲୋକଙ୍କୁ ଭୂତେଇକି କେନ୍ଦ୍ର ଯୋଜନାକୁ ହଡପ କରି ଯେଉଁ ନାଁ କମେଇଥିଲେ ତାହା ଆଜି ହରେଇଛନ୍ତି ବୋଲି ସେ କହିଛନ୍ତି । ବିଜେପି ନିର୍ବାଚନ ସମୟର ଦେଇ ଥିବା କଥାକୁ ପୂରଣ କରିବା ଦ୍ୱାରା ଲୋକଙ୍କର ଆସ୍ଥା ଭାଜନ କରିଛନ୍ତି। ୧୦୦ ଟଙ୍କା ଇନପୁଟ ସବସିଡ ଦେବା ପାଇଁ କହିଥିଲେ, ୭ କି ୮ ବର୍ଷ ଭିତରେ ଦ୍ୱେଇ ପାରିଲେ ନାହିଁ। ଆଜି ମୋହନ ସରକାର ୮୦୦ ଟଙ୍କା ଇନପୁଟ ଲୋକଙ୍କ ଆକାଉଂଟକୁ ପଠାଉଛନ୍ତି । ବିଜେଡି ନିଜକୁ ନିଜେ ଆତ୍ମ ସମୀକ୍ଷା କରିବା ଦରକାର। ସେ କହିଛନ୍ତି ଯେ, ବିଜେପିର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସଧାରଣ ଲୋକଙ୍କ ସହ ଆଲୋଚନା କରୁଛନ୍ତି, ସାଧାରଣ ଲୋକଙ୍କ ସହ ମିଶୁଛନ୍ତି , ଲୋକଙ୍କ ସୁଖ ଦୁଃଖ ବୁଝୁଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ କାର୍ଯ୍ୟ କରୁନଥିଲା। ଅଦିନିଆ ମେଘ ପାଇଁ ବିଜେପି ସରକାର ସବୁ କିଛି ଘୋଷଣା କରି ସାରିଛନ୍ତି । ବିଜେପି ସରକାର ପୂର୍ବରୁ ଯାହା ଘୋଷଣା କରିଥିଲେ ସବୁ ପୂରଣ କରିଛନ୍ତି।

# କ୍ଷତିଗ୍ରସ୍ତ ଫସଲ ବୀମାଭୁକ୍ତ ଚାଷୀଙ୍କ ପାଇଁ ଆବେଦନ ସୂଚନା ୩ ଦିନ ବୃଦ୍ଧି କରାଯାଉ : କଂଗ୍ରେସ

**ଭୁବନେଶ୍ୱର,୨୯।୧୨ (ମହାଭାରତ):** ଲଘୁଚାପ ଜନିତ ଅଦିନିଆ ବର୍ଷାରେ ୨୧ଟି ଜିଲ୍ଲାରେ ଧାନ ଓ ଅଣଧାନ ଫସଲ ପ୍ରଭୃତି ବ୍ୟାପକ ଭାବେ ନଷ୍ଟ ହୋଇଛି। ଫସଲହାନୀ ଓ ଋଣଭାରରେ ଇତି ମଧ୍ୟରେ ୬ଜଣ ଚାଷୀ ଆତ୍ମହତ୍ୟା କଲେଣି। ସରକାର ସମ୍ବେଦନଶୀଳ ହେବା ପରିବର୍ତ୍ତେ କ୍ଷେତ୍ରସ୍ତରର ଦୁଃସ୍ଥିତି ଅଦ୍ୟାବଧି ସମାଧାନ କରିବାର ଠିକଣା ବାଟ ବାହାର କଲେ ନାହିଁ। କୃଷି,ସମବାୟ, ଖାଦ୍ୟ ଓ ଖାଉଟି କଲ୍ୟାଣ ଓ ରାଜସ୍ୱମନ୍ତ୍ରୀ ଚାଷୀଙ୍କୁ ଦେଉଥିବା ପ୍ରତିଶ୍ରୁତିରେ କୌଣସି ସତ୍ୟତା ଓ ତାଳମେଳ ରହୁନାହିଁ। ମୁଖ୍ୟମନ୍ତ୍ରୀ ଗତକାଲି ଚଳିତ ମାସ ୩୦ ତାରିଖ ସୁଦ୍ଧା ଫସଲ କ୍ଷୟକ୍ଷତିର ଆକଳନ କରି ରିପୋର୍ଟ ପଠାଇବା ପାଇଁ ନିର୍ଦ୍ଦେଶ ଦେଇଥିବା ସ୍ଥଳେ କ୍ଷେତ୍ରସ୍ତରର ବିଭାଗୀୟ ଅଧିକାରୀଙ୍କର ଦେଖାନାହିଁ। ରାଜ୍ୟର ସମସ୍ତ ଫସଲ କ୍ଷତିଗ୍ରସ୍ତ ଚାଷୀଙ୍କୁ ବିଶେଷ କରି ବୀମା କରିଥିବା ଏବଂ ବୀମା ନ କରିଥିବା ଚାଷୀଙ୍କୁ ସହାୟତା ଦିଆଯିବ ବୋଲି ଖୋଦ୍ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। କ୍ଷତିଗ୍ରସ୍ତ ଚାଷୀ ସହାୟତା ପାଇବା ପାଇଁ କୃଷି ରକ୍ଷକ ଆପ୍ କିମ୍ବା ହେଲ୍ପ ଲାଇନ୍ ୧୪୪୪୭ରେ ଆବେଦନ କରିବା ପାଇଁ ୭୨ ଘଣ୍ଟା ମହଲତ ଦେଇଛନ୍ତି। ଇତି ମଧ୍ୟରେ ଆଜି ଡିସେମ୍ବର ୨୯ ତାରିଖରେ ସୂଚନା ଦେବାର ୭୨ ଘଣ୍ଟା ପୁରି ଯାଉଛି। ଖରିଫରେ ରାଜ୍ୟର ୨୧ଲକ୍ଷରୁ ଉର୍ଦ୍ଧ୍ୱ ଚାଷୀ ଫସଲବୀମା ପାଇଁ ପଞ୍ଜିକୃତ କରିଥିଲେ। କିନ୍ତୁ ଗତକାଲି ସନ୍ଧ୍ୟା ସୁଦ୍ଧା ମାତ୍ର ଆପ୍ରେ ୧ଲକ୍ଷ ୨୬ହଜାର ଚାଷୀ ଆବେଦନ କରିଛନ୍ତି। ଫସଲ ଉଦ୍ଧାର ପାଇଁ ଅସହାୟ ଭିତରେ ଥିବା ରାଜ୍ୟର ଲକ୍ଷ ଲକ୍ଷ ଚାଷୀଙ୍କୁ ସରକାର ଏହି ଦିଗରେ ସେପରି ସଚେତନ କରିନାହାନ୍ତି। ଯେଉଁମାନେ ଆବେଦନରୁ ବଞ୍ଚିତ ହେବେ ସେହି ଚାଷୀ ସହାୟତା ପାଇବେ କିପରି ? ସବୁ ଚାଷୀଙ୍କ ପାଖରେ ମୋବାଇଲ୍ ନାହିଁ। ଗ୍ରାମାଞ୍ଚଳରେ ବହୁ ସମୟ ବିଦ୍ୟୁତକାଟ୍ ହେଉଛି। ରିଚାର୍ଜ୍ୟ କରିବା ସମ୍ଭବପର ନୁହେଁ। ଆଉ ଯେଉଁ ଆପ୍ ନମ୍ବରଟି ଜାରି କରାଯାଇଛି ଅନେକ ସମୟରେ ଏହା ଅଚଳ। ଏଥିରେ କେତେଦୂର ଚାଷୀ ଆବେଦନ କରିପାରିବେ ବୋଲି କଂଗ୍ରେସ ପକ୍ଷରୁ ସରକାରଙ୍କଠାରୁ କୈଫୟତ ତଲବ କରାଯାଇଛି।

# ରାଉରକେଲାର ବିକାଶ ପାଇଁ ୫୦୦ରୁ ଉର୍ଦ୍ଧ୍ୱ ପ୍ରକଳ୍ପ ହାତକୁ ନିଆଯାଇଛି : ଆରଏମସି କମିଶନର

**ଭୁବନେଶ୍ୱର,୨୯।୧୨ (ମହାଭାରତ):** ରାଉରକେଲା ମହାନଗର ନିଗମ, ରାଉରକେଲା ସ୍ମାର୍ଟ ସିଟି ଲିମିଟେଡ ଏବଂ ରାଉରକେଲା ଉନ୍ନୟନ କର୍ତ୍ତୃପକ୍ଷ ପକ୍ଷରୁ ରାଉରକେଲା ଓ ଆଖପାଖ ଅଂଚଳରେ ବିଭିନ୍ନ ଉନ୍ନୟନ ବିଭିନ୍ନ ଜନକଲ୍ୟାଣକାରୀ ପ୍ରକଳ୍ପ ଗୁଡିକର ଆଜି ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ତଥା ମହାନଗର ନିଗମ କମିଶନର ଶ୍ରୀଯୁକ୍ତ ଆଶୁତୋଷ କୁଲକର୍ଣ୍ଣ ଏକ ସମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ।

ଆଜି ମହାନଗର ନିଗମ ସଭାକକ୍ଷରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀ ରେ ଗଣମାଧ୍ୟମର ପ୍ରତିନିଧି ମାନଙ୍କୁ ସମ୍ବୋଧିତ କରି କହିଛନ୍ତି ଯେ ଆରଏମସି ପକ୍ଷରୁ ଜୁଲାଇ ଓ ଅଗଷ୍ଟ ମଧ୍ୟରେ ବିଭିନ୍ନ ୱାର୍ଡରେ ଅଂଚଳବାସୀଙ୍କ ଆପତି ଅଭିଯୋଗର ଶୁଣାଣି କରାଯାଇଥିଲା । ଏହି ଜନଶୁଣାଣୀରେ ପାଖାପାଖି ୫୦୦ ଅଭିଯୋଗକାରୀଙ୍କ ଅଭିଯୋଗର ଶୁଣାଣୀ ହୋଇଥିଲା କ୍ଷ ସେଥି ମଧ୍ୟରେ ମୁଖ୍ୟତଃ ଡ୍ରେନ୍ ସମସ୍ୟା, ଷ୍ଟ୍ରିଟ ଲାଇଟ, ରାସ୍ତା ନିର୍ମାଣ, ପାନୀୟ ଜଳ ଯୋଗାଣ ଆଦି ଅଭିଯୋଗ ଅନ୍ତର୍ଭୁକ୍ତ ଥିଲା । ସେଥିରୁ ଅଧିକାଂଶ ସମସ୍ୟାର ସମାଧାନ କରା ଯାଇଅଛି ।

ଚଳିତ ବର୍ଷ ଆରଏମସି ପକ୍ଷରୁ ୫୦୦ ରୁ ଉର୍ଦ୍ଧ୍ୱ ପ୍ରକଳ୍ପ ନିମନ୍ତେ ୧୦୪ କୋଟି ଟଙ୍କାର ବାର୍ଷିକ ବ୍ୟୟ ଅଟକଳ ରଖାଯାଇଛି । ଏଥିରେ ନିଗମରେ ସାମିଲ ହୋଇଥିବା ନୂତନ ୱାର୍ଡ ଫର୍ଟିଲାଇଜର, ଜଗଦା ଓ ଝାରତରଙ୍ଗର ବିକାଶ ଉପରେ ବିଶେଷ ଗୁରୁତ୍ୱ ଦିଆଯିବ। ଏହା ବ୍ୟତୀତ ଭଣ୍ଡା ଟୋଲା, ତନ୍ତିଟୋଲା, ବୁରୁଟୋଲା, ସିଂ ଟୋଲା , ନଦିଟୋଲା , ବାଲିଯୋଡି ଓ ଜେକେ ନଗରରେ ମୁଖ୍ୟତଃ ଡ୍ରେନ୍ ସମସ୍ୟା, ଷ୍ଟ୍ରିଟ ଲାଇଟ, ରାସ୍ତା ନିର୍ମାଣରେ ମଧ୍ୟ ନିବେଶ କରାଯିବ ।

ସେହିପରି ଶ୍ରୀ କୁଲକର୍ଣ୍ଣ ସୂଚନା ଦେଲେ ଯେ, ମହାନଗର ନିଗମ ଅଚଂଳରେ ମୋଟ ୫୨ ଟି ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରହିଛିକ୍ଷ ସେଥିମଧ୍ୟରୁ ୧୦ ଟି ବିଦ୍ୟାଳୟର ଉନ୍ନତି କରଣ କରାଯାଇଛି । ଆଗାମୀ ଦିନରେ ଆରଏମସି ପକ୍ଷରୁ ୭ ଟି ବିଦ୍ୟାଳୟକୁ ଭଙ୍ଗାଯାଇ ନୂତନ ବିଂଲଡିଂ ନିର୍ମାଣ କରାଯିବ । ଏଥିପାଇଁ ୭ କୋଟି ଟଙ୍କାର ବ୍ୟୟ ଅଟକଳ ରଖା ଯାଇଛି ।

ଇଡବ୍ଲୁଏସ ଆବାସ ଗୃହ ବିଷୟରେ ସେ କହିଛନ୍ତି ଯେ, ରାଉରକେଲା ଉନ୍ନୟନ କର୍ତ୍ତୃପକ୍ଷରୁ ଛେଣ୍ଡ ନିକଟରେ ମନଟୋଲା, ବିପିୟୁଟି ବସ୍ତି, ବିଦ୍ୟୁତ ବସ୍ତିର ବସ୍ତି ବାସିନ୍ଦାମାନଙ୍କ ଥଇଥାନ ନିମନ୍ତେ ସୂଲଭ ମୂଲ୍ୟର ୫୦୦ ଫ୍ଲାଟ୍ ନିର୍ମାଣ କରାଯାଇଛି । ସେମାନଙ୍କର ସ୍ଥାନାନ୍ତରଣ ପ୍ରକ୍ରିୟା ଆରମ୍ଭ ହୋଇ ଯାଇଛି । ଫେବୃଆରୀ ଶେଷ ପର୍ଯ୍ୟନ୍ତ ସ୍ଥାନାନ୍ତରଣ ପ୍ରକ୍ରିୟା ସାରିବାର ଲକ୍ଷ୍ୟ ରଖାଯାଇଛି । ଆଜି ପର୍ଯ୍ୟନ୍ତ ବେଆଇନ୍ ଭାବେ ନିର୍ମାଣାଧୀନ ୬୦ ଟି ବିଲ୍ଡିଂରେ ଆରଏମସିର ପ୍ଲାନିଂ ଓ ଏନଫୋର୍ସମେଂଟ ଟିମ୍ ପହଂଚି ନୋଟିସ ଲଗାଇଛନ୍ତି। ବେଆଇନ କାମକୁ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଥିଲେ।

ଆଗାମୀ ଯୋଜନା ବିଷୟରେ ଗଣ ମାଧ୍ୟମର ପ୍ରତିନିଧି ମାନଙ୍କୁ ଜଣାଇଲେ ଯେ, ୪ କୋଟି ଟଙ୍କାର ବ୍ୟୟରେ ଟିସିଆଇ ଚୌକ ରୁ ଇଡକୋ ଗେଟ ରୋଡ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଛିକ୍ଷ ଦୟାନନ୍ଦ ନଗର, ବୁରୁଟୋଲା, ପିକେଦାସ କୋଲୋନି,ଫାଦର କୋଲୋନିରେ ଡ୍ରେନେଜ ବ୍ୟବସ୍ଥା କରାଯିବ । ଜଗଦା, ଶକ୍ତିନଗର, ଝିରପାଣି,କୋଏଲ ନଗର ଅଂଚଳରେ ସ୍ୱେରେଜ ବ୍ୟବସ୍ଥା କରିବାର ମଧ୍ୟ ଯୋଜନା ରହିଛି । ସେହିପରି ଟିସକୋ ହିଲ , କଳିଙ୍ଗ ବିହାର, ପ୍ରଧାନପାଲି ଅଂଚଳ ନିମନ୍ତେ ଏକ ମାର୍କେଟ ନିର୍ମାଣ କରାଯିବ । ଏଥିରେ ୪୦୦ ଭେଣ୍ଡର ବସିବାର ବ୍ୟବସ୍ଥା କରାଯିବ । ବଲୁଘାଟରେ ହୋଲସେଲ ମାର୍କେଟ ର ମଧ୍ୟ ନିର୍ମାଣ କରିବାର ଯୋଜନା ରହିଛି । ଖୁବ ଶିଘ୍ର ଏହା ପାଇଁ ସର୍ଭେ ଆରମ୍ଭ କରିବ । ଶ୍ରୀ କୁଲକର୍ଣ୍ଣ ଆହୁରି ମଧ୍ୟ କହିଲେ ଯେ ଆରଜିଏଚରେ ଏନଏସପିସିଏଲ ପକ୍ଷରୁ ପୋଷ୍ଟମର୍ଟମ ସେଂଟର ସ୍ଥାପନ କରାଯିବ । ମୃତ ପଶୁ ପୋଡିବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ସହିତ ସି ଓ ଡି ୱେଷ୍ଟ ପ୍ରୋସେସ ପ୍ଲାଂଟ ସ୍ଥାପନ ପାଇଁ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇଯିବ ।

# ଇଣ୍ଡିଆ ବ୍ଲକରେ ଫାଟ

କିଛି ଦିନ ତଳେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ବିରୋଧୀ ମେଣ୍ଟର ନେତୃତ୍ୱ ବଦଳିବା ସପକ୍ଷରେ ମତବ୍ୟକ୍ତ କରିଥିଲେ। ପରୋକ୍ଷରେ ସେ ମେଣ୍ଟର ବୃହତ୍ତମ ଦଳ କଂଗ୍ରେସ ଏବଂ ଏହାର ନେତା ରାହୁଲ ଗାନ୍ଧିଙ୍କୁ ସମାଲୋଚନା କରି ସେ ମେଣ୍ଟକୁ ଉପଯୁକ୍ତ ନେତୃତ୍ୱ ଦେବାରେ ବିଫଳ ହୋଇଥିବା ଅଭିଯୋଗ କରିଥିଲେ। ଏଥିସହିତ ସେ ନିଜେ ଇଣ୍ଡିମେଣ୍ଟର ନେତୃତ୍ୱ ନେବାକୁ ପ୍ରସ୍ତୁତ ବୋଲି କହିଥିଲେ। ତାଙ୍କୁ ମେଣ୍ଟର କିଛି ପ୍ରମୁଖ ଅଂଶୀଦାର ଦଳ ଯଥା ସମାଜବାଦୀ ପାର୍ଟି , ଆରଜେଡି ଏବଂ ଶରଦ ପାୱାରଙ୍କ ଏନସିପି ସମର୍ଥନ କରିଛି। ଏହାକୁ ନେଇ ମେଣ୍ଟରେ ଗୁରୁତର ମତ ବିଭାଜନ ସୃଷ୍ଟି ହୋଇଥିବା ବେଳେ ଏବେ ଆଉ ଏକ ପ୍ରସଙ୍ଗରେ ମେଣ୍ଟରେ ଫାଟ ସୃଷ୍ଟି ହୋଇଛି। ତାହା ହେଲା ଇଭିଏମ ଟାମ୍ପରିଂ ଇସ୍ୟୁ। ହରିୟାନା ଓ ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ପରାଜୟକୁ କଂଗ୍ରେସ ସହଜରେ ହଜମ କରିପାରୁନାହିଁ। ପରାଜୟ ନିମନ୍ତେ ଆତ୍ମସମୀକ୍ଷା କରିବା ପରିବର୍ତ୍ତେ କଂଗ୍ରେସ ଏଥିପାଇଁ ଇଭିଏମକୁ ଦାୟୀ କରିଛି। ବିଜେପି ଇଭିଏମ ଗଡ଼ବଡ଼ କରି ନିର୍ବାଚନ ଜିତିଛି ବୋଲି କଂଗ୍ରେସ ଅଭିଯୋଗ କରିଛି। କଂଗ୍ରେସର ଏହି ମତାମତକୁ ସହଯୋଗୀ ଦଳମାନେ ନାପସନ୍ଦ କରିବା ସହ ଏହାକୁ ଖଣ୍ଡନ କରିଛନ୍ତି। ପ୍ରଥମେ ଜାମ୍ମୁ-କାଶ୍ମୀର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ଏହି ପ୍ରସଙ୍ଗରେ କଂଗ୍ରେସକୁ ସମାଲୋଚନା କରି କହିଛନ୍ତି ଯେ, ଇଭିଏମ ପ୍ରସଙ୍ଗରେ କଂଗ୍ରେସ ସ୍ଥିରତା ବଜାୟ ରଖୁ। ଯେଉଁ ରାଜ୍ୟରେ କଂଗ୍ରେସ ଜିତୁଛି ସେଠାରେ ଇଭିଏମ ଠିକଠାକ ଅଛି, ଆଉ ଯେଉଁଠି ପରାଜିତ ହେଉଛି, ସେଠାରେ ଇଭିଏମ ଗଡ଼ବଡ଼ କରାଯାଉଛି ବୋଲି କଂଗ୍ରେସ କାହିଁକି ଅଭିଯୋଗ କରୁଛି ବୋଲି ଓମାର ପ୍ରଶ୍ନ କରିଛନ୍ତି। ଏହା ଉପରେ କଂଗ୍ରେସ ଏବଂ ନ୍ୟାସନାଲ କନଫରେନ୍ସ ମୁହାଁମୁହିଁ ହୋଇଛନ୍ତି। ନ୍ୟାସନାଲ କନଫରେନ୍ସ ହେଉଛି ଇଣ୍ଡିମେଣ୍ଟର ଏକ ସହଯୋଗୀ ଦଳ। ଜାମ୍ମୁ-କାଶ୍ମୀର ବିଧାନସଭା ନିର୍ବାଚନରେ ଦୁଇ ଦଳ ମିଶି ଲଢ଼ିଥିଲେ। ଓମାରଙ୍କ ସରକାରରେ କଂଗ୍ରେସ ଏକ ଅଂଶୀଦାର ଦଳ ଭାବେ ରହିଛି। କିନ୍ତୁ ଏହା ସତ୍ତ୍ୱେ କଂଗ୍ରେସ ଓ ନ୍ୟାସନାଲ କନଫରେନ୍ସ ମଧ୍ୟରେ ଏଭଳି ବାଦ ବିବାଦ ମେଣ୍ଟ ପାଇଁ ଶୁଭଙ୍କର ନୁହେଁ। କହିବା ବାହୁଲ୍ୟ ଯେ, ଜାମ୍ମୁ-କାଶ୍ମୀରରେ ଓମାର ସରକାର ବଞ୍ଚାଇବା ନିମନ୍ତେ କଂଗ୍ରେସ ଉପରେ ନିର୍ଭରଶୀଳ ନୁହଁନ୍ତି। ତେଣୁ ସ କଂଗ୍ରେସକୁ ବେଖାତିର କରୁଛନ୍ତି। ଏହି ପ୍ରସଙ୍ଗରେ କଂଗ୍ରେସ ମଧ୍ୟ ଓମାରଙ୍କୁ ସମାଲୋଚନା କରି କହିଛି ଯେ, ମୁଖ୍ୟମନ୍ତ୍ରୀ ହେବା ପରେ ଓମାରଙ୍କ ସ୍ୱର ବଦଳିଯାଇଛି। ଏବେ ଏହି ପ୍ରସଙ୍ଗରେ ମମତା ବାନାର୍ଜୀ ମଧ୍ୟ କଂଗ୍ରେସକୁ ଟାର୍ଗେଟ କରିଛନ୍ତି। ଇଭିଏମ ଟାମ୍ପରିଂ କରି ନିର୍ବାଚନ ଜିତିହେବ, ତାହା ପ୍ରମାଣିତ କରି ଦେଖାଇବାକୁ ସେ କଂଗ୍ରେସକୁ ଆହ୍ୱାନ କରିଛନ୍ତି। ଯଦିଓ ପଶ୍ଚିମବଙ୍ଗରେ ମମତା ଏକାକି ଲଢୁଛନ୍ତି, କିନ୍ତୁ ସେ ମଧ୍ୟ ବିରୋଧୀ ଇଣ୍ଡିଆ ବ୍ଲକର ସଦସ୍ୟ। ଗୋଟିଏ ମେଣ୍ଟରେ ରହି ସମାନ ପ୍ରସଙ୍ଗରେ ଦୁଇ ଦୁଇଟି ଅଂଶୀଦାର ଦଳ କଂଗ୍ରେସକୁ ସମାଲୋଚନା କରିବା ବାସ୍ତବରେ ରାଜନୈତିକ ଦୃଷ୍ଟିରୁ ବେଶ ଗୁରୁତ୍ୱପୂର୍ଣ୍ଣ। ଯାହା ଆକଳନ କରାଯାଉଛି, ଆଗାମୀ ଦିନରେ ଏହିସବୁ ପ୍ରସଙ୍ଗରେ ଇଣ୍ଡିମେଣ୍ଟ ବିଭାଜିତ ହେବ ଏବଂ ମମତାଙ୍କ ନେତୃତ୍ୱରେ ଆଞ୍ଚଳିକ ଦଳମାନଙ୍କୁ ନେଇ ଏକ ନୂଆ ମେଣ୍ଟ ସୃଷ୍ଟି ହେବ। ନଚେତ ଇଣ୍ଡିଆ ବ୍ଲକରେ ବିଭିନ୍ନ ଅଂଶୀଦାର ଦଳମାନଙ୍କୁ ନେଇ ଏକ ନୂତନ ବ୍ଲକ ବା ପ୍ରେସର ଗ୍ରୁପ ସୃଷ୍ଟି ହେବ। ଏହା ରାହୁଲଙ୍କ ପ୍ରଧାନମନ୍ତ୍ରୀ ହେବା ସ୍ୱପ୍ନକୁ ଦିବାସ୍ୱପ୍ନରେ ପରିଣତ କରିପାରେ।

# ଷଡ଼ରିପୁ

**॥ ଇଂ.ସଚ୍ଚିଦାନନ୍ଦ ନନ୍ଦ ॥**

*ଲୋଭ - ଏହା ଭଦ୍ର ଲୋକକୁ ଚୋର କରିଦିଏ, ସନ୍ୟାସୀକୁ ସତ୍ୟାନାଶୀ କରିଦିଏ। ଲୋଭାସକ୍ତ ଲୋକ କାମାସକ୍ତ ବି ହୋଇଯାଇପାରେ। ସେ ଏଠାରେ ଲୋଭ ସହ କାମ ରୂପକ ଶତ୍ରୁ କବଳରେ ପଡ଼ି ଦ୍ୱିଗୁଣିତ କ୍ଷତି ସମ୍ମୁଖୀନ ହୁଏ। ଲୋଭୀ ଲୋକର ଭାବନାଧାରା ଏତେ ଅପବିତ୍ର ଥାଏ ଯେ ପରିଶେଷରେ ସେ ପାପୀରେ ପରିଣତ ହୋଇଯାଏ। କୌଣସି କାମ ନକରି ନିଜକୁ ନଷ୍ଟ କରିଦିଏ। ଦୁର୍ଯ୍ୟୋଧନର ରାଜ୍ୟ ଲୋଭର ପରିଣତି ସମସ୍ତେ ଜାଣନ୍ତି, କଂସର ଜୀବନ ପ୍ରତି ଥିବା ଲୋଭରା ପରିଣତି ଯାହା ହେଲା, ରାବଣର ନାରୀ ଲୋଭ ଫଳରେ ଯାହା ଘଟିଲା ସେଥିରୁ ଆମେ ଶିକ୍ଷା ଲାଭ କରିବା ଉଚିତ।*

ସଂସାରରେ ଯାହାସବୁ ଘଟି ଯାଉଛି ସେଥିରେ ବ୍ୟତିବ୍ୟସ୍ତ ହେବାର କିଛି ନାହିଁ କାରଣ ସବୁ ପରା ଆମ ଭଗବାନଙ୍କ ଦ୍ୱାରା ଘଟୁଛି। ଆମେ ଆମ ଠାରେ ଥିବା ଷଡ଼ରିପୁଙ୍କ ଦ୍ୱାରା ଅନେକ ସମୟରେ ଆକ୍ରାନ୍ତ ହେଉ, ଭୁଲ ହୋଇଯାଏ, ସେଥିପାଇଁ ଅନୁତାପ କରୁ, ଆହୁରି ନାନା ସମସ୍ୟା ସୃଷ୍ଟି ହୋଇଯାଏ, ସେଥିରୁ ତାହାର ପାର୍ଶ୍ୱ ପ୍ରତିକ୍ରିୟା ଆରମ୍ଭ ହୋଇଯାଏ ଏବଂ ଆମ୍ଭେମାନେ ହନ୍ତସନ୍ତ ହୋଇ ନାନା ଦୁଶ୍ଚିନ୍ତା ଏବଂ ଆଶଙ୍କାର ଶୀକାର ହୋଇପଡ଼ୁ। ସେ ସବୁଥିରୁ ନିଜକୁ ଉଦ୍ଧାର କରିବାର ଉପାୟ ଖୋଜିବସୁ। ଏଥିରେ କୃତକାର୍ଯ୍ୟ ହେବାର ଉପାୟ ମିଳେ କେବଳ ଏହି ଷଡ଼ରିପୁଙ୍କ ସମୁଚିତ ବ୍ୟବହାର ଓ ପ୍ରୟୋଗ ଫଳରେ, ବୁଦ୍ଧି ବଳରେ। କାମ, କ୍ରୋଧ, ଲୋଭ, ମୋହ, ମଦ ଓ ମାତ୍ସର୍ଯ୍ୟଙ୍କୁ ରିପୁ କୁହାଯାଇଛି। ସେଥିରୁ ଜଣାଯାଉଛି ଏଗୁଡ଼ିକ ଗୋଟିଏ ଗୋଟିଏ ଶତ୍ରୁ, ପୁଣି ଆମ ଭିତରେ ଥିବା ଶତ୍ରୁ। ବାହାରେ ଥିବା ଶତ୍ରୁଙ୍କୁ ହରାଇବା ବରଂ ସହଜ। ଭିତରେ ଥିବା ଶତ୍ରୁ, ଯିଏ ଆମ ସହ ଖାଇପିଇ ବଢୁଛି, ଉପରେ ଆମକୁ ଭଲ ଲାଗିଲା ଭଳି ଦେଖାଉଛି କିନ୍ତୁ ଭିତରେ ଥାଇ ଏଭଳି କର୍ମରେ ଆମକୁ ଲଗାଇ ଦେଉଛି, ତାହାର ପରିଣାମ ଦେଖିଲାବେଳକୁ ନିଜକୁ ଅପମାନ ଲାଗୁଛି, ନିଜ ରୂପ ମଧ୍ୟ ଅସୁନ୍ଦର ହୋଇଯାଉଛି। ସମାଜରେ ଆମ ପ୍ରତିଷ୍ଠା ମଧ୍ୟ ନଷ୍ଟ ହୋଇଯାଉଛି। ଆମ ବ୍ୟକ୍ତିତ୍ୱ ମଧ୍ୟ ଲୁଣ୍ଠିତ ହୋଇଯାଉଛି। ଆମକୁ ବେଶୀ ଖରାପ ଲାଗେ ଏଥିପାଇଁ ଆମେ ଆମ ନିଜ ଗୁଣ ଦ୍ୱାରା ଏହି ପରିଣାମ ଅର୍ଜନ କରିଛୁ, ଆଉ କେହି ଏଥିପାଇଁ ଦାୟୀ ନୁହନ୍ତି। କାହାକୁ କିଛି କହି ହୁଏନାହିଁ। କେବଳ ଅନୁତାପାନଳରେ ଦଗ୍ଧିଭୂତ ହେବା ହିଁ ସାର ହୁଏ। କେବଳ କଠୋର, ନିୟମିତ ଏବଂ ମୁକ୍ତି ପାଇବା ପାଇଁ ବ୍ୟାକୁଳିତ ସାଧନା ମାଧ୍ୟମରେ ସୁଫଳ ମିଳିପାରେ।

କାମ - ଏହା ଏକ ସର୍ବନାଶୀ ରିପୁ; କିନ୍ତୁ ଏହାର ପ୍ରୟୋଗ ଖୁବ ଆନନ୍ଦ ଦିଏ ବୋଲି ଅଧିକରୁ ଅଧିକ ବ୍ୟବହୃତ ହୁଏ। ପରିଣାମସ୍ୱରୂପ ମଣିଷ ନାନା ଦୁର୍ନାମ, କୁଖ୍ୟାତି, ସାମାଜିକ ଅପବାଦ ତଥା ଅପରାଧରେ ବୁଡ଼ିଯାଏ। ମଣିଷ ଏହା ଫଳରେ ଏକ ପ୍ରକାର ଅନ୍ଧ ହୋଇଯାଏ। ନିଜର ବଂଶ, ପରମ୍ପରା, ଜାତି, ଗୋତ୍ର, ପ୍ରତିଷ୍ଠାକୁ ଭୁଲି ପୂର୍ବଜମାନେ ଅର୍ଜିଥିବା ସାମାଜିକ ପ୍ରତିଷ୍ଠାକୁ ମୁହୂର୍ତ୍ତକରେ ନଷ୍ଟ କରି ବସୁ। ଏହାଦ୍ୱାରା କେବଳ ସାମାଜିକ କ୍ଷତି ସହିବାକୁ ପଡ଼େ ତାହା ନୁହେଁ, ବ୍ୟକ୍ତିଗତ କ୍ଷତି ଏପରିକି ଆଧାତ୍ମିକ କ୍ଷତି ମଧ୍ୟ ସହ୍ୟ କରିବାକୁ ହୋଇଥାଏ, ଯେଉଁ କ୍ଷତି ପୂରଣ କରିବାକୁ ବର୍ଷ ବର୍ଷ ନୁହେଁ ଜନ୍ମ ଜନ୍ମ ଲାଗି ଯାଇପାରେ।

କ୍ରୋଧ - ଏହାର ପରିଚୟ ମିଳିବା ପୂର୍ବରୁ ସେ ବହୁତ କିଛି କ୍ଷତି ଘଟାଇ ଦେଇଥାଏ। ଏହାର କାରଣ ଏହାକୁ ପ୍ରୟୋଗ କଲାବେଳେ ନିଜକୁ ବହୁତ ଭଲ ଲାଗେ। ବେଳେବେଳେ ଜିତାପଟ ମିଳିଥାଏ। ମଣିଷ ଭାବେ ତତ୍‌କ୍ଷଣାତ ବିଜୟ ହାସଲ କରିବା ପାଇଁ କ୍ରୋଧ ଗୋଟିଏ ଭଲ ଅସ୍ତ୍ର। ପରେ କିନ୍ତୁ ଉପଲବ୍ଧି ଆସେ ଯେ ସେ ବିଜୟ କ୍ଷଣିକର କଥା ଥିଲା, ତାହା ପ୍ରକୃତ ବିଜୟ ନୁହେଁ। ଶାନ୍ତିପ୍ରିୟ ଲୋକେ ବାକ୍ ଯୁଦ୍ଧରେ ଭାଗ ନ ନେଇ ଚୁପ୍ ହୋଇଯାଆନ୍ତି। ତାହା ତାଙ୍କର ପରାଜୟ ନୁହେଁ ବରଂ ବିଜ୍ଞତାର ପରିଚୟ। କଥା ମାଧ୍ୟମରେ କ୍ରୋଧ ତ ବନ୍ଧୁକର ଗୁଳି ସହ ସମାନ। କର୍ମ ମାଧ୍ୟମରେ କ୍ରୋଧ ଅଶେଷ କ୍ଷତି ଘଟାଇଥାଏ। ପରିଶେଷରେ ଦେଖିବାକୁ ମିଳେ ଯେ ନିଜର କ୍ଷତି ହିଁ ସବୁଠାରୁ ବେଶୀ ହୋଇଛି। କ୍ରୋଧ କର୍ମ ରୂପ ନେବା ପୂର୍ବରୁ ମାନସିକ ସ୍ତରରେ ଯେଉଁ ପାଞ୍ଚଣା ପାଞ୍ଚିବାରେ ଲାଗେ ତାହା ସର୍ବାଧିକ କ୍ଷତିକାରକ। ନିଜ ମସ୍ତିଷ୍କର ତଥା ବ୍ୟକ୍ତି ସତ୍ତାର ଘୋର ବିଧ୍ୱଂସକ। ସେଥିପାଇଁ କୁହାଯାଇଛି କ୍ରୋଧ ବ୍ରାହ୍ମଣକୁ ଚଣ୍ଡାଳରେ, ମାନବକୁ ଦାନବରେ, ରକ୍ଷକକୁ ଭକ୍ଷକରେ, ଭଦ୍ରକୁ ଅଭଦ୍ରରେ, ଶିଷ୍ଟାଚାରୀକୁ ଦୁରାଚାରୀରେ ପରିଣତ କରିଦିଏ। ଶେଷରେ ନିଜର ଅସରନ୍ତି କ୍ଷତି କରି ଚାଲିଯାଏ।

ଲୋଭ - ଏହା ଭଦ୍ର ଲୋକକୁ ଚୋର କରିଦିଏ, ସନ୍ୟାସୀକୁ ସତ୍ୟାନାଶୀ କରିଦିଏ। ଲୋଭାସକ୍ତ ଲୋକ କାମାସକ୍ତ ବି ହୋଇଯାଇପାରେ। ସେ ଏଠାରେ ଲୋଭ ସହ କାମ ରୂପକ ଶତ୍ରୁ କବଳରେ ପଡ଼ି ଦ୍ୱିଗୁଣିତ କ୍ଷତି ସମ୍ମୁଖୀନ ହୁଏ। ଲୋଭୀ ଲୋକର ଭାବନାଧାରା ଏତେ ଅପବିତ୍ର ଥାଏ ଯେ ପରିଶେଷରେ ସେ ପାପୀରେ ପରିଣତ ହୋଇଯାଏ। କୌଣସି କାମ ନକରି ନିଜକୁ ନଷ୍ଟ କରିଦିଏ। ଦୁର୍ଯ୍ୟୋଧନର ରାଜ୍ୟ ଲୋଭର ପରିଣତି ସମସ୍ତେ ଜାଣନ୍ତି, କଂସର ଜୀବନ ପ୍ରତି ଥିବା ଲୋଭରା ପରିଣତି ଯାହା ହେଲା, ରାବଣର ନାରୀ ଲୋଭ ଫଳରେ ଯାହା ଘଟିଲା ସେଥିରୁ ଆମେ ଶିକ୍ଷା ଲାଭ କରିବା ଉଚିତ। ଶ୍ରୀମଦ୍‌ଭାଗବତ ଗୀତାରେ ଭଗବାନ ଶ୍ରୀକୃଷ୍ଣଙ୍କ ମୁଖରେ କୁହାଯାଇଛି, ଏହି କାମ, କ୍ରୋଧ ଓ ଲୋଭ ତିନିଟି ହେଉଛି ନର୍କରର ତିନିଟି ଦ୍ୱାର। ଏହା ସର୍ବାଦୌ ବର୍ଜନୀୟ। ଅନ୍ୟ ତିନିଟି ମଧ୍ୟ କିଛି କମ ନୁହନ୍ତି।

ମୋହ - ମୋହଗ୍ରସ୍ତ ଲୋକକୁ ଏକ ପାଗଳ କୁହାଯାଇପାରେ। କାରଣ ତା'ମୋହ ତାକୁ ସର୍ବଦା ଭୁଲ ବାଟକୁ ନେଇଯାଇଥାଏ। କ'ଣ ଠିକ୍, କ'ଣ ଭୁଲ, କେଉଁଟି କରଣୀୟ, କ'ଣ ଅକରଣୀୟ, କ'ଣ ଶ୍ରେୟ, କ'ଣ ପ୍ରେୟ ତାହା ସେ ଜାଣିପାରେନାହିଁ। ବିଚାରଣା ଶକ୍ତି ହରାଇ ବସେ। ପତ୍ନୀମୋହ, ଭୂମିମୋହ, ଧନ ମୋହ ପ୍ରଭୃତିରେ ପଡ଼ି ନକଲା କାମ କରି ସୁନାମ, ସୁଖ୍ୟାତି, ପ୍ରତିଷ୍ଠା ପ୍ରଭୃତିରେ ନିଜେ ନିଜ ହାତରେ ଅଗ୍ନି ସଂଯୋଗ କରିଦିଅନ୍ତି। ଶେଷରେ ମୋହଗ୍ରସ୍ତ ଲୋକର ବୁଦ୍ଧି ନାଶ ହୋଇଯାଏ। ବୁଦ୍ଧି ନାଶ ହୋଇଯିବା ଏକ ପ୍ରକାର ମୃତ୍ୟୁ ସହ ସମାନ।

ମଦ - ଅନ୍ୟ ଅର୍ଥରେ ଗର୍ବ, ଅହଂକାର, ଦମ୍ଭ ପ୍ରଦର୍ଶନ। ଏଗୁଡ଼ିକର ପରିଣାମ ଆମେ ଇଚ୍ଛା କଲାମାତ୍ରେ ଶହ ଶହ ସଂଖ୍ୟାରେ ଆମ ଆଗରେ ପ୍ରତିଭାତ ହୋଇଯିବ। ଭଗବାନ ସବୁ ସହନ୍ତି କିନ୍ତୁ ଗର୍ବ ସହିପାରନ୍ତି ନାହିଁ, ତାଙ୍କ ପାଖରେ କାହାରି ଅହଂକାର କାମ ଦିଏନାହିଁ। ଯେଉଁଥିରେ ଭଗବାନ ସନ୍ତୁଷ୍ଟ ନୁହନ୍ତି ସେ ଗୁଣ ଧାରଣ କରି ମଣିଷ କି ଆନନ୍ଦ, କି ଉପକାର ବା କି ଲାଭ ପାଇବ? ଗର୍ବୀ ଲୋକ ନିଜ ସ୍ତ୍ରୀ ଓ ପିଲାଙ୍କ ପ୍ରିୟ ହୋଇପାରନ୍ତି ନାହିଁ, କର୍ମକ୍ଷେତ୍ରରେ ନିଜ ଉପରିସ୍ଥ କର୍ମଚାରୀ ତଥା ନିଜ ସହକର୍ମୀଙ୍କ ପ୍ରିୟ ହୋଇପାରନ୍ତିନାହିଁ, ବ୍ୟବସାୟ କ୍ଷେତ୍ରରେ ନିଜ ଗରାଖଙ୍କ ପ୍ରିୟ ମଧ୍ୟ ହୋଇପାରନ୍ତି ନାହିଁ। ନିଜ ବାସସ୍ଥାନରେ ପଡ଼ୋଶୀର ପ୍ରିୟ ମଧ୍ୟ ହୋଇପାରନ୍ତି ନାହିଁ। ସମସ୍ତଙ୍କର ଅପ୍ରିୟ ହୋଇ କି ଶାନ୍ତି, କି ସନ୍ତୋଷ ସେ ଲାଭ କରିପାରିବ? ଭଗବାନଙ୍କ ପ୍ରିୟ ହେବା ସୁଦୂର ପରାହତ ହୋଇଯିବ ତା'ପକ୍ଷରେ। ଜୀବନ ବ୍ୟର୍ଥ ହୋଇଯିବ।

ମାତ୍ସର୍ଯ୍ୟ - ମଣିଷ ଯଦି ଅନ୍ୟ ସହ ନିଜକୁ ତୁଳନା କରିବସିବ ସେ ଦେଖିବ ସେ ନିଜେ କେତେକଙ୍କ ଠାରୁ ଉତ୍କୃଷ୍ଟ ଓ ଅନ୍ୟ କେତେକଙ୍କ ଠାରୁ ନିକୃଷ୍ଟ। ସେ ଯେଉଁଠାରେ ଉତ୍କୃଷ୍ଟ ସେଠାରେ ଅହଂକାର ବଢ଼ିବାର ବିପଦଅଛି, ଯେଉଁଠାରେ ନିକୃଷ୍ଟ ସେଠାରେ ଈର୍ଷା ଅସୂୟା ବଢ଼ିବାର ଭୟ ଅଛି। ଉଭୟ ଯାକ ବିପଦପୂର୍ଣ୍ଣ। ଏଥିରୁ ରକ୍ଷା ପାଇବାର ଉପାୟ ଭଗବାନ ବତାଇଛନ୍ତି। ନିଜକୁ ଅନ୍ୟ ମାନଙ୍କ ସହ ତୁଳନା କରିବ ନାହିଁ। ଆମ ସହ କେହି ଜନ୍ମ ହୋଇନାହାନ୍ତି, ଆମ ସେହ କେହି ମଧ ପରଲୋକକୁ ଯିବେନାହିଁ। ନିଜକୁ ନିଜ ସହ ତୁଳନା କଲେ ଉପକାର। ନିଜର ଅତୀତ ସହ ନିଜର ବର୍ତ୍ତମାନକୁ ତୁଳନା କଲେ ନିଜର ଉନ୍ନତି ଅବନ୍ନତି ଜାଣିହେବ ଏବଂ ପ୍ରଚେଷ୍ଟା ଓ ପ୍ରଯତ୍ନ ଫଳରେ ସନ୍ତୋଷଜନକ ଫଳ ମିଳିବ। ଜାଣିହେବ ଯେ ନିଜର କଷ୍ଟଲବ୍ଧ ଚେଷ୍ଟା ଓ ପ୍ରାର୍ଥନା ଫଳରେ ସବୁକିଛି ହାସଲ କରିହେବ। କିଛି ନକରି କେବଳ ଯା ତା'ପ୍ରତି ଈର୍ଷାପରାୟଣ ହେଲେ କିଛି ସୁଫଳ ମିଳିବାର ନାହିଁ ବରଂ କୁପରିଣାମ ନିଶ୍ଚିତ ଭାବେ ପ୍ରାପ୍ତ ହେବ।

ରିପୁମାନଙ୍କର ଖରାପ ଦିଗ ସହ ତାଙ୍କୁ ସଠିକ୍ ଭାବେ ବ୍ୟବହାର କରିପାରିଲେ କିଛି ଭଲ ମଧ୍ୟ ମିଳିପାରିବ। ଯଥା କାମ ଭାବକୁ ଯଦି ଈଶ୍ୱରଙ୍କ ସହ ଯୋଡ଼ିଦିଆଯାଏ ସେ କେବଳ ଈଶ୍ୱରଙ୍କୁ କାମନା କରିବ। ଫଳ ସର୍ବୋତ୍ତମ, ଉଦାହରଣ ଶ୍ରୀରାମକୃଷ୍ଣ ପରମହଂସ, ସ୍ୱାମୀ ନିଗମାନନ୍ଦ ସରସ୍ୱତୀ। କ୍ରୋଧକୁ ବ୍ୟବହାର କରି କେତେକ ପ୍ରଭୁକୃପା ଲାଭ କରିଛନ୍ତି। ଯଥା ଶ୍ରୀବତ୍ସ ବ୍ରାହ୍ମଣ। ଈଶ୍ୱର ଉପଲବ୍ଧିରେ ମନୋନିବେଶ କଲାବେଳେ ଏଥିରେ ବାଧା ଦେଉଥିବା ଦର୍ଶନେନ୍ଦ୍ରିୟ ପ୍ରତି କ୍ରୋଧବଶତଃ ନିଜ ଆଖି ଫୁଟାଇ ଦେଇଥିଲେ ଭକ୍ତ ବିଲ୍ୱମଙ୍ଗଳ। ତାଙ୍କୁ ମିଳିଯାଇଥିଲା ଦର୍ଶନ। ଲୋଭକୁ ମଧ ଈଶ୍ୱରାର୍ପିତ କରିହେବ। ଜଣେ ଜଣେ କହିଥାନ୍ତି, ଜଗନ୍ନାଥଙ୍କ ମହାପ୍ରସାଦରେ ମୋର ଲୋଭ। ଏ ଲୋଭ ତ ଭଲ କଥା। ଏ ଲୋଭକୁ ଚରିତାର୍ଥ କରିବା ଉଚିତ। ଫଳ ଭଲ ହେବା ନିଶ୍ଚିତ। ମୋହ - ମୀରା ଏହାର ଉଦାହରଣ। ରାଜକୁଳରେ ଜନ୍ମ, ରାଜବଂଶର କୁଳବଧୂ, ଏସବୁର ମୋହରେ ନପଡ଼ି ସର୍ବଶ୍ରେଷ୍ଠ ମୋହରେ ପଡ଼ି, ନିଜ ସହିତ ସମଗ୍ର ମାନବ ସମାଜ ପାଇଁ ଉଦାହରଣ ପାଲଟିଯାଇଛନ୍ତି। ଭଗବାନଙ୍କ ମୋହରେ ପଡ଼ି, ମୋହନ ବଂଶୀର ମୋହରେ ପଡ଼ି ଗୋପୀ ତଥା ରାଧା କାଳ କାଳକୁ ପୂଜ୍ୟ ହୋଇପାରିଛନ୍ତି। ମଦକୁ ମଧ ସାଧି କରିଥିଲେ ଅକ୍ରୁର। ନିଜର ସାମର୍ଥ୍ୟ ଉପରେ ତାଙ୍କର ଦୃଢ଼ ବିଶ୍ୱାସ ଥିଲା। ଦୃଢ଼ତାର ସହ ସେ ତାହାକୁ ବ୍ୟବହାର କରିଥିଲେ। ଯାଦବ ବଂଶର ସୁରକ୍ଷା, ବସୁଦେବ ଦେବକୀଙ୍କର ସୁରକ୍ଷା, ଶ୍ରୀକୃଷ୍ଣଙ୍କୁ ମଥୁରା ନେବା ଓ ସେଥିରେ ଥିବା ବିପଦ ଆପଦରୁ ସମସ୍ତଙ୍କୁ ରକ୍ଷା କରିବାର ଯୋଜନା ଭଗବାନଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲା। ଜଟାୟୁ ନିଜ ମଦକୁ ବ୍ୟବହାର କରି ପୁଷ୍ପକ ବିମାନରେ ରାବଣ ସହ ଯୁଦ୍ଧ କରି, ଆହତ ହୋଇ, ରାମ କୃପାର ଅଧିକାରୀ ହୋଇଥିଲେ। ମାତ୍ସର୍ଯ୍ୟକୁ ବ୍ୟବହାର କରି କୈକେୟୀ ଓ ମନ୍ଥରା ପରିଶେଷରେ ରାମକୃପା ଲାଭ କରିଥିଲେ।

ଏଠାରେ ଦେଖିବାର କଥା, ଆମର କ୍ଷତି ଘଟାଉଥିବା ଶତ୍ରୁମାନଙ୍କୁ କେବଳ ଭଗବାନଙ୍କ କାମରେ ଲଗାଇ ଦେଇ ସେଥିରୁ କ୍ଷତି ବଦଳରେ ଲାଭାନ୍ୱିତ ହେବାର ଦୃଷ୍ଟାନ୍ତ ଅଧିକ। ତେଣୁ ଏଗୁଡ଼ିକୁ ଈଶ୍ୱରଙ୍କ ଠାରେ ଅରପି ଦେଇ ସେମାନଙ୍କ ଦ୍ୱାରା ଉପକୃତ ହୋଇପାରିବା ନିଃସନ୍ଦେହ।

ଅଲିଶା ବଜାର, କଟକ, ଦୂରଭାଷ : ୯୩୩୭୨୪୨୯୫୫

# କାନ-ନାକ-ଗଳାର ଯତ୍ନ

**॥ ନାରାୟଣ ଚନ୍ଦ୍ର ବିଶ୍ୱାଳ ॥**

ଗ୍ରୀଷ୍ମଋତୁ ଆସୁ ଆସୁ ତତଲା ଖରା ଜନଜୀବନକୁ ଅସ୍ତବ୍ୟସ୍ତ କରିପକେଲାଣି। ତତଲା ଖରାକୁ ଅବେଳିଆ କାଳବୈଶାଖୀ ଲୋକମାନଙ୍କ ସ୍ୱାସ୍ଥ୍ୟ ବିଶେଷକରି କାନ-ନାକ-ଗଳା ପରି ଏକ ସମ୍ବେଦନଶୀଳ ଶରୀର ତନ୍ତ୍ରକୁ ଅବ୍ୟବସ୍ଥିତ କରୁଛି। ପ୍ରାୟତଃ ଖରାଦିନକୁ ନେଇ ଲୋକମାନଙ୍କର ତତ୍‌ସମ୍ବନ୍ଧୀ ଅନେକ ରୋଗ ରହିଥାଏ। ଆସନ୍ତୁ ଟିକିଏ ଜାଣିବା ଶରୀର ସବୁଠାରୁ ସ୍ପର୍ଶକାତର ଅଙ୍ଗ ହେଉଛି କାନ। ଖରା ଦିନରେ ତୀବ୍ର ଖରା ଓ ଧୂଳି କାନ ପ୍ରବେଶ କଲେ ସ୍ୱାଭାବିକ ଭାବରେ ନାକ ଓ ଗଳାକୁ ସଂକ୍ରମିତ କରିଥାଏ। ଗରମ ପାଗରେ ଥଣ୍ଡା ଚିକିତ୍ସା କରିବାଦ୍ୱାରା ଏହା ଉପଶମ ପରିବର୍ତ୍ତେ ଅନେକ କ୍ଷତିକାରକ ବା ଘାତକ ସାବ୍ୟସ୍ତ ହୋଇଥାଏ। ଆଜିକାଲି ମୋବାଇଲ ଫୋନର ଇୟର ଫୋନ ଅନେକ ବ୍ୟବହାର କରୁଛନ୍ତି। ଘଣ୍ଟା ଘଣ୍ଟା ଧରି ଏହା କାନରେ ଲାଗି ରହୁଛି। କିନ୍ତୁ ତୀବ୍ର ଖରାରେ ମୁଣ୍ଡରୁ ବୋହୁଥିବା ଝାଳ ଏହି ଇୟର ଫୋନର ତୁଳା ଅଂଶକୁ ପ୍ରଭାବିତ କରି କାନର ଭିତର ଭାଗକୁ ବି ସମସ୍ୟା ଉପୁଯାଇଥାଏ। ଖରା ଦିନରେ ବିଶେଷକରି ଯୁବବର୍ଗ ଆଉ ପିଲାମାନେ ନଦୀ, ପୋଖରୀରେ ବୁଡ଼ି ଗାଧୋଇବାର ଆନନ୍ଦ ଦାୟକ ଅଭ୍ୟାସ ରଖିଥାନ୍ତି କିନ୍ତୁ ଦୂଷିତ ଜଳ କାନ ସଂକ୍ରମଣର ପ୍ରଥମ ବୈଶିଷ୍ଟ୍ୟ କହିଲେ ଅତ୍ୟୁକ୍ତି ହେବନାହିଁ। କେବଳ କାନ ନୁହେଁ ନାକକୁ ବି ଏହା ପ୍ରଭାବିତ କରେ। ଆଗରୁ କାନ-ନାକ-ଗଳାର କୌଣସି ଅସୁବିଧା ଥିଲେ ଖରାଦିନେ ଥଣ୍ଡା ପାଣି ବା ଅନ୍ୟ ବରଫଯୁକ୍ତ ପାନୀୟ ଦ୍ରବ୍ୟ ଏହାର ଯନ୍ତ୍ରଣାକୁ ବଢ଼ାଇବା କାମ କରିଥାଏ। ଉଦୁଉଦିଆ ଖରାରେ ଅନେକ ଜାଗାରେ ଧୂଳି ଓ ବର୍ଜ୍ୟବସ୍ତୁ ପୋଡ଼ା ହେଉଥିବା ପ୍ରଦୂଷଣଯୁକ୍ତ ଧୂଆଁ କାନ ଓ ନାକକୁ ଗଭୀର ଭାବେ ପ୍ରଭାବିତ କରେ। ଉପରୋକ୍ତ ସମସ୍ୟାରୁ ମୁକ୍ତ ରହିବା ପାଇଁ ନିମ୍ନ ଲିଖିତ ଉପାୟମାନ ଅନୁକରଣୀୟ।

ଠିକ୍ ସମୟରେ ଖାଦ୍ୟପେୟ ଖାଇବା, ଉପବାସ ଠାରୁ ଦୂରେଇ ରହିବେ, ଭୋକ ପେଟରେ ରହିବେ ନାହିଁ। ଥଣ୍ଡା ଉପୁଜୁଥିବା ଖାଦ୍ୟଦ୍ରବ୍ୟ ଠାରୁ ଦୂରରେ ରହିବେ ଯଥା ବାଶୀ ପଖାଳ ଖଟା, ଆଇସିକ୍ରିମ, ଫ୍ରିଜପାଣି, କୋଲଡ୍ରିଙ୍କସ୍ ଠାରୁ ଦୂରେଇ ରହିବେ। ପଖାଳ ଖାଉଥିବା ଲୋକମାନେ ତୋରାଣି ନପିଇ ପାଣି ପିଇବାର ଅଭ୍ୟାସ ରଖନ୍ତୁ। ବାସି ଖାଦ୍ୟ ଫ୍ରିଜରେ ଖାଦ୍ୟ ରଖି ପରବର୍ତ୍ତୀ ସମୟରେ ଗରମ କରି ଖାଇବା, ବଜାରର ତଥାକଥିତ ଫାଷ୍ଟଫୁଡ ଏବଂ ଅଧିକ ମାତ୍ରାରେ ଆମିଷ ଏସବୁ ଠାରୁ ଦୂରେଇବା ଭଲ। ନିଶାଦ୍ରବ୍ୟ ଠାରୁ ଦୂରେଇବା ସହ ଆପଣଙ୍କ ଖାଦ୍ୟ ତାଲିକାରେ ସବୁଜ ପନିପରିବା, ଶାଗ ଓ ଫଳ ରଖନ୍ତୁ। ସମ୍ଭବ ହେଉଥିଲେ ପ୍ରତିଦିନ ଗୋଟିଏ ପଇଡ଼ ପିଅନ୍ତୁ। ଶୋଷ ହେଲେ ଏକାଥରକେ ଦୁଇ ଗ୍ଲାସରୁ ଅଧିକ ପାଣି ପିଅନ୍ତୁନାହିଁ ଆବଶ୍ୟକ ପଡ଼ିଲେ ଘଣ୍ଟାଏ ଛାଡ଼ି ପିଇ ପାରିବେ।

ଏହି ଋତୁରେ ପୂର୍ବରୁ ରକ୍ତଚାପ ଥିବା ରୋଗୀ, ସ୍ନାୟୁଜନିତ ବଧିରତାର ଶିକାର ହୁଅନ୍ତି ତେଣୁ ଏହି ରୋଗୀମାନେ ଏହି ସମୟରେ ରକ୍ତଚାପକୁ ନିୟନ୍ତ୍ରଣ ପାଇଁ ଚିକିତ୍ସା ରଖିବା ଉଚିତ। ରକ୍ତଚାପ ନିୟନ୍ତ୍ରଣରେ ନ ରହିଲେ ଏହା ବଧିରତାର ବଡ଼ ଘାତକ କାରଣ ହୋଇପାରେ।

କାନ କୁଣ୍ଡାଇବା ପରି ଆବଶ୍ୟକ କଲେ ଶୋଧିତ ତୁଳାକାଠି ବ୍ୟବହାର କରନ୍ତୁ। ଯେକୌଣସି ଜିନିଷକୁ କାନ ଭିତରେ ପୁରାଇବାର କୁଅଭ୍ୟାସ ଠାରୁ ଦୂରେଇ ରୁହନ୍ତୁ। ଏହି ଅଭ୍ୟାସ ଦ୍ୱାରା କାନର ପ୍ରବେଶ ପଥ କୁହାଯାଉଥିବା ଅଞ୍ଚଳଟି ପ୍ରାରମ୍ଭିକ ଭାବରେ କ୍ଷତାକ୍ତ ହୋଇଥାଏ। କେତେକ ଲୋକଙ୍କ କ୍ଷେତ୍ରରେ କଣା ମଧ୍ୟ ହୋଇଯାଏ ଯାହାକି କାନ ପାଇଁ ଅତ୍ୟନ୍ତ କ୍ଷତିକାରକ ସାବ୍ୟସ୍ତ ହୋଇଥାଏ। ବାହାର ଜିନିଷ କାନ ମଧ୍ୟକୁ ପୁରାଇବା ଦ୍ୱାରା କାନ ସଂକ୍ରମଣ ମଧ୍ୟ ହୋଇଥାଏ ଯାହାପାଇଁ ପରବର୍ତ୍ତୀ ସମୟରେ ଅପରେସନ ଦରକାର ପଡ଼ିଥାଏ।

ସାଧାରଣତଃ ଥଣ୍ଡାରୁ ପ୍ରଭାବିତ ଲୋକମାନେ ରାତିରେ ଶୋଇଲାବେଳେ କାନରେ ତୁଳା ଦେଇ ଶୋଇଲେ ଭଲ। ଥଣ୍ଡାରୁ ପ୍ରଭାବିତ ଲୋକମାନେ ମୁଣ୍ଡ ସଫା କରୁଥିଲେ ଥଣ୍ଡା ଟାବ୍‌ଲେଟ ଖାଇ ଘଣ୍ଟାଏ ପରେ ମୁଣ୍ଡ ସଫା କରିବା ଉଚିତ। ଖରାଦିନେ ପୋଖରୀ ବା ନଦୀରେ ଅନେକ ଲୋକ ମୁଣ୍ଡ ବୁଡ଼ାଇ ଗାଧୋଇବାକୁ ଭଲ ପାଆନ୍ତି କିନ୍ତୁ ଏହାଦ୍ୱାରା କାନ ମଧ୍ୟକୁ କେବଳ ଅପରିଷ୍କାର ପାଣି ନୁହେଁ କିଛି ସଂକ୍ରାମକ କାରକ ମଧ୍ୟ ଆପଣଙ୍କ ଅଜାଣତରେ ପଶିଯାଆନ୍ତି ଯାହାକି ସଙ୍ଗେ ସଙ୍ଗେ ନ ହେଲେ ବି ପରବର୍ତ୍ତୀ ସମୟରେ ବଡ଼ ସମସ୍ୟାର କାରଣ ହୋଇଥାଏ।

ଖରାଦିନେ କିଛି କ୍ଷେତ୍ରରେ ସର୍ଦ୍ଦି ରହିଥିଲେ ଏହା ଗଳାକୁ ବି ସଂକ୍ରମଣ କରିବାକୁ ବାଟ କଢ଼ାଏ। ସର୍ଦ୍ଦିକୁ ଉପଶମ କରାଇବା ପାଇଁ ଆପଣଙ୍କ ହାତପାହାନ୍ତାରେ ଥିବା ଦେଶୀୟ ଚିକିତ୍ସା ଆପଣେଇ ପାରନ୍ତି ବା ଏଲୋପାଥିକର ସାହାଯ୍ୟ ନେଇପାରନ୍ତି।

ନିୟମିତ ଭାବେ କାନ୍ନ ସଫା ରଖନ୍ତୁ, ଟୁଣୁକା ଟୁଣୁକି କୌଣସି ତେଲ ବା କାଠି କାନ ଭିତରକୁ ପୁରାନ୍ତୁ ନାହିଁ। ବଜାରରେ ଏବେ କିଛି କାନ ସଫା କରୁଥିବା ବୁଲାଲୋକମାନେ ମିଳୁଛନ୍ତି। ଯେଉଁମାନେ ପାଞ୍ଚ ଦଶମିନିଟରେ ଆପଣଙ୍କ କାନ ସଫା କରିଦିଅନ୍ତି। ସେମାନଙ୍କ ଦ୍ୱାରା ଆଦୌ କାନ ସଫା କରନ୍ତୁ ନାହିଁ। କାରଣ ଏହାଦ୍ୱାରା ଆପଣଙ୍କ କାନ ଗଭୀର ଭାବେ ପ୍ରଭାବିତ ହେବା ସହ କ୍ଷତି ମଧ୍ୟ ପହଞ୍ଚାଇଥାଏ। ସେମାନେ ବ୍ୟବହାର କରୁଥିବା କାନସଫା ତେଲ ସ୍ୱାସ୍ଥ୍ୟପ୍ରଦ ନୁହଁ। ଏ ଦିଗକୁ ଭଲ ଭାବେ ମନେରଖନ୍ତୁ।

ଖରାଦିନେ ପ୍ରାୟତଃ ଏସି ବା କୁଲର ବ୍ୟବହାର କରିବାକୁ ଅନେକ ଭଲ ପାଆନ୍ତି। କେହି କେହି କାନ ଆଡ଼କୁ ଥଣ୍ଡା ପବନର ଦିଗକୁ ଦେଖାଇଥାନ୍ତି। ଯାହାଦ୍ୱାରା କାନ ଭିତରକୁ ପ୍ରବଳ ମାତ୍ରାରେ ଥଣ୍ଡା ପବନ ପଶିଯାଏ। ଏହା ପରବର୍ତ୍ତୀ ସମୟରେ ଆପଣଙ୍କ ପାଇଁ ଘାତକ ସାବ୍ୟସ୍ତ ହୋଇଥାଏ। କାନ ହେଉଛି ମଣିଷ ଶରୀରର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ଏହା ସହିତ ନାକ ଓ ଗଳାର ସମ୍ପର୍କ ରହିଥିବାରୁ ଶରୀରର ଆଭ୍ୟନ୍ତରୀଣ କ୍ଷେତ୍ରକୁ ଏହା ସିଧାସଳଖ ସମ୍ପର୍କ ରଖିଥାଏ। ତେଣୁ ଏହାର ଯତ୍ନ ସତର୍କତାର ସହିତ ନିଅନ୍ତୁ। ଏବେ ମୋବାଇଲକୁ ସହଜରେ ଶୁଣିବା ପାଇଁ ବା ସଙ୍ଗୀତକୁ ଶୁଣିବା ପାଇଁ ଇୟର ଫୋନ ବହୁଳ ଭାବରେ ବ୍ୟବହାର କରାଯାଉଛି। ଏହାକୁ ଯଥାସମ୍ଭବ କମ ବ୍ୟବହାର କରନ୍ତୁ। କାନ ଭିତରକୁ ଯେପରି ଧୂଳି ବା ପବନ ନଯିବ ସେ ଦିଗ ପ୍ରତି ସଚେତନ ରୁହନ୍ତୁ। ଏସବୁ ସତ୍ତ୍ୱେ ଯଦି କାନ-ନାଗ-ଗଳାର ସଂକ୍ରମଣ ହୋଇଥାଏ ତେବେ ତୁରନ୍ତ କର୍ଣ୍ଣ-ନାସା-ଗଳା ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ।

ବାକ୍ ଶ୍ରବଣ ବିଶେଷଜ୍ଞ, ଧ୍ୱନୀ, କାଠଗୋଲାରୋଡ଼, ମଙ୍ଗଳାବାଗ, କଟକ
ଦୂରଭାଷ : ୯୪୩୮୨୭୬୭୬୦

# ଭାରତୀୟ ଆଧ୍ୟାତ୍ମିକ ଚେତନାରେ ଯୋଗ

**॥ ଡ଼ଃ.ଅରୁନ୍ଧତୀ ଦେବୀ ॥**

ଯୋଗ, ଭାରତୀୟ ସଂସ୍କୃତିରେ ବହୁ ପୁରାତନ ଯୁଗରୁ ପ୍ରଚଳିତ। ଆଜିର କରୋନା ମହାମାରୀ ବିଭୀଷିକା ସମୟରେ ଯୋଗର ପ୍ରାସଙ୍ଗିକତା ଓ ଗୁରୁତ୍ୱ ଅନେକ ବଢ଼ିଯାଇଛି। ମହର୍ଷି ପାତଞ୍ଜଳି, ଅଷ୍ଟାଙ୍ଗଯୋଗ ସୂତ୍ର ପ୍ରଣୟନ କରି, ଯୋଗ ପାଇଁ ନୀତି, ନିୟମ ଏବଂ ବିଭିନ୍ନ ଆସନ ନିର୍ଣ୍ଣୟ କରି ଯାଇଥିଲେ। ସେହି ଯୁଗରୁ ଯୋଗ ଭାରତ ବର୍ଷରେ ଆଧ୍ୟାତ୍ମିକ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରି ଆସିଛି, ମାତ୍ର ଯୋଗ ମୁଖ୍ୟତଃ ସାଧୁସନ୍ଥ, ସନ୍ନ୍ୟାସୀମାନଙ୍କ ମଧ୍ୟରେ ସୀମିତ ଥିଲା। ସୁସ୍ଥ ଜୀବନ ଯାପନ କରିବା ସଙ୍ଗେ ସଙ୍ଗେ ରୋଗ ପ୍ରତିରୋଧକ ପଦକ୍ଷେପ ନେଇ ସାଧାରଣ ରୋଗ ଠାରୁ ଦୂରରେ ରହିବା ପାଇଁ ସମଗ୍ର ବିଶ୍ୱରେ ଯେତେବେଳେ ସ୍ୱାସ୍ଥ୍ୟ ବିଶେଷଜ୍ଞ ଏବଂ ବୈଜ୍ଞାନିକମାନେ ବିଭିନ୍ନ ରିସର୍ଚ୍ଚ ମାଧ୍ୟମରେ ସେମାନଙ୍କ ସୁଚିନ୍ତିତ ମତ ଦେଲେ, ସେତେବେଳେ ଭାରତରେ ବହୁ ପୁରାତନ କାଳରୁ ସ୍ୱାସ୍ଥ୍ୟ ରକ୍ଷାକୁ ନେଇ ପ୍ରଚଳନ ଥିବା ଯୋଗାଭ୍ୟାସକୁ ସୁନ୍ଦର ସ୍ୱାସ୍ଥ୍ୟ ରକ୍ଷା ପାଇଁ ଏକ ପ୍ରକୋଷ୍ଠ ମାର୍ଗ ବୋଲି ମତ ଦେଲେ ଏବଂ ଯୋଗର ପ୍ରଚାର ପ୍ରସାର ହେଲା।

ଯୋଗ ସମ୍ବନ୍ଧୀୟ ଉପଦେଶ ସର୍ବପ୍ରଥମେ ହିରଣ୍ୟଗର୍ଭ ବ୍ରହ୍ମା ସନକାଦିକୋଙ୍କୁ ଓ ପରେ ସୂର୍ଯ୍ୟଙ୍କୁ ଦେଇଥିଲେ। ପରେ ଏହା ଦୁଇ ଭାଗରେ ବିଭକ୍ତ ହୋଇଗଲା। ପ୍ରଥମଟି ବ୍ରହ୍ମାଯୋଗ, ଦ୍ୱିତୀୟଟି କର୍ମଯୋଗ। ବ୍ରହ୍ମାଯୋଗର ପରମ୍ପରା ସନକ, ସନନ୍ଦନ, ସନାତନ, କପିଳ, ଆସୁରୀ, ବୌଦ୍ଧ ଓ ପଞ୍ଚଶିଖ ନାରଦ ଶୁକାଦିଙ୍କୋ ଆରମ୍ଭ କରିଥିଲେ। ଏହା ଲୋକଙ୍କ ମଧ୍ୟରେ ଜ୍ଞାନ, ଆଧ୍ୟାତ୍ମ ଓ ସାଂଖ୍ୟ ଯୋଗ ନାମରେ ପ୍ରସିଦ୍ଧ ହେଲା। ସେହିପରି କର୍ମଯୋଗର ପରମ୍ପରା ସୂର୍ଯ୍ୟଙ୍କର ଅଟେ। ସୂର୍ଯ୍ୟ ପ୍ରଥମେ ମନୁଙ୍କୁ, ମନୁ ଇକ୍ସଭାଙ୍କୁ ଇକ୍ସଭା ରାଜା, ପ୍ରଜାଙ୍କୁ ଯୋଗ ସମ୍ବନ୍ଧୀୟ ଉପଦେଶ ଦେଇଥିଲେ। ଏହି ସବୁ ତଥ୍ୟ ବେଦ ଏବଂ ପୁରାଣରେ ଉଲ୍ଲେଖ ରହିଛି। ବେଦକୁ ସଂସାରର ପ୍ରଥମ ପୁସ୍ତକ ଭାବେ ଗ୍ରହଣ କରାଯାଏ। ଗୁରୁ ଶିଷ୍ୟ ପରମ୍ପରା ଦ୍ୱାରା ଏହା ପିଢ଼ି ପରେ ପିଢିକୁ ଯାଇଥିଲା। ତେବେ ଭାରତରେ ଯୋଗର ସବୁଠାରୁ ଆଶ୍ଚର୍ଯ୍ୟଜନକ ସନ୍ଧାନ ୧୯୨୦ ମସିହାରେ ହୋଇଥିଲା। ହିନ୍ଦୁ, ଜୈନ ଏବଂ ବୌଦ୍ଧ ଧର୍ମରେ ଯୋଗ ଭିନ୍ନ ଭିନ୍ନ ଭାବରେ ବର୍ଣ୍ଣନା କରାଯାଇଛି। ମାତ୍ର ଏହାର ମୂଳ ବେଦ ଓ ଉପନିଷଦ ହିଁ ଅଟେ। ଏହା ପରେ ଯୋଗର ପ୍ରଚଳନ ବଢ଼ିଥିଲା। ଯୋଗ ସଂସ୍ଥାନ, ପୀଠ ଓ ଆଶ୍ରମ ଆଦି ହେବାକୁ ଲାଗିଲା। କୁହାଯାଏ, ଭଗବାନ ଶଙ୍କରଙ୍କ ପରେ ବୈଦିକ ଋଷିମୁନି ଯୋଗର ପ୍ରାରମ୍ଭ କରିଥିଲେ। ପରେ କୃଷ୍ଣ, ମହାବୀର ଓ ବୁଦ୍ଧ ଏହାକୁ ନିଜ ଅନୁସାରେ ବିସ୍ତାର କରିଥିଲେ। ମାତ୍ର ପତଞ୍ଜଳି ଏହାକୁ ସୁବ୍ୟବସ୍ଥିତ ରୂପ ଦେଇଥିଲା। ଏହି ରୂପକୁ ପରେ ସିଦ୍ଧପନ୍ଥି, ଶୈବପନ୍ଥି, ନାଥପନ୍ଥି, ବୈଷ୍ଣବ ଓ ଶକ୍ତି ପନ୍ଥି ମାନେ ନିଜ ନିଜ ଅନୁସାରେ ବିସ୍ତାର କରିଥିଲେ। ଯୋଗ ପରମ୍ପରା ଓ ଶାସ୍ତ୍ରକୁ ନେଇ ଏକ ବିସ୍ତୃତ ଇତିହାସ ରହିଛି ମାତ୍ର, ଏହି ଇତିହାସ ମଧ୍ୟରୁ କେତେକ ହଜିଯାଇଥିବା ବେଳେ କେତେକ ଆଫଗାନିସ୍ତାନ, ହିମାଳୟର ଗୁମ୍ଫା, ତାମିଲନାଡୁ, ଆସାମ ସହିତ ବର୍ମାର ଜଙ୍ଗଲରେ ରହିଥିବାର କୁହାଯାଏ। ଯେପରି ପ୍ରଭୁ ରାମଙ୍କ ଚିହ୍ନ ଭାରତର ଦ୍ୱୀପ ମହାଦ୍ୱୀପରେ ଦେଖିବାକୁ ମିଳିଥାଏ, ସେହିପରି ଯୋଗ କରୁଥିବା ଯୋଗୀ ଓ ତପସ୍ୱୀଙ୍କ ଚିହ୍ନ ବିଭିନ୍ନ ଜଙ୍ଗଲ, ପାହାଡ଼ ଓ ଗୁମ୍ଫାରେ ଆଜି ବି ଦେଖିବାକୁ ମିଳେ। ଯୋଗ ଦ୍ୱାରା ମନ ଓ ଶରୀର, ବିଚାର ଓ କର୍ମ ମଧ୍ୟରେ ଏକତାର ଭାବନା ସୃଷ୍ଟି ହୁଏ। ପ୍ରକୃତି ସହ ସମନ୍ୱୟ ରକ୍ଷା କରି ଚଳିବାରେ ସାହାଯ୍ୟକରେ। ଏହା ମଣିଷର ସାମଗ୍ରିକ ବିକାଶ ଲାଗି ଉଦ୍ଦିଷ୍ଟ। ଜୀବନଶୈଳୀକୁ ପରିବର୍ତ୍ତନ ସହିତ ଆତ୍ମଚେତନାର ଜାଗ୍ରତ ଏହାର ଲକ୍ଷ୍ୟ।

ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ,
ଦୂରଭାଷ : ୯୯୩୭୧୭୨୮୧୦

## ରାଇରଙ୍ଗପୁରରେ ବାଘୁଆ ମହୁମାଛି ଆକ୍ରମଣରେ ଗ୍ରାମ୍ୟ ନିର୍ମାଣ ବିଭାଗର କନିଷ୍ଠ ଯନ୍ତ୍ରୀ ମୃତ

ରାଇରଙ୍ଗପୁର(ମହାଭାରତ): ରାଇରଙ୍ଗପୁର ଗ୍ରାମ୍ୟ ନିର୍ମାଣ ଉପ ବିଭାଜନ ବିଭାଗର କନିଷ୍ଠ ଯନ୍ତ୍ରୀ ଇଂ ବିଶ୍ୱନାଥ ମୁର୍ମୁ(୩୩) ଙ୍କ ରାଇରଙ୍ଗପୁର ମହୁଲଡିହାସ୍ଥ ସରକାରୀ ବାସଭବନ ସମ୍ମୁଖରେ ।ଘୁଆ ମହୁମାଛି ଆକ୍ରମଣରେ ମୃତ ହୋଇଥିବା ଅଭିଯୋଗ ହୋଇଛି ଯ ସୂଚନାଯୋଗ୍ୟ ତିରିଂ ବ୍ଲକ ସେକ୍ସନ ର କାର୍ଯ୍ୟରତ କନିଷ୍ଠ ଯନ୍ତ୍ରୀ ଇଂ ବିଶ୍ୱନାଥ ମୁର୍ମୁ ଆଜି ପୂର୍ବାହ୍ନ ୮.୪୫ ପାଖାପାଖି ସମୟରେ ରାଇରଙ୍ଗପୁରସ୍ଥ ନିଜ ସରକାରୀ ବାସଭବନରୁ ତିରିଂ ଅଭିମୁଖେ ନିଜ କାର୍ଯ୍ୟସ୍ଥଳକୁ ଯିବାକୁ ବାହାରିଥିଲେ ।ହଠାତ ଘର ସମ୍ମୁଖରେ ଥିବା ଏକ ବିଶାଳକାୟ କୃଷ୍ଣଚୂଡା ଗଛରେ ବହୁ ସଂଖ୍ୟାରେ ବସାବାନ୍ଧି ଥିବା ବାଘୁଆ ମହୁମାଛିମାନେ ତାଙ୍କୁ ହଠାତ୍ ଆକ୍ରମଣ କରିଥିଲେ । ସେ ଆକାବାକା ହୋଇ ଅଚେତ ହୋଇ ବାନ୍ତି କରି ପଡ଼ିଯାଇଥିଲେ।ତାଙ୍କୁ ସଙ୍ଗେ ସଙ୍ଗେ ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟକୁ ଅଣା ଯାଇଥିଲା । ଚିକିତ୍ସାଧୀନ ଅବସ୍ଥାରେ ୧୦ ଟା ପାଖାପାଖି ସମୟରେ ପ୍ରାଣବାୟୁ ଉଡି ଯାଇଥିଲା ଏବଂ ଡାକ୍ତରର ମୃତ ଘୋଷଣା କରିଥିଲେ। ତାଙ୍କ ମୃତ୍ୟୁରେ ରାଇରଙ୍ଗପୁର ଡିପ୍ଲୋମା ଇଞ୍ଜିନିୟର ସଂଘର କାର୍ଯ୍ୟକର୍ତ୍ତା ମଧ୍ୟରୁ ଶୋକରେ ଛାୟା ଖେଳିଯାଇଛି ।ସେ ଜଣେ କର୍ମଠ, ଦାୟିତ୍ୱ ସଂପନ୍ନ ବ୍ୟକ୍ତି,ଅମାୟିକ,ସରଳ,ମିଷ୍ଟଭାଷୀ ବ୍ୟକ୍ତି ଥିଲେ । ଆଗକୁ ନୂଆ ବର୍ଷ ।ନୂଆବର୍ଷ ଆହିତପୂର୍ବରୁ ଏଭଳି ଦୁଃଖଦ ଘଟଣା ସମସ୍ତଙ୍କୁ ମର୍ମାହତ କରିଛି ।ଆରଡ଼ି ବିଭାଗର ସୁପରିଟେଣ୍ଡେଣ୍ଟ ଇଞ୍ଜିନିୟର,ବିଭାଗୀୟ ଯନ୍ତ୍ରୀ,କନିଷ୍ଠ ଯନ୍ତ୍ରୀ ଏବଂ ସମସ୍ତ କର୍ମଚାରୀ ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟରେ ନିଜର ସାଥୀଙ୍କୁ ଶେଷ ଦର୍ଶନ ଦେଇ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହ ତାଙ୍କର ବ୍ୟବଚ୍ଛେଦ ଓ ଘରକୁ ପଠାଇବା ବ୍ୟବସ୍ଥାରେ ସହଯୋଗ କରୁଛନ୍ତି । ତାଙ୍କ ଘର ଉଦଳା ସହର ନିକଟବର୍ତ୍ତୀ ।

## ଖୋର୍ଦ୍ଧା ସହରରୁ ଉଠିଲା କ୍ୟାବିନ୍: ଦୀର୍ଘଦିନର ଛକାପଞ୍ଝାରେ ପଡ଼ିଛି ଯବନିକା

ଖୋର୍ଦ୍ଧା:(ମହାଭାରତ) ସହରରେ କ୍ୟାବିନ ବ୍ୟବସାୟୀ ଓ ପ୍ରଶାସନ ଭିତରେ ଚାଲିଥିବା ଛକାପଞ୍ଝାରେ ଆଜି ଯବନିକା ପଡ଼ିଛି । ଖୋର୍ଦ୍ଧା ସହର ମଧ୍ୟରୁ କ୍ୟାବିନ ଉଚ୍ଛେଦ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆ ଯାଇଥିବା ବେଳେ ଆଜି ସକାଳୁ ସକାଳୁ ରାସ୍ତା କଡରୁ କ୍ୟାବିନ ଉଠେଇବାରେ ଲାଗି ପଡ଼ିଛନ୍ତି ଜିଲ୍ଲା ପ୍ରଶାସନର ଅଧିକାରୀ । ୧୬୬ ଦୋକାନୀଙ୍କୁ ଉଚ୍ଛେଦ କରିବାକୁ ସମସ୍ତ ପ୍ରକାର ପ୍ରସ୍ତୁତି ଆରମ୍ଭ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୭୭ ଜଣ ବ୍ୟବସାୟୀଙ୍କୁ ମିଳିଛି ହାଇକୋର୍ଟରୁ ରହିତାଦେଶ । ସେମାନଙ୍କୁ ବାଦ ଦେଇ ଅନ୍ୟ କ୍ୟାବିନ ଗୁଡ଼ିକୁ ଉଚ୍ଛେଦ କରୁଛି ପ୍ରଶାସନ। ଉଚ୍ଛେଦ କାମରେ ବାଧା ନ-ଉପୁଜିବା ପାଇଁ ସହର ମଧ୍ୟରେ ଛଅ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ



ହୋଇଥିବା ବେଳେ ଉପ-ଜିଲ୍ଲାପାଳ ଦୀପ୍ତିରଞ୍ଜନ ସେଠୀଙ୍କ ଠାରୁ ନେଇ ତହସିଲଦାର ବିଭାସ ପାଣିଗ୍ରାହୀ ଏଂ ପୌର-ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ରିଜୱାନା କଅକ୍ୱବଙ୍କ ଉପସ୍ଥିତିରେ ମାରୱାଡ଼ି ପଟି ଠାରୁ ନେଇ ନୂଆ ବସଷ୍ଟାଣ୍ଡ ପର୍ଯ୍ୟନ୍ତ ସମସ୍ତ ଉଠା ଦୋକାନକୁ ଉଠାଇବା ପାଇଁ ଆରମ୍ଭ ହୋଇଛି ଉଚ୍ଛେଦ ପ୍ରକ୍ରିୟା । ଅନ୍ୟପଟେ ସହର ବାହାରେ ନିର୍ମିତ ଭେଣ୍ଡିଙ୍ଗ ଜୋନକୁ ଯିବାପାଇଁ ଅମଙ୍ଗ ବ୍ୟବସାୟୀଙ୍କ ଦୋକାନକୁ ପ୍ରଶାସନ ପକ୍ଷରୁ ଜୋର ଜବରଦସ୍ତ ଦୋକାନକୁ ଭାଙ୍ଗି ଦେବାକୁ ବିରୋଧ କରିଛନ୍ତି କ୍ୟାବିନ ବ୍ୟବସାୟୀ । ପୂର୍ବସୂଚନା ମୁତାବକ ଗତ ଡିସେମ୍ବର ୧୦ତାରିଖରେ ସହର ମଧ୍ୟରୁ କ୍ୟାବିନ ଉଚ୍ଛେଦ କରିବାକୁ ପ୍ରଶାସନ ଅଣ୍ଟା ଭିଡ଼ିଥିବା ବେଳେ ବ୍ୟବସାୟୀ ମହସଂଘ ଏହାକୁ ବିରୋଧ କରି ରାଜରାସ୍ତାକୁ ଓହ୍ଲାଇଥିଲା। ଆଉ ଦୋକାନୀଙ୍କୁ ସହଯୋଗ କରିବା ପାଇଁ ମଧ୍ୟ ସେମାନଙ୍କ ସହିତ ଯୋଡିହୋଇ ରାସ୍ତାକୁ ଓହ୍ଲାଇଥିଲେ ପୂର୍ବତନ ବିଧାୟକ ରାଜେନ୍ଦ୍ର ସାହୁଙ୍କ ସହିତ, ସୁରେଶ ରାଉତରାୟ ଏବଂ କଂଗ୍ରେସ ନେତ୍ରୀ ସୋନାଲି ସାହୁ ଓ ଖୋର୍ଦ୍ଧା ପୌରାଧକ୍ଷାଙ୍କ ସହିତ ଅନେକ କାଉନ ସିଲର। ଶେଷରେ ଆଲୋଚନା ପରେ ଦୋକାନୀ ମାନଙ୍କୁ ଦୋକାନ ଖାଲି କରିବା ପାଇଁ ପ୍ରଶାସନ ପକ୍ଷରୁ ଡ଼ିସେମ୍ବର ୧୬ତାରିଖ ଯାଏଁ ମିଳିଥିଲା ମହଲତ । ତେବେ ୧୬ତାରିଖରେ ଦୋକାନ ଉଚ୍ଛେଦ ନ କରି ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଥିବା ବେଳେ ଉଚ୍ଛେଦ ପ୍ରକ୍ରିୟାକୁ ଦୀର୍ଘ ୧୪ଦିନ ଘୁଞ୍ଚେଇବା ପଛରେ ଡ଼ିସେମ୍ବର ୧୫ତାରିଖ ଠାରୁ ନେଇ ୨୨ତାରିଖ ପର୍ଯ୍ୟନ୍ତ ହାବେଲୀ ପଡ଼ିଆରେ ଚାଲିଥିବା ଖୋର୍ଦ୍ଧା ମହୋତ୍ସବ ମୂଖ୍ୟ କାରଣ ବୋଲି ଶୁଣିବାକୁ ମିଳିଥିଲା । ଦୋକାନ ଉଚ୍ଛେଦ ହେଲେ ବ୍ୟବସାୟୀ ହାବେଲୀ ପଡ଼ିଆରେ ଧସେଇ ପଶି ତାଙ୍କ ଦୋକାନ ପକେଇବେ, ଯାହାକି, କାର୍ଯ୍ୟକ୍ରମ ବେଳେ ମହୋତ୍ସବ କମିଟି କର୍ମକର୍ତ୍ତା ଏବଂ ପ୍ରଶାସନକୁ ଅଡୁଆ ପରିସ୍ଥିତିରେ ପକାଇଥାନ୍ତା ବୋଲି ସାଧାରଣରେ ଚର୍ଚ୍ଚା ହେଉଥିଲା। ତେବେ ଉଚ୍ଛେଦ କାମରେ ବିଳମ୍ବ ପଛରେ ଯାହା ବି କାରଣ ଥାଉ ନା କାହିଁ, କ୍ୟାବିନ ବ୍ୟବସାୟୀ ଓ ପ୍ରଶାସନ ଭିତରେ ଚାଲିଥିବା ଛକାପଞ୍ଝାରେ ପଡ଼ିଛି ଯବନିକା। ଅନେକ ଏହାକୁ ବିରୋଧ କରୁଥିବା ବେଳେ ଅନେକ ପ୍ରଶାସନର ଏହି ପଦକ୍ଷେପକୁ ସ୍ୱାଗତ କରିଥିବା ଜଣା ପଡିଛି।

## ଗ୍ରୀନ ପାରାଦୀପ ଟ୍ରଷ୍ଟ ପକ୍ଷରୁ ଦେବଦୂତ ସଡ଼କ ସୁରକ୍ଷା ବାହିନୀକୁ ଆଶୁ ଚିକିତ୍ସା ଉପକରଣ ପ୍ରଦାନ

ପାରାଦୀପ(ମହାଭାରତ): କାର୍ଯ୍ୟରତ ସାମ୍ବାଦିକ ମାନଙ୍କ ସହଯୋଗରେ ପ୍ରତିଷ୍ଠିତ ଗ୍ରୀନ ପାରାଦୀପ ଟ୍ରଷ୍ଟ ଅଞ୍ଚଳରେ ପରିବେଶ ସୁରକ୍ଷା ପାଇଁ ନିୟମିତ ଅନ୍ତରରେ ବୃକ୍ଷ ରୋପଣ କରୁଥିବା ବେଳେ ସାମାଜିକ କାର୍ଯ୍ୟରେ ମଧ ସହଯୋଗ କରିବା ଆରମ୍ଭ କରିଛି । ଏହିପରି ଏକ ଘଟଣା କ୍ରମରେ ଦୀର୍ଘ ଦିନ ଧରି ଦୁର୍ଘଟଣା ପୀଡ଼ିତଙ୍କୁ ସହାୟତା ପ୍ରଦାନ କରିଆସୁଥିବା 'ଦେବଦୂତ ସଡ଼କ ସୁରକ୍ଷା ବାହିନୀ' କୁ ଗ୍ରୀନ୍ ପାରାଦୀପ ଟ୍ରଷ୍ଟ ଆଶୁ ଚିକିତ୍ସା ଉପକରଣ ବା ଫାଷ୍ଟଏଡ୍ କିଟ୍ ପ୍ରଦାନ କରିଛି । ଦେବଦୂତ ସଡ଼କ ସୁରକ୍ଷା ବାହିନୀ ସଂଗଠନର ମୁଖ୍ୟ ସମାଜସେବୀ



ଦୀପକ ତରାଇ ଶନିବାର ଗ୍ରୀନ୍ ପାରାଦୀପ ଟ୍ରଷ୍ଟର ସଭାପତି ରାକେଶ କୁମାର ପଟ୍ଟନାୟକ ଓ ଅନ୍ୟ ସଦସ୍ୟଙ୍କୁ ଭେଟିଥିଲେ। ଏହି ପରିପ୍ରେକ୍ଷୀରେ ଦେବଦୂତ ସଡ଼କ ସୁରକ୍ଷା ବାହିନୀର କାର୍ଯ୍ୟକୁ ଗ୍ରୀନ ପାରାଦୀପ ଟ୍ରଷ୍ଟର ସଦସ୍ୟମାନେ ଉଚ୍ଚ ପ୍ରଶଂସା କରିଥିଲେଯ ପ୍ରକାଶଥାଉକି ପାରାଦୀପ-କଟକ ରାସ୍ତାରେ ଘଟୁଥିବା ଦୁର୍ଘଟଣାସ୍ଥଳରେ ତୁରନ୍ତ ପହଞ୍ଚି ପୀଡ଼ିତଙ୍କୁ ଯଥାଶୀଘ୍ର ଚିକିତ୍ସାଳୟରେ ପହଞ୍ଚାଇ ଦେବଦୂତ ସଡ଼କ ସୁରକ୍ଷା ବାହିନୀ ସାଧାରଣରେ ପ୍ରଶଂସିତ ହୋଇଛି । ଏହି ଆଶୁ ଚିକିତ୍ସା ଉପକରଣ ଦୁର୍ଘଟଣା ପୀଡ଼ିତଙ୍କ ସହାୟତାରେ ବିନିଯୋଗ ହେବଯ ତେବେ ଏହି ସହାୟତା ପାଇଁ ଶ୍ରୀ ତରାଇ ଗ୍ରୀନ ପାରାଦୀପ ଟ୍ରଷ୍ଟ କୁ ଧନ୍ୟବାଦ ଜଣାଇଛନ୍ତି।

## ପାରାଦୀପ ଇଫକୋ ଡିଏଭି ବିଦ୍ୟାଳୟରେ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ



ପାରାଦୀପ (ମହାଭାରତ): ପାରାଦୀପ ସ୍ଥିତ ଇଫକୋ ଡିଏଭି ବିଦ୍ୟାଳୟ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଶନିବାର ଓ ରବିବାର ଦୁଇଦିନ ଧରି ଆୟୋଜିତ ହୋଇଯାଇଛି । ଏହି ଅବସରରେ ଇଫକୋ ପାରାଦୀପ ୟୁନିଟ ମୁଖ୍ୟ ପି.କେ.ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ କ୍ରୀଡାର ଉପାଦେୟତା ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ଇଫକୋ ଜେଜିଏମ, ପିଆଣ୍ଡଏ କେ.ମୋହନ ରାଓ, ପିଆଣ୍ଡଏ ବରିଷ୍ଠ ପରିଚାଳନା ଅଧିକାରୀ ବିଜୟ କୁମାର ପରିଡା, ସୁନ୍ଦରଗଡ ସ୍ଥିତ ବସୁନ୍ଧରା ଡିଏଭି ବିଦ୍ୟାଳୟ ର ଅଧକ୍ଷ ଆର.କେ. ବେଦବାକ, ଇଫକୋ ଡିଏଭି ସ୍କୁଲ ଅଧକ୍ଷ ସମ୍ବିତ ସୁକୁମାର ଚିନାରା ଙ୍କ ସମେତ ସମସ୍ତ ଉପସ୍ଥିତ ଅତିଥି ମାନେ କ୍ରୀଡ଼ାବିତ ମାନଙ୍କୁ ଉତ୍ସାହିତ କରିଥିଲେ । ରବିବାର ଉଦଯାପନୀ କାର୍ଯ୍ୟକ୍ରମରେ କୃତି ପ୍ରତିଯୋଗୀ ମାନଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ । ତେବେ ଏହି ସଫଳ କାର୍ଯ୍ୟକ୍ରମ ପାଇଁ ଡିଏଭି ଅନୁଷ୍ଠାନର ରାଜ୍ୟ ଆଞ୍ଚଳିକ ନିର୍ଦ୍ଦେଶକ ଡ଼ଃ.କେଶବ ଚନ୍ଦ୍ର ଶତପଥୀ ଏବଂ ଅନୁଷ୍ଠାନର ଜୋନ-ସି ର ଆରଓ ଡ଼ଃ.ସୁଜାତା ସାହୁ ବିଦ୍ୟାଳୟ ଅଧକ୍ଷ ଶ୍ରୀ ଚିନାରା ଓ ସମସ୍ତ ସହଯୋଗୀ ଙ୍କୁ ଶୁଭେଚ୍ଛା ଜଣାଇଛନ୍ତ।

## ଶାନ୍ତି ଶକ୍ତି ଭବନରେ ନିଃଶୁଳ୍କ ଚକ୍ଷୁ ଚିକିତ୍ସା ଶିବିର ଆୟୋଜିତ



ଆସିକା (ମହାଭାରତ): ପ୍ରଜାପିତା ବ୍ରହ୍ମାକୁମାରୀ ଇଶ୍ୱରୀୟ ବିଶ୍ୱବିଦ୍ୟାଳୟ ସ୍ଥାନୀୟ ସେବା କେନ୍ଦ୍ର ଶାନ୍ତି ଶକ୍ତି ଭବନରେ ଶଙ୍କର ନେତ୍ରାଳୟ ସମର ଝୋଳ ଶାଖା ପକ୍ଷରୁ ନିଶୁଳ୍କ ଚକ୍ଷୁ ଚିକିତ୍ସା ଶିବିର ଆୟୋଜିତ ହୋଇଯାଇଛି ।ଶାନ୍ତି ଶକ୍ତି ଭବନର ସଂଚାଳିକା ରାଜ ଯୋଗିନୀ ବ୍ରହ୍ମାକୁମାରୀ ପ୍ରଭାତୀ ଭଉଣୀଙ୍କ ସଂଯୋଜନାରେ ଆୟୋଜିତ ଏହି ଶିବିରକୁ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍ଘାଟନ କରିଥିଲେ ଅବସର ପ୍ରାପ୍ତ ଶିଶୁ ରୋଗ ବିଶେଷଜ୍ଞ ଡାକ୍ତର ଶ୍ୟାମଘନ ବିଶ୍ୱାଳ । କାର୍ଯ୍ୟକ୍ରମରେ ଶଙ୍କର ନେତ୍ରାଳୟର କ୍ୟାମ୍ପ ମ୍ୟାନେଜର ଚିତ୍ରସେନ ଗୌଡ, ସ୍ୱାସ୍ଥ୍ୟ କର୍ମୀ ଅକ୍ଷୟ କୁମାର ପ୍ରଧାନ, ଟେକନିସିଅନ୍ ଶ୍ୱେତା ଦଳେଇ,ନନ୍ଦିନୀ ମହାରଣା, ସୋନାଲି ସ୍ୱାଇଁ ଓ ଶୁଭଶ୍ରୀ ପଣ୍ଡା ଶିବିର ପରିଚାଳନା କରିଥିଲେ। ଶିବିରରେ ୬୨ ଜଣ ଭଉଣୀ ଭାଇଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିବା ବେଳେ ୭ ଜଣଙ୍କୁ ନିଶୁଳ୍କ ଚଷମା ପ୍ରଦାନ କରାଯାଇଥିଲା। ଏବଂ ୧୦ ଜଣଙ୍କୁ ଅସ୍ତ୍ରୋପଚାର ପାଇଁ ସମରଝୋଳ ସ୍ଥିତ ଶଙ୍କର ନେତ୍ରାଳୟକୁ ସ୍ଥାନାନ୍ତରିତ କରାଯାଇଛି । କାର୍ଯ୍ୟକ୍ରମ ପରିଚାଳନାରେ ଇଶ୍ୱରୀୟ ବିଶ୍ୱବିଦ୍ୟାଳୟର ସମସ୍ତ ଭଉଣୀ ଭାଇ ସହଯୋଗ କରିଥିଲେ।

## ତଳମୁଳ ଉଚ୍ଚ ବିଦ୍ୟାଳୟ ୯୧ ମାଟ୍ରିକ ବନ୍ଧୁ ମିଳନ

ଅନୁଗୋଳ,(ମହାଭାରତ):ଅନୁଗୋଳ ଜିଲ୍ଲାର ଚଣ୍ଡୀ ଖମଣରେ ଥିବା ପ୍ରସିଦ୍ଧ ଶୈବ ପୀଠ ଠାରେ ଚତୁର୍ଥ ତମ ତଳମୁଳ ଉଚ୍ଚ ବିଦ୍ୟାଳୟ ର ୯୧ ବ୍ୟାଚ ମାଟ୍ରିକ ବନ୍ଧୁ ମିଳନ ମିଳନ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଉକ୍ତ ବନ୍ଧୁ ମିଳନ ରେ ୧୨୦ଜଣ ଛାତ୍ର ଛାତ୍ରୀ ଏବଂ ୧୫ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ କାର୍ଯ୍ୟ ରତ ଓ ଅବସର ପ୍ରାପ୍ତ ଶିକ୍ଷକ ଶିକ୍ଷୟିତ୍ରୀମାନେ ବନ୍ଧୁତ୍ୱ ର ମହତ୍ ଉପରେ କିଛି ନୂତନ ଦିଗ ଦର୍ଶନ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବରେ ଶିକ୍ଷୟିତ୍ରୀ ଶ୍ରୀମତୀ ହିରଣ୍ୟ ପ୍ରଭା ତ୍ରିପାଠୀ ମହୋଦୟା ଶିକ୍ଷକ ଓ ଛାତ୍ର ଛାତ୍ରୀ ମଧ୍ୟରେ ସୁ ସମ୍ପର୍କ ତଥା ବନ୍ଧୁତ୍ୱ ଉପରେ ଆଲୋକପାତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ସଭାପତି ସୁଶାନ୍ତ କୁମାର ନନ୍ଦ ସଭାପତିତ୍ୱ କରିଥିବାବେଳେ ସୁଶାନ୍ତ କୁମାର ନାଥ ବାର୍ଷିକ ବିବରଣୀ ପାଠ କରିଥିଲେ। ଉକ୍ତ ବନ୍ଧୁ ମିଳନ କାର୍ଯ୍ୟକ୍ରମକୁ ସମ୍ପାଦକ ପତିତପାବନ ବାଡିଆ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଉପସଭାପତି ସତ୍ୟନାରାୟଣ ଦାସ ସହଯୋଗ କରିଥିବାବେଳେ ପ୍ରମୋଦ କୁମାର ନାଥ ଧନ୍ୟବାଦ ଅର୍ପଣ କରିଥିଲେ।

## ନଦୀ ଭିତରୁ ପଥର ବନ୍ଧା ଅବସ୍ଥାରେ ମହିଳାଙ୍କ ଶବ ଉଦ୍ଧାର ହତ୍ୟା ସନ୍ଦେହ ରେ ସ୍ୱାମୀ ଅଟକ



କରଞ୍ଜିଆ (ମହାଭାରତ)ବୈତରଣୀ ନଦୀ ର ସୁନାମୁନି ଠାରେ ପଥର ବନ୍ଧା ହୋଇ ଥିବା ଅବସ୍ଥାରେ ଜଣେ ମହିଳା ଙ୍କ ମୃତ ଦେହକୁ ଶନିବାର ରାତିରେ ଠାକୁରମୁଣ୍ଡା ଅଗ୍ନିଶମ ବିଭାଗ ପାଣି ଭିତରୁ ଉଦ୍ଧାର କରିଛି। ଉଦ୍ଧାର ହୋଇଥିବା ମୃତ ମହିଳା ଜଣକ ନିକଟ ମୋନହରପୁର ଗ୍ରାମର ବାଲକା ଟୁଡୁ(୨୬) ଙ୍କ ସ୍ତ୍ରୀ ମେରୀ ବେଶ୍ରା(୪୫) ବୋଲି ଜଣାପଡ଼ିଛି। ଘଟଣାରେ ପୋଲିସ ସନ୍ଦେହ କରି ମୃତକ ଙ୍କ ସ୍ୱାମୀ ବାଲକା ଟୁଡୁ ଙ୍କୁ ଅଟକ ରଖିଛିଯସୂଚନା ଅନୁଯାୟୀ ଠାକୁରମୁଣ୍ଡା ବ୍ଲକ ସୀମାନ୍ତ କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଥାନା ଅନ୍ତର୍ଗତ ମୋନହରପୁର ଗ୍ରାମ ନିକଟ ଦେଇ ବୋହି ଯାଇଥିବା ବୈତରଣୀ ନଦୀ ର ସୁନାମୁନି ଠାରେ ନଦୀ ପାଣିରେ ବୁଡି ରହିଥିବା ଶରୀର ର କିଛି ଅଂଶ କୁ ଶନିବାର ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ।ଏ ନେଇ ଆନନ୍ଦପୁର ଥାନା କୁ ସୂଚନା ଦେବା ସହିତ ଠାକୁରମୁଣ୍ଡା ଅଗ୍ନିଶମ ବିଭାଗ କୁ ସୂଚନା ଦେଇଥିଲେ।ଖବର ପାଇ ପୋଲିସ ଓ ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ଥିଲେ। ପାଣି ଭିତରେ ବୁଡି ରହିଥିବା ମୃତ ଦେହକୁ ରାତିରେ ଅଗ୍ନିଶମ ବିଭାଗ ଉଦ୍ଧାର କରି କୂଳ କୁ ଆଣିଥିଲେ। କେହି ଦୁର୍ବୃର୍ତ୍ତ ମହିଳା ଜଣକୁ ହତ୍ୟା ପରେ ଶରୀର ରେ ପଥର ବାନ୍ଧି ନଦୀ ପାଣିରେ ବୁଡାଇ ଦେଇଥିଲେ।ମୃତ ମହିଳା ଙ୍କ ଶବକୁ ସ୍ଥାନୀୟ ଲୋକେ ଚିହ୍ନଟ କରିବା ପରେ ପୋଲିସ ସନ୍ଦେହ ରେ ମୃତକ ଙ୍କ ସ୍ୱାମୀ କୁ ଅଟକ ରଖିଥିଲେ। ମୃତ ମହିଳା ଜଣକ ଗତ ୨୫ ତାରିଖ ରାତିରୁ ନିଖୋଜ ରହିଥିବା ବେଳେ ୩ ଦିନ ପରେ ନଦୀ ଭିତରୁ ଶବ ଉଦ୍ଧାର ହୋଇଛି ।ଘଟଣାସ୍ଥଳ କୁ ଅତିରିକ୍ତ ପୋଲିସ ଅଧିକ୍ଷକ ମୋନଜ କୁମାର ରାଉତ , ଉପଖଣ୍ଡ ପୋଲିସ ଅଧିକାରୀ ପ୍ରସାନ୍ତ କୁମାର ବେହେରା, ଆନନ୍ଦପୁର ଥାନା ଅଧିକାରୀ ଲକ୍ଷ୍ମୀକାନ୍ତ ପ୍ରଧାନ ଏ ଏସ ଆଇ ଜ ପଟ୍ଟନାୟକ ଓ ସାଇଣ୍ଟିଫିକ ଟିମ ଓ ପହଞ୍ଚି ଘଟଣାର ତଦନ୍ତ କରୁଛି । ଆନନ୍ଦପୁର ଥାନା ରେ ସ୍ୱାମୀ ବାଲକା ଟୁଡୁ କୁ ଅଟକ ରଖି ୩୫୮ /୨୪ ରେ ମାମଲା ରୁଜୁ କରି ଅଧିକ ତଦନ୍ତ କରୁଛି।

## ପାଟଣା ଓ ସାହାରପଡା ଅବସର ସୈନିକ କଲ୍ୟାଣ ସଂଘ ତରଫ ରୁ ବଣଭୋଜି ଓ ବନ୍ଧୁମିଳିନ

ପାଟଣା:-(ମହାଭରତ) କେନ୍ଦୁଝର ଜିଲ୍ଲା ପାଟଣା ଓ ସାହାରପଡା ଅବସର ପ୍ରାପ୍ତ ସୈନିକ କଲ୍ୟାଣ ସଂଘ ତରଫ ରୁ ରବିବାର ଦିନ ପାଟଣା ବୈତରଣୀ ନଦୀ କୂଳରେ ଏକ ବଣଭୋଜି ସହ ବନ୍ଧୁମିଳିନ କାର୍ଯ୍ୟକ୍ରମ ଆୟୋଜନ ହୋଇଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପାଟଣା ସମାଜସେବୀ ବିଦ୍ୟାଧର ଦାଶ ଯୋଗଦାନ କରି ଥିଲେଯ ଏହି ବଣଭୋଜି ର ମୁଖ୍ୟ ଆକର୍ଷଣ ଝୁମର ନୃତ୍ୟ କୁ ଭରପୁର ମଜା ସମସ୍ତେ ଉଠେଇ ଥିଲେଯ ଏହି କାର୍ଯ୍ୟକ୍ରମ ରେ ୧୯୭୧ ମସିହା ରେ ହୋଇ ଥିବା ଯୁଦ୍ଧ ରେ ଭାଗ ନେଇ ଥିବା କୀର୍ତ୍ତନ ମହାନ୍ତ ଉପସ୍ଥିତ ହୋଇ ଯୁଦ୍ଧ ବିଷୟରେ କିଛି ଅଭିଭାଷଣ ରଖି ଥିଲେ। କାର୍ଯ୍ୟକ୍ରମରେ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ନୃସିଂହ ସିଂହ ସହ ବିଜୟ କୁମାର କାରୁଆ,କାମିନୀ କାନ୍ତ ଦିବେଦୀ ଚିରଞ୍ଜିବି ଦାଶ ରଞ୍ଜନ ବାରିକି କିଶୋର ଚନ୍ଦ୍ର ମହାନ୍ତ,ଦଶରଥ ବାରିକି ଓ ଉଗ୍ରେସେନ ପୁଷ୍ଟି ଉପସ୍ଥିତ ଥିଲେ।ଏହି କାର୍ଯ୍ୟକ୍ରମ କୁ କ୍ୟାପଟେନ ଉପେନ୍ଦ୍ର ମହାନ୍ତ ଓ ସୁବେଦାର ନାରାୟଣ ବାରିକ୍ ପରିଚାଳନା କରିଥିଲେ। ଆସୋସିଏସନର ସମସ୍ତ ସଦସ୍ୟ ନିଜ ପରିବାର ସହିତ ଭୋଜି ର ଆନନ୍ଦ ନେବା ସହିତ ପରସ୍ପର ମଧ୍ୟରେ ଆନନ୍ଦ ପରିବେଶ ଦେଖିବାକୁ ମିଳିଥିଲା ।

## ବୟୋବୃଦ୍ଧ ମାନଙ୍କ ପ୍ରତି ଗୋଷ୍ଠୀର ସାମାଜିକ ଉତ୍ତର ଦାୟିତ୍ୱ ବୃଦ୍ଧି ସଂପର୍କରେ ରେଡିଓ ସ୍ୱାତୀର ପ୍ରଥମ ସ୍ୱନକ୍ଷତ୍ର ଉତ୍ସବରେ ବିଧାୟକଙ୍କ ମତ

କନ୍ଧମାଳ :(ମହାଭାରତ): ସମାଜରେ ବରିଷ୍ଠ ନାଗରୀକ ଓ ବୟୋବୃଦ୍ଧ ମାନଙ୍କ ପ୍ରତି ଅବହେଳା ବୃଦ୍ଧି ପାଉଥିବାରୁ ସେମାନେ ଦିନକୁ ଦିନ ଅସୁରକ୍ଷିତ ହୋଇ ପଡୁଛନ୍ତି ଏବଂ ନିର୍ଯ୍ୟାତନାର ଶିକାର ମଧ ହେଉଛନ୍ତି । ବୟୋବୃଦ୍ଧ ମାନେ ହେଉଛନ୍ତି ଆମ ସମାଜର ମୁଖ୍ୟ ପୃଷ୍ଠପୋଷକ ଏବଂ ସେମାନଙ୍କର ମାନସିକ ଓ ସ୍ୱାସ୍ଥ୍ୟଗତ ସୁରକ୍ଷା ଆମ୍ଭମାନଙ୍କର ସାମାଜିକ ଉତର ଦାୟିତ୍ୱ ବୋଲି ସ୍ୱାତୀର ପ୍ରଥମ ସ୍ୱନକ୍ଷତ୍ର ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ବାଲିଗୁଡା ବିଧାୟକ ଶ୍ରୀ ଚକ୍ରମଣୀ କହଁର କହିଛନ୍ତି। ସ୍ୱାତୀ ଅନୁଷ୍ଠାନ ଦ୍ୱାରା ଫିରିଙ୍ଗିଆ ବ୍ଲକ୍ ବନ୍ଧଗଡ ଠାରେ ରେଡିଓ




ସ୍ୱାତୀ ଗୋଷ୍ଠୀ ବେତାର କେନ୍ଦ୍ର ଖୋଲାଯାଇ କନ୍ଧମାଳ ଜିଲ୍ଲାର ଜୀବନଜୀବିକା, ସଂସ୍କୃତି, ଶିକ୍ଷା, ସ୍ୱାସ୍ଥ୍ୟ ଆଦି ସଂପର୍କିତ ତଥ୍ୟ ଓ ସୂଚନା ୯୦.୮ ଏଫ୍.ଏମ ଯୋଗେ ପ୍ରସାର କରାଯାଉଛି । ଆଜି ଏହାର ପ୍ରଥମ ସ୍ୱନକ୍ଷତ୍ର ଉତ୍ସବରେ ସ୍ୱାତୀର ବିଭିନ୍ନ ପ୍ରକଳ୍ପରେ କାର୍ଯ୍ୟକରୁଥିବା କର୍ମୀ ମାନଙ୍କ ସହ ଅଙ୍ଗନବାଡି, ଆଶା, ସ୍ୱାସ୍ଥ୍ୟସହାୟିକା, ମହିଳାଦଳ ସଦସ୍ୟା ମାନେ ଯୋଗଦେଇ ଅନୁଷ୍ଠାନର ସମାଜିକ ଉତର ଦାୟିତ୍ୱ ସହ ବୟସ୍କ ମାନଙ୍କ ସହାୟତା ଓ ସୁରକ୍ଷା ସଂପର୍କରେ ଆଲୋଚନା କରିଥିଲେ । ଆଲୋଚନା ଆରମ୍ଭରେ ଦିବଂଗତ ପୂର୍ବ ପ୍ରଧାନମନ୍ତ୍ରୀ ଶ୍ରୀଯୁକ୍ତ ମନମୋହନ ସିଂହଙ୍କ ବିୟୋଗରେ ନୀରବ ପ୍ରାର୍ଥନା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା ।ଏହାପରେ ସ୍ୱାତୀର ଅଧକ୍ଷ ପ୍ରଶାନ୍ତ ଶତପଥି ଅନୁଷ୍ଠାନର କାର୍ଯ୍ୟକ୍ରମ ସହ ଜନସଚେତନତା ସୃଷ୍ଟି ଦିଗରେ ରେଡିଓ ସ୍ୱାତୀର ଭୂମିକା ସଂପର୍କରେ ବିଧାୟକ ଓ ଅଂଶଗ୍ରହଣକାରୀ ମାନଙ୍କୁ ଅବଗତ କରାଇଥିଲେ । ବର୍ତମାନେ ରେଡିଓ ସ୍ୱାତୀ ମାଧ୍ୟମରେ କେନ୍ଦ୍ରସରକାରଙ୍କ ଦ୍ୱାରା ପରିଚାଳତ ଅଟଳ ବୟୋ ଅଭ୍ୟୁଦୟ ଯୋଜନା ( ଅଭୟ) ସଂପର୍କରେ ନାଟକ ମାଧ୍ୟମରେ ସଚେତନତା ସୃଷ୍ଟି କରାଯାଉଛି ବୋଲି ସଂପାଦକ ହରିଶଙ୍କର ରାଉତ ସୂଚନା ଦେଇଥିଲେ । ବିଧାୟକ ଶ୍ରୀ କହଁର ନିଜେ ମଧ ବୟୋବୃଦ୍ଧ ମାନଙ୍କ ପ୍ରତି ସମ୍ମାନ ଓ ସମ୍ବେଦନା ଜଣାଇବା ପାଇଁ ରେଡିଓ ବର୍ତା ମାଧ୍ୟମରେ ସମସ୍ତଙ୍କୁ ଅନୁରୋଧ କରିଥିଲେ । ଏହି ଅବସରରେ ସ୍ୱାତୀ ଦ୍ୱାରା ପରିଚାଳତ ବିଭିନ୍ନ କାର୍ଯ୍ୟକ୍ରମ ସହ ସଂପୃକ୍ତ ଗୋଷ୍ଠୀ ସାଧନ ବ୍ୟକ୍ତି ମାନଙ୍କୁ ବିଧାୟକ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମ ସଂଯୋଜକ ପ୍ରଦୀପ ସ୍ୱାଇଁ ଶିବିର ପରିଚାଳନା କରିଥିଲେ । ଏହି ଶିବିର ଆଜି ଓ ଆସନ୍ତାକାଲି ଦୁଇଦିନ ଧରି ଚାଲିବ ବୋଲି ଜଣାଯାଇଛି।

## ମୃତ୍ୟୁବରଣ ବ୍ୟକ୍ତିଙ୍କ ଶାନ୍ତି କାମନା କଲେ ପର୍ଯ୍ୟଟକ

ଅସ୍ତରଙ୍ଗ (ମହାଭାରତ): ଏବେ ଚାଲିଛି ପର୍ଯ୍ୟଟନ ଭ୍ରମଣ ର ଋତୁ, ଗାଁ ଠୁ ସହର ପ୍ରତ୍ୟେକ ପର୍ଯ୍ୟଟନ ସ୍ଥଳୀ ରେ ପର୍ଯ୍ୟଟକ ଙ୍କ ଭିଡ଼ ଜମିଛି, ପୁରାତନ ବର୍ଷକୁ ଶୁଭ ବିଦାୟ ଦେବା ସହିତ ନୂତନ ବର୍ଷ କୁ ସ୍ୱାଗତ କରିବା ଦିଗରେ ପ୍ରତ୍ୟେକ ବ୍ୟକ୍ତିବିଶେଷ, ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ପିର ଜାହାନିଆ ବେଳାଭୂମି, ପ୍ରତ୍ୟେକ ବର୍ଷ ନଭେମ୍ବର ମାସ ରୁ ମାର୍ଚ୍ଚ ପ୍ରଥମ ସପ୍ତାହ ପର୍ଯ୍ୟନ୍ତ ଏଠି ପର୍ଯ୍ୟଟକ ଙ୍କ ଭିଡ଼ ଜମିଥାଏ, ସବୁଠୁ ସ୍ୱତନ୍ତ୍ର ସ୍ଥାନ ଏହି ବେଳାଭୂମି ରେ ଗାଧେଇବା ସହିତ ଝାଉଁ ଜଙ୍ଗଲ ରେ ରୋଷେଇ, ଅସ୍ତରଙ୍ଗ ବଙ୍ଗୋପସାଗର କୁ ଦେବି ନଦୀ ର ଖଙ୍ଗା ମାଛ, ଭିନ୍ନ ଭିନ୍ନ ଲୁଣି ମାଛ ର ମହୁର ଆଉ ବେସର ର ମଜା ଏଠି ନିଆରା, ଆମିଷ ଓ ନିରାମିଷ ରୋଷେଇ ପାଇଁ ଏହି ସ୍ଥାନ ରେ ସ୍ୱତନ୍ତ୍ର ପରିବେଶ ସୁହାଇଥାଏ, ସେଥିପାଇଁ ଅଞ୍ଚଳ ବାସି ଓ ରଜ୍ୟ ର ପ୍ରତ୍ୟେକ ସ୍ଥାନ ରୁ ପର୍ଯ୍ୟଟକ



ଧାଇଁ ଆସନ୍ତି ଏହି ପରିବେଶ ରେ ରୋଷେଇ କରିବା ସହ ଏଠି ମଜା ନେବା ପାଇଁ, କିନ୍ତୁ ଏହି ସ୍ଥାନରେ ଆଜି ପର୍ଯ୍ୟନ୍ତ ଅସ୍ତରଙ୍ଗ ପ୍ରଶାସନ ତରଫରୁ କି ସରକାର ଙ୍କ ତରଫରୁ ଲାଇଫଗାର୍ଡ ର ବ୍ୟବସ୍ଥା ନଥିବାରୁ ଅତୀତ ରେ ଅନେକ ପର୍ଯ୍ୟଟକ ସମୁଦ୍ର ରେ ଗାଧେଇ ବା ଅବସ୍ଥା ରେ ଭାସି ଯାଇ ମୃତ୍ୟୁ ବରଣ କରିଛନ୍ତି, ସେହିଭଳି ଘଟଣା ଆଉ ପୁନଃବାର ନଘଟୁ କି ଆଉ କୌଣସି ଲୋକ ଅସଚେତନତା ପାଇଁ ଏହି ଦୁର୍ଘଟଣା ର ଶିକାର ନହୁଅନ୍ତୁ, ଆଉ ଏହି ଦୈବୀ ଦୁର୍ଘଟଣା ରେ ପ୍ରାଣ ହରାଇଥିବା ବ୍ୟକ୍ତି ବିଶେଷ ଙ୍କ ଅମର ଆତ୍ମା ର ସଦଗତି ପାଇଁ ଆଜି ଅସ୍ତରଙ୍ଗ ବ୍ଲକ ଆଳସାହି ଐଶାନେଶ୍ୱର ବିଦ୍ୟାପୀଠ ର ୨୦୦୬ ବ୍ୟାଚ ର ଛାତ୍ରଛାତ୍ରୀ ମାନେ ଏକ ନିରବ ପାର୍ଥନା କରିଥିଲେ, ଯେଉଁ ଦୃଶ୍ୟ ଅତ୍ୟନ୍ତ ନିଆରା ଓ ସଚେତନତା ମୂଳକ ଥିଲା ।

## କ୍ରାକର୍ସ ଇଣ୍ଡିଆ ପକ୍ଷରୁ ବିଶାଳ ରକ୍ତଦାନ ଶିବିର ଅନୁଷ୍ଠିତ

ଯୋଡା,(ମହାଭାରତ) କେନ୍ଦୁଝର ଜିଲ୍ଲା ଯୋଡ଼ା ବିଲେଇପଦା ସ୍ଥିତ କ୍ରାକର୍ସ ଇଣ୍ଡିଆ ଆଲଏଜ ଲିମିଟେଡ ପକ୍ଷରୁ ରବିବାର ଦିନ ଏକ ବିଶାଳ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି ।ଏଥିରେ ରେକର୍ଡ ପରିମାଣର ୮୩ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିବା ଜଣାପଡିଛି। ଏହି ଶିବିରଟିକୁ କ୍ରାକର୍ସ ଇଣ୍ଡିଆ ମାଲିକ ଶ୍ରୀନିବାସ ସାହୁଙ୍କ ପିତା ଶ୍ରୀ ଦୁଃଶାସନ ସାହୁ ଶୁଭ ଉଦଘାଟନ କରିଥିଲେ । ଏହି ଶିବିରଟିରେ କ୍ରାକର୍ସ ଇଣ୍ଡିଆ ଅଧ୍ୟକ୍ଷ ବିକାଶ ଭାନୁ ଦାସ, ଉପସଭାପତି ଚକ୍ରଧର ସ୍ୱାଇଁ, ମାନବ ସମ୍ବଳ ଅଧିକାରୀ ପ୍ରଦୀପ କୁମାର ସାହୁ, ଅଜିତ କୁମାର ନାଏକ, ନିରାକର ଦାସ, ଚତୁର୍ଭୁଜ ଖିଲାର, ସ୍ଥାନୀ । ସରପଞ୍ଚ, ଜିଲ୍ଲାପରିଷଦ ସଭ୍ୟ, ବିଭିନ୍ନ ଲୋକପ୍ରତିନିଧି, ସ୍ଥାନୀୟ ଜନସାଧାରଣ ଏବଂ କର୍ମଚାରୀ ମାନେ ଉପସ୍ଥିତ ରହିଥିଲେ । ଚମ୍ପୁଆ ବ୍ଲଡ ବ୍ୟାଙ୍କର ଡାକ୍ତର ଏବଂ କର୍ମଚାରୀ ମାନେ ଉପସ୍ଥିତ ରହି ରକ୍ତଦାତା ମାନଙ୍କ ଠାରୁ ରକ୍ତ ନମୁନା ସଂଗ୍ରହ ତଥା ରକ୍ତ ଗ୍ରହଣ ପରେ ସଠିକ୍ ପଦ୍ଧତିରେ ସଂରକ୍ଷିତ ରଖିଥିଲେ।

## ନୂତନ ବର୍ଷ ଉପଲକ୍ଷେ୨୦୦୫ମସିହା ବେଚ ଛାତ୍ର ଛାତ୍ରୀ ଙ୍କ ବନ୍ଧୁ ମିଳନ

ଦେବଗଡ଼ (ମହା ଭାରତ) ଆଜି ଦେବଗଡ଼ ଜିଲ୍ଲା ବାରକୋଟ ବ୍ଲକ ଅନ୍ତର୍ଗତ ଦଣ୍ଡାସିଂହା ଗ୍ରାମ ପଞ୍ଚାୟତ ହାଇସ୍କୁଲରେ ୨୦୦୫ ମସିହାରେ ପାଠ ପଢୁଥିବା ବେଚର ଛାତ୍ର ଛାତ୍ରୀ ମାନେ ନୂତନ ବର୍ଷ ଉପଲକ୍ଷେ ବନ୍ଧୁ ମିଳନ ଉତ୍ସବ ଋକୁଣ୍ଡା ଠାରେ ପାଳନ କରିଥିଲେ । ଏହି କାର୍ଜ୍ୟକ୍ରମ ଉକ୍ତ ବେଚ୍ ର ଛାତ୍ର ତରଣୀ ବାବୁଙ୍କର ପ୍ରଚେଷ୍ଟା ସହିତ ଓ ଅମ୍ପିତ ବାବୁ ଙ୍କ ସହଯୋଗ ରେ ଆଜି ଦୀର୍ଘ ୨୦ବର୍ଷ ପରେ ବନ୍ଧୁ ମିଳନ ଉତ୍ସବ ଋକୁଣ୍ଡା ଠାରେ ଅତି ସୁନ୍ଦର ସହିତ ପାଳନ କରାଗଲା।ଏବଂ ସାରା ଭାରତବାସୀଙ୍କୁ ସମସ୍ତ ଛାତ୍ର ଛାତ୍ରୀ ମାନେ ଶୁଭେଚ୍ଛା ଜଣାଇବା ସହ ସମସ୍ତେ ପାଠପଢା ଦିନ ବିତି ଯାଇଥିଲେ ମଧ୍ୟ ସମସ୍ତେ ଅତୀତର ବନ୍ଧୁ ମାନକ ସହ ନିହାତି ସମୟ ବାଞ୍ଚିବା ଦରକାର ଏଥିରୁ ଆଗାମୀ ପିଢ଼ି ମାନେ ମଧ୍ୟ ସେହି ରାସ୍ତାରେ ଚାଲିବା ଦରକାର ।ଏହି ସମସ୍ତ ଆଲଚନା କରିବା ସହ ସମସ୍ତେ ବନ୍ଧୁ ବର୍ଷ ପରେ ବନ୍ଧୁ ମିଳନର ଉତ୍ସବକୁ ଉତ୍ସାହର ପାଳନ କରିଥିଲେ।

## ଦି ସାଗା ଓଫ଼ କୁଦୋପାଲି ଦ ଅନସଙ୍ଗ ଷ୍ଟୋରି ଓଫ଼ ୧୮୫୭ ପୁସ୍ତକର ଉନ୍ମୋଚନ ଉତ୍ସବ

ସମ୍ବଲପୁର, (ମହାଭାରତ): ଦି ସାଗା ଓଫ କୁଦୋପାଲି ଦ ଅନସଙ୍ଗ ଷ୍ଟୋରି ଓଫ ୧୮୫୭ ପୁସ୍ତକର ଉନ୍ମୋଚନ ଉତ୍ସବ ତପସ୍ୱିନୀ କକ୍ଷ ଠାରେ ଅନୁଷ୍ଠିତ ହୋଇ ଯାଇଛି।ପୁସ୍ତକ ଉନ୍ମୋଚନ ଉତ୍ସବ ରେ ମାନନୀୟ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ।ଯ ଉକ୍ତ ଉତ୍ସବରେ ସମ୍ବଲପୁର ର ମାନ୍ୟବର ବିଧାୟକ ଶ୍ରୀ ଜୟନାରାୟଣ ମିଶ୍ର, ନିର୍ଦ୍ଦେଶକ ଆଇଆଇଏମ, ସମ୍ବଲପୁର ପ୍ରଫେସର ଶ୍ରୀ ମହାଦେବ ଜଏଶ୍ୱାଲ, ଉପ କୁଳପତି ସମ୍ବଲପୁର ବିଶ୍ୱବିଦ୍ୟାଳୟ ପ୍ରଫେସର ଶ୍ରୀ ବିଧୁ ଭୂଷଣ ମିଶ୍ର , ଆଇଜ-ଉତ୍ତରାଞ୍ଚଳ ଶ୍ରୀ ହିମାଂଶୁ ଲାଲ(ଆଇ.ପି.ଏସ),ରାଜସ୍ୱ ଭାଗୀୟ ଆୟୁକ୍ତ-ଉତ୍ତରାଞ୍ଚଳ ଶ୍ରୀ ସଚିନ ରାମଚନ୍ଦ୍ର ଜାଧବ (ଆଇ.ଏ.ଏସ), ଜିଲ୍ଲାପାଳ, ସମ୍ବଲପୁର ଶ୍ରୀ ସିଦ୍ଧେଶ୍ୱର ବଳିରାମ ବୋନ୍ଦର(ଆଇ.ଏ.ଏସ), ଆରକ୍ଷୀ ଅଧିକ୍ଷକ ଶ୍ରୀ ମୁକେଶ ଭାମୁ(ଆଇ.ପି.ଏସ),ଏନବିଟି ର ନିର୍ଦ୍ଦେଶକ ଶ୍ରୀ ୟୁବରାଜ ମଲ୍ଲିକ, ଦି ସାଗା ଓଫ କୁଦୋପାଲି ର ଲେଖକ ଶ୍ରୀ ଦିପକ ପଣ୍ଡା ପ୍ରମୁଖ ମ□ାସୀନ ଥିଲେ।ଯଦି ସାଗା ଓଫ କୁଦୋପାଲି ର ଲେଖକ ଶ୍ରୀ ଦିପକ ପଣ୍ଡା ମୋହଦୟ ନିଜ ସ୍ୱାଗତ ଭାଷଣ ରେ ମା ସମଲେଶ୍ୱରୀ ଙ୍କ ପାଖେ ନତମସ୍ତକ ହୋଇ କହିଥିଲେ ଆମେ ସମସ୍ତେ ବୀର ସୁରେନ୍ଦ୍ର ସାଏ ଙ୍କ ଭଳି ବୀର ପୁତ୍ର ର ଜନ୍ମମାଟିର ସନ୍ତାନ, ଯେଉଁଠି ଅନେକ ଦିନ ଧରି ଦୂର୍ଦ୍ଧର୍ଷ ଇଂରେଜ ବିରୋଧରେ ଚାଲିଥିଲା ସଶସ୍ତ୍ର ସଂଗ୍ରାମୟ ରଣଭୂମି କୁଦୋପାଲି ଘାଟି ରେ ସମ୍ମୁଖ ଯୁଦ୍ଧରେ ୩୦ଡିସେମ୍ବର ୧୮୫୭ ରେ ୀରଗତି ପ୍ରାପ୍ତ ହୋଇଥିଲେ ବୀର ସୁରେନ୍ଦ୍ର ସାଏଙ୍କ ଭାଇ ବୀର ଛବିଳ ସାଏ ଙ୍କ ସମେତ ୫୩ ଜଣ ବୀର ସଂଗ୍ରାମୀ ଯାହା ଭାରତୀୟ ଇତିହାସ ରେ ଏକ ଉଲ୍ଲେଖନୀୟ ଘଟଣାୟ ଏହି ଐତିହାସିକ ଘଟଣା କୁ ସମସ୍ତ ଙ୍କ ଲୋକ ଲୋଚନ କୁ ଆଣିବା ରେ ମାନନୀୟ କେନ୍ଦ୍ରମନ୍ତ୍ରୀ, ଶିକ୍ଷା ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ଙ୍କ ର ମୁଖ୍ୟ ଅବଦାନ ରହିଛି ବୋଲି ସେ କହିଥିଲେ। ତାଙ୍କର ବରିଷ୍ଠ ନେତୃ ଫଳରେ ରେ ଆଜି କୁଦୋପାଲି ଉପରେ ଏକ ପୁସ୍ତକ ପ୍ରକାଶିତ କରିପାରିଛି ବୋଲି ମଧ୍ୟ କହି ମାନନୀୟ କେନ୍ଦ୍ରମନ୍ତ୍ରୀ ଙ୍କୁ ଧନ୍ୟବାଦ ଜଣାଇଥିଲେ। ମାନନୀୟ ବିଧାୟକ, ସମ୍ବଲପୁର ଶ୍ରୀ ଜୟନାରାୟଣ ମିଶ୍ର ଉତ୍ସବ ରେ ଯୋଗ ଦେଇଥିଲେ।

# ଗୁଆଳି କେନାଲ ବନ୍ଧ ରାସ୍ତା ପାଲଟିଛି ମରଣଯନ୍ତା ଲୋକ ହନ୍ତସନ୍ତ



କଣ୍ଟାପଡା, (ମହାଭାରତ) : ଭୁବନେଶ୍ୱର ମହାନଗର ନିଗମ ଠାରୁ ମାତ୍ର ତିନି କିଲୋମିଟର ଦୂର ଗାଁ କୁ ନାହିଁ ସବୁଦିନିଆର ରାସ୍ତା। ଫଳରେ ପାଞ୍□ ହଜାର ରୁ ଉର୍ଦ୍ଧ୍ୱ ଜନସାଧାରଣ ବସବାସ କରୁଥିବା ଗୁଆଳି ଗ୍ରାମର ଲୋକ ହେଉଛନ୍ତି ହନ୍ତସନ୍ତ। କଟକ ସଦର ଥାନା ଅନ୍ତର୍ଗତ କୁରାଙ୍ଗ ପ୍ରଧାନ ଗ୍ରାମ ପଞ୍ଚାୟତ ଅଧିନ ଗୁଆଳି ଗ୍ରାମର ମୁଖ୍ୟ ରାସ୍ତା ହେଲା ଜଳ ସମ୍ପଦ ବିଭାଗର କେନାଲ ବନ୍ଧ। ପ୍ରତାପ ନଗରୀ ସ୍ଥିତ ପ୍ରାଚୀ ଡିଭିଜନ୍ ଅଧିନରେ ଥିବା ଏହି ରାସ୍ତା ଅନେକ ବର୍ଷ ତଳେ ପିଚୁ କରା ଯାଇଥିଲା। ହେଲେ ଦୀର୍ଘ ବର୍ଷ ଧରି ରକ୍ଷଣାବେକ୍ଷଣ ଅଭାବରୁ ରାସ୍ତାରେ ବିରାଟ ବିରାଟ ଗର୍ତ୍ତ ସୃଷ୍ଟି ହେବା ସହ ରାସ୍ତାରେ ଯାତାୟତ ଦୁର୍ବିସହ ହୋଇ ପଡିଛି। ଏହି ରାସ୍ତାଟି ଫୁଲନଖରା-ନିଆଳି ମୂଖ୍ୟ ରାସ୍ତାର ତ୍ରିନାଥ ବଜାର ଠାରୁ ଭୁବନେଶ୍ୱର ଯିବା ପାଇଁ କମ୍ ଦୂରତା ହେଉଥିବାରୁ ପ୍ରତ୍ୟେକ ଦିନ ହଜାର ହଜାର ସଂଖ୍ୟାରେ ଯାନବାହନ ଯାତାୟତ କରିଥାନ୍ତି। ଗ୍ରାମବାସୀଙ୍କ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ, ଗୃହ ନିର୍ମାଣର ନିମନ୍ତେ ଆବଶ୍ୟକ ଉପକରଣ ପରିବହନ ନିମନ୍ତେ ଏହି ରାସ୍ତା ଉପରେ ନିର୍ଭର କରିଥାନ୍ତି। ଖାଲଖମା ଭରା ଏହି ରାସ୍ତାରେ ଆମ୍ବୁ୍ୟଲାନ୍ସ ଟିଏ ହେଉ କିମ୍ବା ଭଡା କାର, ଅଟୋ ରିକ୍ସା ମଧ୍ୟ ଆସିବା ପାଇଁ ଅମଙ୍ଗ ହେଉଛନ୍ତି। ଏଭଳି ଏକ ବ୍ୟସ୍ତବହୁଳ ରାସ୍ତାକୁ ଜଳ ସମ୍ପଦ ବିଭାଗର ପ୍ରାଚୀ ଡିଭିଜନ୍ ଗୁରୁତ୍ୱର ସହ ନେଇ ଉକ୍ତ ରାସ୍ତାକୁ ଯଥାଶୀଘ୍ର କାର୍ଯ୍ୟକ୍ଷମ କରିବାକୁ ଗୁଆଳି ଗ୍ରାମବାସୀଙ୍କ ସମେତ ଆଖପାଖ ଅଞ୍ଚଳର ଜନସାଧାରଣ ଦାବି କରିଛନ୍ତି।

## ସ୍ୱାତୀର କର୍ମୀ ସମ୍ମୀଳନୀରେ ଘୁ.ଉଦୟଗିରି ବିଧାୟକଙ୍କ ମତ

# କ୍ଷୁଦ୍ଧାମୁକ୍ତ ବିକଶିତ ସମାଜ ଗଠନ ପାଇଁ ପ୍ରାଥମିକ ଶିକ୍ଷାକୁ ଅଧିକ ଗୁରୁତ୍ୱ ଦିଆଯାଉ




କନ୍ଧମାଳ:(ମହାଭାରତ): ଶିକ୍ଷା ହେଉଛି ଏକ ବିକଶିତ ସମାଜ ଗଠନର ମୂଳମନ୍ତ୍ର । ଶିକ୍ଷିତ ସମାଜ ଅଧିକ ସଚେତନ, କର୍ମକୁଶଳୀ ଓ ସୃଜନଶୀଳ ଅଟେ । ଏକ ପ୍ରଗତିଶୀଳ ଜିଲ୍ଲା ଓ ରାଜ୍ୟ ଗଠନ କରିବାକୁ ହେଲେ ଏହାର ଶିକ୍ଷା ବିଶେଷକରି ପ୍ରାଥମିକ ଶିକ୍ଷାକୁ ଅଧିକ ଗୁରୁତ୍ୱ ଦିଆଯିବା ସହ ସେଥିରେ ଥିବା ଅବ୍ୟବସ୍ଥା ଗୁଡିକୁ ଦୂର କରାଯିବା ଦିଗରେ ବିଶେଷ ଧ୍ୟାନ ଦିଆଯିବା ଆବଶ୍ୟକ ବୋଲି ଫିରିଙ୍ଗିଆ ବ୍ଲକ୍ ବନ୍ଧଗଡଠାରେ ଆୟୋଜିତ ସ୍ୱାତୀର କର୍ମୀ ସମ୍ମିଳନୀରେ ମୂଖ୍ୟ ଅତିଥିଭାବେ ଯୋଗଦେଇ ମାନ୍ୟବର ଘୁ.ଉଦୟଗିରି ବିଧାୟକ ଶ୍ରଯୁକ୍ତ ପ୍ରଫୁଲ୍ଲ ପ୍ରଧାନ ମତବ୍ୟକ୍ତ କରିଛନ୍ତି । ଦୁଇଦିନ ଧରି ଆୟୋଜିତ କର୍ମୀ ସମ୍ମିଳନୀ ଓ ଆଲୋଚନା ଶିବିରର ଉଦ୍ୟାପନୀ ସମାରୋହରେ ଯୋଗ ଦେଇ ବିଧାୟକ ଶ୍ରୀଯୁକ୍ତ ପ୍ରଧାନ ଏକ କ୍ଷୁଦ୍ଧାମୁକ୍ତ, ସୁସ୍ଥ ଓ ବିକଶିତ ସମାଜ ଗଠନ କରିବାକୁ ହେଲେ ପ୍ରାକ୍ ପ୍ରାଥମିକ ଓ ପ୍ରାଥମିକ ଶିକ୍ଷାକୁ ଅଧିକ ଗୁରୁତ୍ୱ ଦିଅଯିବା ଉପରେ ଗୁରୁତ୍ୱାରୋପ କରିଥିଲେ । ଗାମାମବାସୀ ମାନଙ୍କର ଶିକ୍ଷା ଓ ସଚେତନତା ଅଭାବରୁ ସରକାରୀ ଯୋଜନା ଗୁଡିକ ଠିକ୍ ଭାବେ ପରିଚାଳନା ହୋଇ ପାରୁନାହିଁ ଏବଂ ଲୋକମାନେ ଅଧିକାରଗତ ଲଢେଇ କରିପାରୁନାହାନ୍ତି । ପ୍ରାଥମିକ ଶିକ୍ଷା ଦିଗରେ ଅନେକ ଅବହେଳା ପ୍ରଦର୍ଶନ କରାଯାଉଛି ଏବଂ ପ୍ରାକ୍ ପ୍ରାଥମିକ ଶିକ୍ଷା ଯୋଗାଉଥିବା ଅଙ୍ଗନବାଡି କେନ୍ଦ୍ର ଗୁଡିକୁ ଉନ୍ନତ କରାଯାଉ ନାହିଁ । ଗ୍ରାମା□ଳରେ ଶିକ୍ଷାର ମୂଳଭିତି ଦୁର୍ବଳ ରହୁଥିବାରୁ ପିଲାମାନେ ଭବିଷ୍ୟତରେ ପ୍ରତିଯୋଗୀତା ମୂଳକ ବ୍ୟବସ୍ଥାରେ ସୁଯୋଗ ହାସଲ କରି ପାରୁନାହାନ୍ତି । ତେଣୁ ଅଙ୍ଗନବାଡି କେନ୍ଦ୍ର ଗୁଡିକୁ ଦୁଇ କୋଠରୀ ବିଶିଷ୍ଟ କରିବା ସହ ଦୁଇଜଣ ସହାୟିକା ନିଯୁକ୍ତି ଏବଂ ପ୍ରାଥମିକ ବିଦ୍ୟାଳୟ ଗୁଡିକରେ ଆବଶ୍ୟକ ପରିମାଣର ଶିକ୍ଷକ ନିଯୁକ୍ତି ଓ ଗୁଣାତ୍ମକ ଶିକ୍ଷା ପ୍ରଦାନ ଆବଶ୍ୟକ ବୋଲି ସେ କହିଥିଲେ । ସ୍ୱାତୀ ଗତବର୍ଷ ଗୁଡିକରେ ଗୁଣାତ୍ମକ ଶିକ୍ଷା ପ୍ରଦାନ ପାଇଁ କାର୍ଯ୍ୟକ୍ରମ ସହ ଅଧାରୁ ପାଠଛାଡୁଥିବା ପିଲାମାନଙ୍କ ପାଇଁ ସଂପୂର୍ଣ୍ଣ ଶିକ୍ଷା ସୁଯୋଗ ଦିଗରେ କାର୍ଯ୍ୟକ୍ରମ ଗ୍ରହଣ କରୁଥିବାରୁ ସେ ଆନନ୍ଦ ପ୍ରକାଶ କରିଥିଲେ । ସ୍ୱାତୀ ଦ୍ୱାରା ପରିଚାଳିତ ରେଡିଓ-ସ୍ୱାତୀ ମାଧ୍ୟମରେ ଶିକ୍ଷା ଓ ସଚେତନତା ବାର୍ତ୍ତା ପ୍ରସାର କରାଯାଉଥିବାରୁ ସେ ପ୍ରଶଂସା କରିବା ସହ ଶିକ୍ଷାର ପ୍ରସାର ନିମନ୍ତେ ଗୋଷ୍ଠୀ ସଚେତନତା ସୃଷ୍ଟି ପାଇଁ ଏକ ରେଡିଓ ବାର୍ତ୍ତା ଦେଇଥିଲେ। ସ୍ୱାତୀ ଅନୁଷ୍ଠାନର ଅଧ୍ୟକ୍ଷ ପ୍ରଶାନ୍ତ ଶତପଥି କ୍ଷୁଦ୍ଧାମୁକ୍ତ ସମାଜ ଗଠନ ଦିଗରେ କୃଷି ଓ ରୋଗଜାର ବୃଦ୍ଧି କାର୍ଯ୍ୟକ୍ରମ ଗୁଡିକ ସଂପର୍କରେ ଉଲ୍ଲେଖ କରିଥିଲେ । ସଂପାଦକ ଇଂ.ହରିଶଙ୍କର ରାଉତ ଗୋଷ୍ଠୀର ଖାଦ୍ୟ ସୁରକ୍ଷା ଏବଂ ସୁସ୍ଥତା ନିମନ୍ତେ ଅନୁଷ୍ଠାନ ଗ୍ରହଣ କରୁଥିବା କାର୍ଯ୍ୟକ୍ରମ ଗୁଡିକ ସଂପର୍କରେ ଉପସ୍ଥାପନ କରିବା ସହ ସରକାରୀ ଯୋଜନା ଗୁଡିକ ଗୋଷ୍ଠୀସ୍ତରରେ ପହଂଚଇବାରେ ଉଲ୍ଲେଖନୀୟ ଭୂମିକା ନିର୍ବାହ କରୁଥିବା ଜଣାଇଥିଲେ । ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ, ବନାଞ୍ଚଳ ଉନ୍ନୟନ କାର୍ଯ୍ୟକ୍ରମ, ଶ୍ରୀ-ଅନ୍ନ ଅଭିଯାନ ଏବଂ ସମନ୍ୱିତ କୃଷି କାର୍ଯ୍ୟକ୍ରମ ଆଦିଗୁଡିକ ଦ୍ୱାରା ଗୋଷ୍ଠୀରେ ଲୋକମାନଙ୍କ ଖାଦ୍ୟ ଓ ପୁଷ୍ଟି ସୁରକ୍ଷା ସହ ଦେଶାନ୍ତରୀ, ପୁଷ୍ଟିହୀନତା ଆଦି ସମସ୍ୟା କିଛି ମାତ୍ରାରେ ରୋକାଯାଇ ପାରିଛି ବୋଲି କହିଥିଲେ । ଏହି ସମ୍ମିଳନୀରେ ସ୍ୱାତୀର ସମସ୍ତ କର୍ମୀ ମାନଙ୍କ ସହ ଗୋଷ୍ଠୀ ସଦସ୍ୟ ମାନେ ଅଂଶଗ୍ରହଣ କରିଥିଲେ । ସଫଳ କୃଷକ, ମହିଳା ଦଳ ସଦସ୍ୟା, ସ୍ୱାସ୍ଥ୍ୟ କର୍ମୀ ଏବଂ ସ୍ୱାତୀ କର୍ମୀ ମାନଙ୍କୁ ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା ।

## ଠାକୁରମୁଣ୍ଡା ବନ୍ୟଜନ୍ତୁ ବନ୍ୟପ୍ରାଣୀ ବନାଞ୍ଚଳ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ



କରଞ୍ଜିଆ, (ମହାଭାରତ)ଠାକୁରମୁଣ୍ଡା ବନ୍ୟଜନ୍ତୁ ବନ୍ୟପ୍ରାଣୀ ବନା□ଳ ଶିମିଳିପାଳ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ଆଜି ମଣ୍ଡଳଝରୀ, ଖେଡିଆପୋଷି ଓ ଚିରୁପଦା ହାଟ , ଶିମିଳିପାଳ ଜଙ୍ଗଲ ସଂଲଗ୍ନ ଗ୍ରାମ ଗୁଡିକରେ ରବିବାର ଦିନ ବନବିଭାଗ ପକ୍ଷରୁ ଏକ ସଚେତନତା ସଭା ଓ ଭିଡ଼ିଓ ସିନେମା ମାଧ୍ୟମରେ ଅନୁଷ୍ଠିତ ହୋଇ ଯାଇଛି। ବନାଞ୍ଚଳ ଅଧିକାରୀ ଦୁର୍ଗା ଚରଣ ବାସ୍କେ ଙ୍କ ନେତୃତ୍ୱରେ ଶିମିଳିପାଳ ସଂଲଗ୍ନ ଗାଁ ଅଞ୍ଚଳ ଭିତରେ ଥିବା ଗ୍ରାମ ଗୁଡିକର ଗ୍ରାମବାସୀ ମାନଙ୍କୁ ଜଙ୍ଗଲ ନିଆଁ ନିରାକରଣ , ବନ୍ୟପ୍ରାଣୀ ସୁରକ୍ଷା ଉଦେଶ୍ୟ ସଚେତନତା ଭିଡିଓ ସିନେମା ଏବଂ ଟ୍ରେନର ସୁବ୍ରତ ବିଶ୍ୱାଳ , ବନପାଳ କିଶୋର କୁମାର ମହାନ୍ତ, ଦୟାନିଧି ମହାନ୍ତ , ସନ୍ତୋଷ କୁମାର ମହାନ୍ତ ଓ ବନ କର୍ମଚାରୀ ଉପସ୍ଥିତ ରହି ସଚେତନତା ସୃଷ୍ଟି ଉଦ୍ୟେଶ ରେ ଏହି କାର୍ଯ୍ୟକ୍ରମ ର ଆୟଜନ କରାଯାଇଥିଲା।

## ୨୧ତମ କେସିଏସଏ କ୍ରିକେଟ କପ ଉଦଯାପିତ

ଖଡ଼ିଆଳ:(ମହାଭାରତ) ନୂଆପଡା ଜିଲ୍ଲା ଖଡ଼ିଆଳ ସ୍ଥିତ ରାଜା ଆର୍ତ୍ତ ତ୍ରାଣ ଉଚ୍ଚବିଦ୍ୟାଳୟ ଖେଳ ପଡିଆରେ ଆଜି ୨୧ତମ କେସିଏସଏ କ୍ରିକେଟ କପ ଉଦଯାପିତ ହୋଇଯାଇଛି । ଏହି ମ୍ୟାଚ ଚଳିତ ମାସ ଡିସେମ୍ବର ୨୪ ରୁ ୨୮ ତାରିଖ ପର୍ଯ୍ୟନ୍ତ ଛଅ ଦିନ ଧରି ହୋଇଥିଲା ଯେଉଁଥିରେ ବରଗଡ଼, ବଲାଙ୍ଗୀର, ସମ୍ବଲପୁର, ସୋନପୁର, ଖରିଆର, ନୂଆପଡା, ନବରଙ୍ଗପୁର ଓ ଜୁନାଗଡ଼ ଦଳ ସହ ସମୁଦାୟ ଆଠ ଗୋଟି ଦଳ ଅଂଶଗ୍ରହଣ କରିଥିଲେ । ଆଜିର ଫାଇନାଲ ଖେଳ ଖରିଆର କେସିଏସଏ ବନାମ ରାଇଜିଙ୍ଗ ସ୍ଟୁଡେ□ସ ବଲାଙ୍ଗୀର ସହିତ ହୋଇଥିଲା ।ବଲାଙ୍ଗୀର ଟସ ଜିତି ପ୍ରଥମେ ବ୍ୟାଟିଙ୍ଗ କରି ୨୦ ଓଭର ରେ ୧୭୩ ରନ ସଂଗ୍ରହ କରିଥିଲା ଦ୍ୱିତୀୟ ପର୍ଯ୍ୟୟରେ ଖଡ଼ିଆଳ ୧୮ ଓଭରରେ ସମସ୍ତ ବିକେଟ ହରାଇ ୧୩୯ ରନ ସଂଗ୍ରହ କରି ୩୪ରନରେ ବଲାଙ୍ଗୀର ଠାରୁ ପରାଜୟ ହୋଇଥିଲେ । ମ୍ୟାଚରେ ମୁଖ୍ୟ ଅତିଥି ଭାବରେ ଖଡ଼ିଆଳ ବିଧାୟକ ଅଧୀରାଜ ପାଣିଗ୍ରାହୀ ସମ୍ମାନିତ ଅତିଥି ଭାବରେ ଖଡ଼ିଆଳ ଏନଏସି ଅଧ୍ୟକ୍ଷ ଉଜ୍ଜ୍ୱଳ ଗୁପ୍ତା, ଖଡ଼ିଆଳ ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ନନ୍ଦ, କଂଗ୍ରେସ ବିଧାୟକ ପାର୍ଥ କମଳ ଚରଣ ତାଣ୍ଡି ଯୋଗ ଦେଇଥିଲେ । ବିଜେତା ଦଳକୁ ଟ୍ରଫି ସହ ଟ ୫୧୦୦୦ ଓ ରନରଅଫ ଦଳକୁ ଟ୍ରଫି ସହ ୩୧୦୦୦ ଟଙ୍କା ଅଥିତି ମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ କେସିଏସଏ ଉପସଭାପତି ବିଶ୍ୱଜିତ ପାଢୀ ମଞ୍□ ପରିଚାଳନା କରିଥିବାବେଳେ କେସିଏସଏ ସମ୍ପାଦକ ସନ୍ତୋଷ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଖେଳକୁ ଓସିଏ ପେନାଲ ଅମ୍ପାୟାର ସାସ୍ୱତୀ ଶତପଥୀ ଓ ବିଶେଶ୍ୱର ମହାକୁଡ଼ ପରିଚାଳନା କରିଥିଲେ । ସ୍କୋରବୋର୍ଡ଼ ଦାୟିତ୍ୱରେ ଦେବ ପ୍ରଧାନ, ତାପସ ପତି ଓ ମହମ୍ମଦ ଫେଜ ଥିବାବେଳେ ଆଶିଷ ତ୍ରିବେଦୀ, ଭୀମରାଜ ତାଣ୍ଡି, ପ୍ରକାଶ ପାତ୍ର, ଧନଞ୍ଜୟ ମଳିକ ଓ ଟୁନା ନାଏକ ଧାରାବିବରଣୀ ପ୍ରଦାନ କରିଥିଲେ।

## ବୁଦ୍ଧ ସାମାଜିକ ପରିବ□ନ ଆନ୍ଦୋଳନ ସମିତିର ଆଲୋଚନା ସଭା

ରେଙ୍ଗାଲି / ଲଇଡା:(ମହାଭାରତ) : ବୁଦ୍ଧ ସାମାଜିକ ଆନ୍ଦୋଳନ ସମିତି ପକ୍ଷରୁ ଲଇଡା ଗ୍ରାମ ପଞ୍ଚାୟତ ର ଦଳପତ ପାଲି ଗ୍ରାମରେ ଲକ୍ଷ୍ମୀକାନ୍ତ କୁସୁମ ଙ୍କ ଯୁବ ନେତା ଧରଣୀ ଧର ବାଗ, ନାରୀନେତ୍ରୀ ସଭାପତିତ୍ୱରେ ମାସିକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ଅବସର ପ୍ରାପ୍ତ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଓ ସାମାଜିକ କର୍ମୀ ସୌମ୍ୟ ରଞ୍ଜନ ରୋହିଦାସ ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇ ଭାରତୀୟ ସଂବିଧାନ ର ବିଭିନ୍ନ ଦିଗ ଉପରେ ଆଲୋଚନା କରି ସାମାଜିକ ସମାନତା ପ୍ରତିଷ୍ଠା ପାଇଁ ସମ୍ବିଧାନ କୁ କଡା କଡ଼ି ଲାଗୁ କରାଯିବାକୁ ଆହ୍ୱାନ କରିଥିଲେ ।ପ୍ରାରମ୍ଭ ରେ ସମିତି ର ଆବାହକ ସୁରୁ ମଣି ସୁ ନା ନୀ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିବା ପରେ ସ୍ୱର୍ଗତ ପ୍ରଧାନମନ୍ତ୍ରୀ ତଥା ବିଶିଷ୍ଟ ଅର୍ଥନୀତିଜ୍ଞ ଡ଼. ମନ ମୋହନ ସିଂ ଙ୍କ ପାଇଁ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇ ଥିଲା। ସଭାରେ ଯୁବ ନେତା ଧରଣୀ ଧର ବାଗ, ନାରୀନେତ୍ରୀ ବାବୁଣି ରାଣୀ ସହଁଶିଆ, ସାମାଜିକ କର୍ମୀ ଭୀଷ୍ମ ଦେବ ସହଁସିଆ ପ୍ରମୁଖ ଆଲୋଚନାରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ ।ସଭାରେ ଗୃହୀତ ପ୍ରସ୍ତାବ ରେ ଡ଼ ଭୀମ ରାଓ ଆମ୍ବେଦ୍କର ଙ୍କ ପ୍ରତି ଘରୋଇ ମନ୍ତ୍ରୀ ଙ୍କ ଅସମ୍ମାନକୁ ତୀବ୍ର ସମାଲୋଚନା କରାଯାଇଥିଲା ।ଶେଷରେ ଆୟୋଜକ ଧରଣୀ ଧର ବାଗ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ଆଇନଜୀବୀ ସଂଘର ରାଜ୍ୟ ସ୍ତରୀୟ ୫୩ତମ ବାର୍ଷିକ ସମ୍ମିଳନୀ



ଭଞ୍ଜନଗର(ମହାଭାରତ): ଭଞ୍ଜନଗର ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ନିଖିଳ ଓଡ଼ିଶା ଆଇନଜୀବୀ ସଂଘର ରାଜ୍ୟ ସ୍ତରୀୟ ୫୩ତମ ବାର୍ଷିକ ସମ୍ମିଳନୀ ରବିବାର ଉଦ୍ଘାଟିତ ହୋଇଯାଇଛି। ଭଞ୍ଜନଗର ଆଇନଜୀବୀ ସଂଘ ପକ୍ଷରୁ ଆୟୋଜିତ ଉକ୍ତ ସମ୍ମିଳନୀରେ ରାଜ୍ୟର ବିଭିନ୍ନ ଜିଲ୍ଲାର ଆଇନଜୀବୀ ମାନେ ଯୋଗ ଦେଇଛନ୍ତି। ଓଡ଼ିଶା ହାଇକୋର୍ଟର ବିଚାରପତି ଭି.ନରସିଂହ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିଥିଲେ। ମଧୁ ବାବୁଙ୍କ ଆଦର୍ଶରେ କାମ କରିବାକୁ ହେଲେ ଆଇନଜୀବୀ ମାନେ ନିଜକୁ ସେଭଳି ଭାବେ ପ୍ରସ୍ତୁତି କରିବାର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ।ଯ ଲୋକଙ୍କୁ ନ୍ୟାୟ ପ୍ରଦାନ କରିବାରେ ବେଞ୍ଚ୍ ଓ ବାର୍ ଉଭୟଙ୍କ ଦାୟିତ୍ୱ ରହିଛି। ଅଭ୍ୟର୍ଥନା କମିଟି ସଦସ୍ୟ ତଥା ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ରାଜ୍ୟ ସରକାର ଆଇନଜୀବୀଙ୍କ କଲ୍ୟାଣ ପାଣ୍ଠିକୁ ୧୦ କୋଟି ଟଙ୍କା ଘୋଷଣା କରିଥିବାରୁ ମୁଖ୍ୟମନ୍ତ୍ରୀ ଓ ଆଇନମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଥିଲେ। ଆଇନଜୀବୀ ନିରଞ୍ଜନ ପ୍ରସାଦ ନାୟକ ପ୍ରାରମ୍ଭିକ ସୂଚନା ଦେବା ସହ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ, ଭଞ୍ଜନଗର ଓ ରାଜ୍ୟ ସଂଘର ଦେହାନ୍ତ ହୋଇଥିବା ସଦସ୍ୟଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା। ଭଞ୍ଜନଗର ଓକିଲ ସଂଘ ସଭାପତି ଶୈଳେନ୍ଦ୍ର ନାରାୟଣ ସାହୁ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଏହାକୁ ରାଜ୍ୟ ସଂଘ ସଭାପତି ମାନସ ରଞ୍ଜନ ମହାପାତ୍ର ସଭାପତିତ୍ୱ କରିଥିଲେ। ରାଜ୍ୟ ସମ୍ପାଦକ ଅନୀଲ କୁମାର ପରିଡା ସମ୍ପାଦକୀୟ ପାଠ କରିଥିବା ବେଳେ ରାଜ୍ୟ ବାର୍ କାଉନସିଲ ସଦସ୍ୟ ପିତବାସ ପଣ୍ଡା ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକାରୀ ସଭାପତି ଜ୍ୟୋତିପ୍ରକାଶ ରଥଙ୍କ ପୌରହିତ୍ୟରେ ଅତିଥିଙ୍କ ଦ୍ୱାରା 'ଦି ଲୟର' ଉନ୍ମୋଚିତ ହୋଇଥିଲା ।ସମ୍ପାଦକ ରାଜେନ୍ଦ୍ର କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଏହାକୁ ଆଇନଜୀବୀ ରବୀନ୍ଦ୍ର ନାଥ ଦାସ ଏବଂ ସନ୍ତୋଷ କୁମାର ନାୟକ ସଂଯୋଜନା କରିଥିଲେ। ଏହି ଅବସରରେ ଅତିଥି ମାନଙ୍କୁ ଉତ୍ତରୀୟ ଓ ସ୍ମୃତି ଫଳକ ଦିଆଯିବା ସହ ଭଞ୍ଜନଗର ବାର୍‌ର ବରିଷ୍ଠ ଆଇନଜୀବୀ ବିଜୟ କୁମାର ପାତ୍ର,ସୋମନାଥ ନାୟକ ଏବଂ ଗୋପାଳକୃଷ୍ଣ ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଦ୍ୱିତୀୟ ଅଧିବେଶନରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ହାଇକୋର୍ଟର ପୂର୍ବତନ ବିଚାରପତି ବିଶ୍ୱନାଥ ରଥ ଯୋଗ ଦେଇଥିଲେ। ଏହାକୁ ରାଜ୍ୟ ଉପସଭାପତି ସୁଶାନ୍ତ କୁମାର ବରାଳ ସ୍ୱାଗତ ଭାଷଣ ଦେଇଥିବା ବେଳେ ପ୍ରସନ୍ନ କୁମାର ନନ୍ଦ ସଂଯୋଜନା କରିଥିଲେ।

## ବରିଷ୍ଠ ନାଗରିକ ଚିତବିନୋଦନ କେନ୍ଦ୍ର ର ଦ୍ୱିତୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ



ଆସିକା (ମହାଭାରତ): ଆସିକା ବାଣୀବିହାର ସ୍ଥିତ ବରିଷ୍ଠ ନାଗରିକ ଚିତବିନୋଦନ କେନ୍ଦ୍ର ର ଦ୍ୱିତୀୟ ବାର୍ଷିକ ଉତ୍ସବଆସିକା କେନ୍ଦ୍ରର ସଭାପତି ଗଣେଶ ଚନ୍ଦ୍ର ରଥ ଙ୍କ ସଭାପତିତ୍ୱ ରେ ନିଜସ୍ୱ କୋଠାରେ ଅନୁଷ୍ଠିତ ହୋଇଯାଇଛି। ଅଜିତ କୁମାର ପଟ୍ଟନାୟକ ଙ୍କ ସଂଯୋଜନା ରେ ଆୟୋଜିତ ଏହି ସଭାରେ ମୁଖ୍ୟ ଅତିଥିଭାବେ ଗଞ୍ଜାମ ଜିଲ୍ଲା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଙ୍ଘ ସଭାପତି ଡ଼ ଇନ୍ଦୁ ଭୂଷଣ ପଟ୍ଟନାୟକ ପ୍ରଦୀପ ପ୍ରଜ୍ୱଳନ କରି ସଭା କାର୍ଯ୍ୟ ଆରମ୍ଭ କରିଥିଲା ବେଳେ ଏଥିରେ ସମ୍ମାନିତ ଅତିଥିଭାବେ ବିରୁପାକ୍ଷ ଦାସ ଜିଲ୍ଲା କାର୍ଯ୍ୟକାରି ସଭାପତି, ନୀନ କୁମାର ପଟ୍ଟନାୟକ ଜିଲ୍ଲା ଉପସଭାପତି, ବାସୁଦେବ ନାୟକ ସଂମ୍ପାଦକ ଧରାକୋଟ ବରିଷ୍ଠ ନାଗରିକ ମଞ୍ଚ ନିବାସ ରାଉଳ, ନିତ୍ୟାନନ୍ଦ ଦଳେଇ କୁକୁଡାଖଣ୍ଡି ବରିଷ୍ଠ ନାଗରିକ ମ□ଞ୍ଚ,ଅଭିମନ୍ୟୁ ପଟ୍ଟନାୟକ ସଭାପତି ବେଲଗୁଣ୍ଠା ଶାଖା ପ୍ରିକାଶ ଚନ୍ଦ୍ର ପାତ୍ର ସଂମ୍ପାଦକ କୋଦଳା ଶାଖା, ପ୍ରକାଶ ଚନ୍ଦ୍ର ରଥ, ବାଲିପଦର ବୁଗୁଡା ସଂଘ, ଏ. ସନ୍ୟାସୀ- କୁକୁଡାଖଣ୍ଡି, ଏ. ଚିନ୍ତାମଣି-କୁକୁଡିଖଣ୍ଡି,ବନମାଳି ସ୍ୱାଇଁ - କବିସୂର୍ଯ୍ୟନଗର ଶାଖାର କର୍ମକର୍ତା ଉପସ୍ଥିତ ରହି ନିଜ ବହୁମୂଲ୍ୟ ସମୟ ଓ ବକ୍ତବ୍ୟ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବେ ସିମାଞ୍ଚଳ ପ୍ରସାଦ ବିଷୋୟୀ ସାଧାରଣ ସଂମ୍ପାଦକ ଗଞ୍ଜାମ ଜିଲ୍ଲା ଅବସର ପ୍ରାପ୍ତ ସରକାରୀ କର୍ମଚାରି ସଂଘ, ବିଜୁ ପଟ୍ଟନାୟକ ସିନିଅର ସିଟିଜେନ ଫୋରମ ନିଜ ବକ୍ତବ୍ୟରେ ଅବସର ପରେ ସମାଜ ପ୍ରତି ନିଜ କର୍ତ୍ତବ୍ୟ କଣ ରହିବା କଥା ଓ ନିଜ ପରିବାର ପ୍ରତି କଣ କର୍ତ୍ତବ୍ୟ କରିବା କଥା ସେ ଉପରେ ଆଲୋକପାତ କରିଥିଲେ।ଯ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ସରକାର ଙ୍କ ନିକଟରେ ୮ଦଫା ଦାବୀ ଯଥା ବରିଷ୍ଠ ନାଗରିକ ମାନଙ୍କୁ ମାସିକ ୧୦୦୦ ଲେଖାଏଁ ଚିକିତ୍ସା ଭତ୍ତା ପ୍ରଦାନ, ଟ୍ରେନ ଓ ବସ ଯାତ୍ରାରେ ରିହାତି ପ୍ରଦାନ, ମାସିକ ୩୦୦୦ ଟଙ୍କା ଲେଖାଏଁ ଭତ୍ତା ପ୍ରଦାନ, ୬୫ବର୍ଷ ପରେ ଅତିରିକ୍ତ ପେନସନ ପ୍ରଦାନ,ଜିଲ୍ଲାର ସମସ୍ତ ବ୍ଲକ ରେ ବରିଷ୍ଠ ନାଗରିକ ଭବନ ନିର୍ମାଣ, ବ୍ରହ୍ମପୁର ଠାରେ ଅବସର ପ୍ରାପ୍ତ ସରକାରୀ କର୍ମଚାରୀ ମାନଙ୍କ ସକାଶେ ସଙ୍ଘ କାର୍ଯ୍ୟାଳୟ ଓ ବରିଷ୍ଠ ନାଗରିକ ଭବନ ନିର୍ମାଣ, ପୁରୀ ଜଗନ୍ନାଥ ମନ୍ଦିରରେ ବରିଷ୍ଠ ନାଗରିକ ମାନଙ୍କୁ ଦର୍ଶନ ସକାଶେ ସ୍ୱତନ୍ତ୍ର ବ୍ୟବସ୍ଥା ଆଦି ଦାବୀ ଉପସ୍ଥାପନ ସକାଶେ ଏକ ଖସଡ଼ା ପ୍ରସ୍ତୁତ କରାଯାଇଥିଲା ପରିଶେଷରେ ପ୍ରସାଦ ସେବନ ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଏବେ ପ୍ରିପେଡ୍ ଥାର୍ଡ ପାର୍ଟି ଆପରେ ହେବ ୟୁପିଆଇ ନେଣଦେଣ

**ନୂଆଦିଲ୍ଲୀ,୨୯।୧୨(ଏଜେନ୍ସି):** ଆପଣ ଗୁଗୁଲ୍ ପେ, ଫୋନ୍ ପେ କିମ୍ବା ଆମାଜନ ପେ ମାଧ୍ୟମରେ ଟଙ୍କା ନେଣଦେଣ ନିଶ୍ଚିତ ଭାବେ କରୁଥିବେ । କିନ୍ତୁ ଏହି ଡିଜିଟାଲ ପେମେଣ୍ଟ ୱାଲେଟଗୁଡିକ ଏକ ବ୍ୟାଙ୍କ ଆକାଉଣ୍ଟ ସହିତ ଲିଙ୍କ୍ ଥିବା ଯୋଗୁଁ ସମ୍ଭବ ହୋଇପାରୁଛି । କିନ୍ତୁ ବର୍ତ୍ତମାନ ପରିସ୍ଥିତି ବଦଳିବାକୁ ଯାଉଛି । ବର୍ତ୍ତମାନ ଆପଣ ଏପରି ଡିଜିଟାଲ୍ ପେମେଣ୍ଟ ୱାଲେଟ୍ ମାଧ୍ୟମରେ ମଧ୍ୟ କାରବାର କିମ୍ବା ଟଙ୍କା ଦେବାକୁ ସକ୍ଷମ ହେବେ, ଯାହା କୌଣସି ବ୍ୟାଙ୍କ ଆକାଉଣ୍ଟ ସହିତ ଲିଙ୍କ୍ ନଥିବ । ରିଜର୍ଭ ବ୍ୟାଙ୍କ ବର୍ତ୍ତମାନ ଏହିପରି ତୃତୀୟ ପକ୍ଷ ଆପ୍ଲିକେଶନ ଅର୍ଥାତ୍ ଥାର୍ଡପାର୍ଟି ମାଧ୍ୟମରେ ପେମେଣ୍ଟ କିମ୍ବା ଟ୍ରାନ୍ସଫର କରିବାକୁ ଅନୁମୋଦନ କରିଛି । ଏଗୁଡ଼ିକୁ ଥାର୍ଡ ପାର୍ଟି ଆପ୍ ପ୍ରିପେଡ୍ ଇନଷ୍ଟ୍ରୁମେଣ୍ଟ ବୋଲି କୁହାଯାଏ । ତାହା ହେଉଛି, ଏକ ଡିଜିଟାଲ୍ ୱାଲେଟ୍ ଯେଉଁଥିରେ ପ୍ରଥମେ ବ୍ୟାଙ୍କ ଆକାଉଣ୍ଟ, ୟୁପିଇ କିମ୍ବା ନଗଦ ଜରିଆରେ ଟଙ୍କା ଜମା କରିବାକୁ ପଡ଼ିବ । ତା'ପରେ ଆପଣ ସମାନ ପରିମାଣର ଅର୍ଥ ନେଣଦେଣ କରିବାରେ ସକ୍ଷମ ହେବେ । ରିଜର୍ଭ ବ୍ୟାଙ୍କ ପିପିଆଇ ମାଧ୍ୟମରେ ୟୁପିଆଇ କାରବାରକୁ ସବୁଜ ସଙ୍କେତ ଦେଇଛି । ଏଥିପାଇଁ, ଯେଉଁମାନଙ୍କର ପିପିଆଇ ଅଛି ସେମାନଙ୍କୁ ବାଧ୍ୟତାମୂଳକ ଭାବେ କେୱାଇସି କରିବାକୁ ପଡ଼ିବ । ରିଜର୍ଭ ବ୍ୟାଙ୍କରୁ ଏହି ସବୁଜ ସଙ୍କେତ ପରେ ବ୍ୟାଙ୍କ କିମ୍ବା ଥାର୍ଡ ପାର୍ଟି ବ୍ୟାଙ୍କ ସେବା ଗୁଡ଼ିକ ସେମାନଙ୍କ ପିପିଆଇ ୱାଲେଟ୍ ଜାରି କରିବାରେ ସକ୍ଷମ ହେବେ ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ

**ଓଡଗାଁ,(ନି.ପ୍ର) :** ସରଣକୁଳ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୩୧ ତମ ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ମହାସମାରୋହରେ ପାଳିତ ହୋଇଯାଇଛି । ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ସୁରେନ୍ଦ୍ର ନାଥ ପ୍ରଧାନଙ୍କ ପୌରାହିତ୍ୟରେ ଅନୁଷ୍ଠିତ ଉତ୍ସବରେ ଓଡିଶା ବାଚସ୍ପତି ସୁରମା ପାଢ଼ୀ ମୁଖ୍ୟ ଅତିଥି ରୁପେ ଯୋଗଦେଇ ପ୍ରଦୀପ ପ୍ରଜ୍ଜଳନ ପୂର୍ବକ ଉଦଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୁରୀ ସାଂସଦ ଡ଼. ସମ୍ବିତ ପାତ୍ର ମୁଖ୍ୟବକ୍ତା ଏବଂ ସମାଜସେବୀନୀ ଲିଙ୍କନ ସୁବୁଦ୍ଧି, ଶରଣକୁଳ ଜିଲ୍ଲା ପରିଷଦ ସଭ୍ୟା ଚିନ୍ମୟୀ ଦାଶ, ସରପଞ୍ଚ ମିନାକ୍ଷୀ ପ୍ରସାଦ ସାହୁ ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ । ପ୍ରାରମ୍ଭରେ ବିଦ୍ୟାଳୟ ଛାତ୍ରଛାତ୍ରୀ ମାନଙ୍କଦ୍ୱାରା ସ୍ୱାଗତ ସଂଗୀତ ଗାନ କରିବା ପରେ ଅନୁଷ୍ଠାନ ପକ୍ଷରୁ ଅତିଥି ମାନଙ୍କୁ ଉତ୍ତରୀୟ ସହିତ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ସମ୍ପାଦକ ପ୍ରଫୁଲ୍ଲ କୁମାର ପ୍ରଧାନ ମଞ୍ଚାସୀନ ଅତିଥି ମାନଙ୍କ ପରିଚୟ ପ୍ରଦାନ ସହିତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଭଗବାନ ମହାପାତ୍ର ବିବରଣୀ ପଠନ କରିଥିଲେ । ଅତିଥି ମାନଙ୍କ ଦ୍ୱାରା ବିଦ୍ୟାଳୟ ର ବାର୍ଷିକ ମୁଖପତ୍ର 'ଗିର୍ବାଣୀ' ଉନ୍ମୋଚନ କରାଯାଇଥିଲା । ଏ ବିଦ୍ୟାଳୟର ଉନ୍ନତ ମକ୍ଷନର ବିଦ୍ୟା ଅଧ୍ୟୟନ ସହିତ ଶିଶୁର ଉନ୍ନତି ପାଇଁ ଅଭିଭାବକ ମାନେ ଗୁରୁତ୍ୱ ଦେବାକୁ ଅନୁରୋଧ କରିଥିଲେ । ପରେ ପରେ ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ଉତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀ ମାନଙ୍କ ସହିତ ପ୍ରତ୍ୟେକ ଶ୍ରେଣୀରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀ ଏବଂ ବିଭିନ୍ନ କାର୍ଯ୍ୟକ୍ରମ କୃତିତ୍ୱ ହାସଲ କରିଥିବା କୃତି ଛାତ୍ରଛାତ୍ରୀଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ବିକ୍ରମ କେଶରୀ ସତଗଜସିଂ ଧନ୍ୟବାଦ ଅର୍ପଣ ଦେଇଥିଲେ । ସୁଶାନ୍ତ ଗୁରୁଜୀଙ୍କ ନିର୍ଦ୍ଦେଶନା ରେ ବିଦ୍ୟାଳୟ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଆଜିର ସମାଜରେ ନାରୀର ସୁରକ୍ଷା ଉପରେ ଆଧାରିତ ସଚେତନତା ମୂଳକ ନାଟକ ଏବଂ ପିତାମାତାଙ୍କ ବାର୍ଦ୍ଧକ୍ୟ ସମୟରେ ଜନ୍ମିତ ପୁଅ ମାନଙ୍କ କର୍ତ୍ତବ୍ୟ ଉପରେ ଆଧାରିତ ନାଟକ ମଞ୍ଚସ୍ଥ କରାଯାଇଥିବା ବେଳେ ମନମୁଗ୍ଧ କର ସାଂସ୍କୃତିକ ନୃତ୍ୟ କାର୍ଯ୍ୟକ୍ରମ କାର୍ଯକ୍ରମ ପରିବେଷଣ କରାଯାଇଥିଲା ।



# କ୍ୟାପଟେନ ଷ୍ଟିଲ ଇଣ୍ଡିଆ ଲିମିଟେଡ ପକ୍ଷରୁ କ୍ୟାପଟେନ ରଷ୍ଟଗାର୍ଡର ଶୁଭାରମ୍ଭ

**ନୂଆଦିଲ୍ଲୀ,୨୯।୧୨(ଏଜେନ୍ସି):** ଭାରତର ଅଗ୍ରଣୀ ଇସ୍ପାତ ଉତ୍ପାଦନକାରୀଙ୍କ ମଧ୍ୟରୁ କ୍ୟାପଟେନ ଷ୍ଟିଲ ଇଣ୍ଡିଆ ଲିମିଟେଡ ଗର୍ବର ସହିତ ଏହାର ନୂତନତମ ଅଭିନବ କ୍ୟାପଟେନ ରଷ୍ଟଗାର୍ଡ ଓଡିଶା ବଜାରରେ ଘୋଷଣା କରିଛି । ଭୁବନେଶ୍ୱରର ହୋଟେଲ ଭିଭନ୍ତରେ ଆୟୋଜିତ ଏହି ଉନ୍ମୋଚନ କାର୍ଯ୍ୟକ୍ରମରେ ପ୍ରାୟ ୪୦୦ ଚ୍ୟାନେଲ ଭାଗୀଦାରୀ, ବୃହତ ବିତରକ, ଇଞ୍ଜିନିୟର ଏବଂ ସମଗ୍ର ବିକ୍ରୟ ଏବଂ ମାର୍କେଟିଂ ଦଳର ଏକ ଆକର୍ଷଣୀୟ ସମାବେଶରେ ଯୋଗ ଦିଆଯାଇଥିଲା, ଯାହା ଶକ୍ତିଶାଳୀ ଇକୋସିଷ୍ଟମ କ୍ୟାପଟେନ ଷ୍ଟିଲ ଓଡିଶାରେ ଚାଷ କରିଥିବାର ପ୍ରତିଫଳିତ କରିଥିଲା । ଏହି ଅବସରରେ କ୍ୟାପଟେନ ଷ୍ଟିଲ ଇଣ୍ଡିଆ ଲିମିଟେଡର ବ୍ରାଣ୍ଡ ଆମ୍ବାସାଡର ସୌରଭ ଗାଙ୍ଗୁଲୀ ଉପସ୍ଥିତ ଥିଲେ । କ୍ୟାପଟେନ ଷ୍ଟିଲ ଓଡିଶାର ଅଭିବୃଦ୍ଧି କାହାଣୀରେ ଗଭୀର ଭାବରେ ବିନିଯୋଗ ହୋଇଛି । ବର୍ତ୍ତମାନ ରାଜ୍ୟରେ ୩୬ ପ୍ରତିଭାଙ୍କୁ ନିୟୋଜିତ କରାଯାଇଛି । ବଜାରର ବଢୁଥିବା ଚାହିଦାକୁ ଦୃଷ୍ଟିରେ ରଖି କଂପାନୀ ଶୀଘ୍ର ୧୦୦ରୁ ଅଧିକ ବୃତିଗତଙ୍କ ନିକଟରେ ଏହି କର୍ମଶାଳାକୁ ବିସ୍ତାର କରିବାକୁ ଯୋଜନା କରିଛି । ଏହି ପଦକ୍ଷେପ ଓଡିଶାର ପ୍ରଗତିରେ ଅଂଶୀଦାର ଭାବରେ କ୍ୟାପଟେନ ଷ୍ଟିଲର ଭୂମିକାକୁ ସୂଚିତ କରି ଏହାର ସେବା କ୍ଷମତାକୁ ସୁଦୃଢ଼ କରିବା ସହିତ ସ୍ଥାନୀୟ ନିଯୁକ୍ତିକୁ ବୃଦ୍ଧି କରିବାର ଲକ୍ଷ୍ୟ ରଖିଛି । କୋଣାର୍କ ସୂର୍ଯ୍ୟ ମନ୍ଦିର ଏବଂ ଲିଙ୍ଗରାଜ ମନ୍ଦିର ପରି ଓଡିଶାର କାଳଜୟୀ ସଂରଚନାରୁ ପ୍ରେରଣା ଆଧାରରେ କ୍ୟାପଟେନ ରଷ୍ଟଗାର୍ଡ ଶକ୍ତି, ଏବଂ ସ୍ଥିରତାକୁ ଦର୍ଶାଉଛି । ଏହି ଉତ୍ପାଦ ନିର୍ମାଣ ସାମଗ୍ରୀର ଏକ ମାନଦଣ୍ଡ ଅଟେ, ସଂରଚନାକୁ ସୁନିଶ୍ଚିତ କରେ ଯାହା ଗତ ପିଢ଼ି ଏବଂ ସମୟର ପରୀକ୍ଷଣକୁ ସହ୍ୟ କରିବାକୁ ସକ୍ଷମ । ଆଇଆଇଟି ଖଡ଼ଗପୁର ପରି ପ୍ରସିଦ୍ଧ ଅନୁଷ୍ଠାନ ଦ୍ୱାରା ସାର୍ଟିଫିକେଟ୍ ପାଇଥିବା ରଷ୍ଟଗାର୍ଡ ନିର୍ମାଣ ଶିଳ୍ପରେ ନୂତନ ମାନକ ସ୍ଥିର କରି ଏକ ନିର୍ଭରଯୋଗ୍ୟ, ଉଚ୍ଚ କ୍ଷମତା ସଂପନ୍ନ ସଶକ୍ତିକରଣ ସମାଧାନ ଭାବରେ ଛିଡା ହୋଇଛି । କ୍ୟାପଟେନ ରଷ୍ଟଗାର୍ଡ, ଇଷ୍ଟର୍ନ ଇଣ୍ଡିଆର ପ୍ରଥମ ଫ୍ୟୁଜନ୍ ବ୍ୟାଣ୍ଡେଡ୍ ଏପୋକ୍ସି କୋଟେଡ୍ ଟିଏମଟି ବାର୍, ଏକ ନୂତନତ୍ୱ ଏବଂ ଉତ୍କର୍ଷରୁ ସୃଷ୍ଟି ଏକ ଉତ୍ପାଦ । ଯାହାକି କ୍ଷୟକ୍ଷତିର ବିଶ୍ୱସ୍ତରୀୟ ଆହ୍ୱାନର ସମାଧାନ କରିଥାଏ । ରଷ୍ଟଗାର୍ଡ ଭୂକଂପ ଜନିତ କ୍ଷୟ ପ୍ରତିରୋଧ କରିଥାଏ । ଏହା ପ୍ରତିରୋଧକ ୬୦୦ ଇକ୍ୟୁଆର ଗ୍ରେଡ୍ ପ୍ରାପ୍ତ । ଏହା ଉପକୂଳ ଏବଂ ଉଚ୍ଚ ଆର୍ଦ୍ରତା ଜୋନ୍ ପାଇଁ ଏକ ଆଦର୍ଶ ସମାଧାନ । ଓଡିଶାରେ ଏହା ଉଭୟ ଶକ୍ତି ଏବଂ ଦୀର୍ଘସ୍ଥାୟୀ ସୁନିଶ୍ଚିତ କରିବାକୁ ସକ୍ଷମ । ଏହି ଅବସରରେ କ୍ୟାପଟେନ ଷ୍ଟିଲର ନିର୍ଦ୍ଦେଶକ ଅବିନାଶ ଅଗ୍ର?ାଲା କହିଲେ, କଂପାନୀର ବିଜୟ ଯାତ୍ରା ଜାରି ରହିଛି । ୨୦୦୭ରେ ଆମର ଆରମ୍ଭରୁ କ୍ୟାପଟେନ ଷ୍ଟିଲ ଗୁଣବତା ଏବଂ ନବସୃଜନ ସହିତ ସମକକ୍ଷ ହୋଇଆସୁଛି । ଅତ୍ୟାଧୁନିକ ଉତ୍ପାଦନ ସୁବିଧା ଏବଂ ଦଶନ୍ଧିର ଅଭିଜ୍ଞତା ସହିତ, ଆମର ଉତ୍କର୍ଷର ଉତରାଧିକାରୀ ଭାବେ ଓଡିଶାର ଗ୍ରାହକଙ୍କ ନିକଟକୁ ଆଣିଥିବାରୁ ଆମେ ଗର୍ବିତ । କ୍ୟାପଟେନ୍ ଷ୍ଟିଲ୍ ଅନ-ସାଇଟ୍ ବେ?କ୍ଷୟିକ ମାଗର୍ଦଶନ, ଦ୍ରୁତ ବିତରଣ ଏବଂ ର୍ନିଦ୍ଦିଷ୍ଟ ଆବଶ୍ୟକତାକୁ ସମାଧାନ କରିବା ପାଇଁ କଷ୍ଟୋମାଇଜ୍ ସମାଧାନ ମାଧ୍ୟମରେ ଗ୍ରାହକଙ୍କ ସନ୍ତୁଷ୍ଟି ସୁନିଶ୍ଚିତ କରେ ।




# ଯୁଗ୍ମ ଅଭିଯୋଗ ଶୁଣାଣି

**ବୀରମହାରାଜପୁର,(ନି.ପ୍ର):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ସଭାଗୃହ ଠାରେ ସୋମବାର ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକ ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ୫୧ ଗୋଟି ଅଭିଯୋଗ ପୁଞ୍ଜିକରଣ ହୋଇଥିଲା । ସେଥିମଧ୍ୟରୁ ୩୯ ଗୋଟି ଅଭିଯୋଗ ବ୍ୟକ୍ତିଗତ ରହିଥିବା ବେଳେ ୧୨ ଗୋଟି ସାମୁହିକ ଅଭିଯୋଗ ଗ୍ରହଣ ହୋଇଥିଲା । ସମସ୍ତ ଅଭିଯୋଗ ଗୁଡିକ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ଥିବା ବିଭାଗୀୟ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି । ଏହି ଶିବିରରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଅଶ୍ୱିନୀ ମେହେର,ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ କେକେ ହରିପ୍ରସାଦ ପ୍ରମୁଖ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗ ଗ୍ରହଣ କରି ସମାଧାନ କରିଥିଲେ । ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶୁଶ୍ରୀ ପ୍ରିୟଦର୍ଶନୀ ମିର୍ଦ୍ଧାଙ୍କ ତତ୍ୱାବଧାନରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଉପଜିଲ୍ଲାପାଳ ଲଲାଟେନ୍ଦୁ ସି ଙ୍କ ସମେତ ତହସିଲଦାର ପୁନମ ମହାପାତ୍ର ଓ ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ, ତହସିଲ ଓ ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିବା ବେଳେ ବ୍ଲକ କର୍ମଚାରୀ ସହଯୋଗ କରିଥିଲେ ।

# ନେକ୍ସସ ଏସ୍ପ୍ଲାନେଡ୍ର ସେଭ୍ ଆଣ୍ଡ ୱିନ୍ ୨୦୨୪ ଡିସେମ୍ବର ୨୭ ରୁ ୨୯ ମଧ୍ୟରେ

**ଭୁବନେଶ୍ୱର,୨୯।୧୨ (ମହାଭାରତ):** ନେକ୍ସସ ଏସପ୍ଲାନେଡ୍ ୨୦୨୪କୁ ଧମାକାଦାର ଭାବେ ଶେଷ କରିବାକୁ ଯାଉଛି । ଡିସେମ୍ବର ୨୭ରୁ ଡିସେମ୍ବର ୨୯ ପର୍ଯ୍ୟନ୍ତ ବର୍ଷର ଅନ୍ତିମ ବିକ୍ରୟ ଇଭେଟ୍ ୫୦% ସମୟରେ ଗ୍ରାହକମାନେ ଏକ ଅତୁଳନୀୟ ସପିଂ ଅଭିଜ୍ଞତା ହାସଲ କରିଛନ୍ତି । ଫ୍ୟାସନ, ଜୀବନଶୈଳୀ, ଇଲେକ୍ଟ୍ରୋନିକ୍ସ ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ୧୦୦ରୁ ଅଧିକ ପ୍ରିମିୟମ ବ୍ରାଣ୍ଡରେ ଅତୁଳନୀୟ ରିହାତି ପ୍ରଦାନ କରାଯିବ, ଯାହା ଫଳରେ ଏହା ସର୍ବୋତମ ଡିଲ୍ ହାସଲ କରିବାର ଏକ ଉପଯୁକ୍ତ ସୁଯୋଗ ହେବ । ଆପଣ ଆପଣଙ୍କ ୱାର୍ଡରୋବ୍ ଅପଡେଟ୍ କରୁଛନ୍ତି, ଆପଣଙ୍କ ଗ୍ୟାଜେଟ୍ ଅପଗ୍ରେଡ୍ କରୁଛନ୍ତି କିମ୍ବା ପ୍ରିୟଜନଙ୍କ ପାଇଁ ସପିଂ କରୁଛନ୍ତି, ଏହି ବିଶାଳ ବିକ୍ରୟ ବିଭିନ୍ନ ଉତ୍ପାଦ ଉପରେ ଅପରାଜେୟ ସଂଚୟ ପ୍ରତିଶୃତି ଦେଇଥାଏ । କିନ୍ତୁ କେବଳ ଏତିକି ନୁହେଁ, ଆସ୍ଲି ହାପିନେସ୍ ୱାଲା ସେଲ୍ ସମୟରେ ନେକ୍ସସ୍ ଏସପ୍ଲାନେଡ୍ରେ ପ୍ରତ୍ୟେକ କ୍ରୟରେ ଏକ ସେଭ୍ ଆଣ୍ଡ୍ ୱିନ୍ ଅଫର ଆସିଥାଏ, ଯେଉଁଠାରେ ଆପଣ ଆକର୍ଷଣୀୟ ପୁରସ୍କାର ଜିତିବାର ନିଶ୍ଚିତ, ଯାହା ଆପଣଙ୍କ ସପିଂ ଅଭିଯାନରେ ଅତିରିକ୍ତ ରୋମାଂଚ ଯୋଡିଥାଏ । ନେକ୍ସସ ଏସପ୍ଲାନେଡରେ ଅବିଶ୍ୱସନୀୟ ସଂଚୟ ଏବଂ ରୋମାଂଚକର ଆଶ୍ଚର୍ଯ୍ୟ ସହିତ ୨୦୨୪କୁ ଅବିସ୍ମରଣୀୟ କରିବାପାଇଁ ଏହା ଆପଣଙ୍କର ଶେଷ ସୁଯୋଗ ! ଆପଣଙ୍କ କ୍ୟାଲେଣ୍ଡରଗୁଡିକ ଚିହ୍ନିତ କରନ୍ତୁ, କାରଣ ଏହା ଏପରି ଏକ ଘଟଣା ଯାହାକୁ ଆପଣ ସମ୍ପୂର୍ଣ୍ଣ ଭାବରେ ହାତଛଡ଼ା କରିପାରିବେ ନାହିଁ । ଫ୍ଲାଟ୍ ୫୦% ଏବଂ ଚମତ୍କାର ପୁରସ୍କାର ଜିତିବାର ସୁଯୋଗ ସହିତ, ନେକ୍ସସ୍ ଏସପ୍ଲାନେଡ୍ ଆପଣଙ୍କୁ ବର୍ଷର ଶେଷ ସପିଂ ଇଭେଟ୍ର ସର୍ବାଧିକ ଫାଇଦା ଉଠାଇବାକୁ ଆମନ୍ତ୍ରଣ କରେ । ବହୁତ ବିଳମ୍ବ ହେବା ପୂର୍ବରୁ ତରବରିଆ ହୁଅନ୍ତୁ !

# ଜମ୍ମୁ-କାଶ୍ମୀରରେ ପ୍ରବଳ ତୁଷାରପାତ, ଜନ ଜୀବନ ଅସ୍ତବ୍ୟସ୍ତ

**ନୂଆଦିଲ୍ଲୀ,୨୯।୧୨(ଏଜେନ୍ସି):** ଜମ୍ମୁ କାଶ୍ମୀରରେ ପ୍ରବଳ ତୁଷାରପାତ । ରାସ୍ତାଘାଟ ସବୁ ବରଫମୟ ହୋଇଛି । ବରଫର ସ୍ୱେତ ଚଦର ପିନ୍ଧି ରୂପା ପରି ଚମକୁଛି ପାହାଡ଼ । ହେଲେ ପ୍ରବଳ ତୁଷାରପାତ ଯୋଗୁଁ ରାସ୍ତା ଓ ଘର ସବୁଠି ଜମି ରହିଛି ବରଫ । ଯାହାକୁ ନେଇ ଜନଜୀବନ ଅସ୍ତବ୍ୟସ୍ତ । ସେହିପରି ତୁଷାରପାତ ପରେ ଶ୍ରୀନଗର- ଜମ୍ମୁ କାଶ୍ମୀର ଜାତୀୟ ରାଜପଥ ବନ୍ଦ ରହିଥିବା ଯୋଗୁଁ ଅନନ୍ତନାଗରେ ୨ ହଜାରରୁ ଅଧିକ ଗାଡ଼ି ଫସିରହିଥିବା ଜଣାପଡିଛି । ଅନ୍ୟପଟେ ପାଣିପାଗ ଖରାପ ଯୋଗୁଁ ଶ୍ରୀନଗରର ଅନ୍ତର୍ଜାତୀୟ ଏୟାରପୋର୍ଟରେ ବିମାନ ଉଡାଣ ପ୍ରଭାବିତ ହୋଇଛି । ସେହିପରି ଗତକାଲି ଅର୍ଥାତ ଶୁକ୍ରବାର ଦିନ ଶ୍ରୀନଗର, ଅନନ୍ତନାଗ, କୁଲଗାମ, ପୁଲବାମା ଆଦି ଅଞ୍ଚଳରେ ବର୍ଷର ପ୍ରଥମ ତୁଷାରପାତ ହୋଇଛି । ଏନେଇ ମୁଖ୍ୟମନ୍ତ୍ରୀ ଉମର ଅବଦୁଲ୍ଲା ଲୋକଙ୍କୁ ଖରାପ ପାଗ ଯୋଗୁଁ ସତର୍କ ରହିବାକୁ ସୂଚନା ଦେଇଛନ୍ତି । ସେ ଆହୁରି ମଧ୍ୟ କହିଛନ୍ତି ଯେ, ଅନନ୍ତନାଗର ଡେପୁଟି କମିଶନରଙ୍କଠାରୁ ସ୍ଥିତି ବିଷୟରେ ପଚାରି ବୁଝିଛନ୍ତି । ସେହିପରି ଜାତୀୟ ରାଜପଥରେ ଫସି ରହିଥିବା ଯାତ୍ରୀଙ୍କ ଉଦ୍ଧାର କାର୍ଯ୍ୟ ଜାରି ରହିଛି । ପାଣିପାଗ ବିଭାଗ ଅନୁସାରେ , ଜମ୍ମୁ କାଶ୍ମୀରରେ ୨୯ ରୁ ୩୧ ଡ଼ିସେମ୍ବର ପର୍ଯ୍ୟନ୍ତ ପାଗ ଶୁଖିଲା ରହିବ । କିନ୍ତୁ ୧ ରୁ ୫ ଜାନୁଆରୀ ମଧ୍ୟରେ କାଶ୍ମୀର କିଛି ଅଞ୍ଚଳରେ ତୁଷାରପାତ ହେବାର ସମ୍ଭାବନା ରହିଛି । ସେହିପରି ଅନ୍ୟପଟେ ଉତ୍ତରାଖଣ୍ଡ ଆଇଏମଡ଼ି ଉତ୍ତରାଖଣ୍ଡର ପାହାଡ଼ିଆ ଅଞ୍ଚଳକୁ ପ୍ରବଳ ତୁଷାରପାତ ହେବା ନେଇ ଆଲର୍ଟ ଜାରି କରିଛନ୍ତି । ତେଣୁ ସମସ୍ତ ସରକାରୀ,ବେସରକାରୀ ସ୍କୁଲ ଓ ଅଙ୍ଗନବାଡ଼ି କେନ୍ଦ୍ରକୁ ବନ୍ଦ ରଖିବା ନେଇ ଘୋଷଣା କରିଛନ୍ତି । ହିମାଚଳ ପ୍ରଦେଶରେ ୬ଟି ପାହାଡିଆ ଜିଲ୍ଲାରେ ମଧ୍ୟ ଗତକାଲି ପ୍ରବଳ ବର୍ଷା ସହ ତୁଷାରପାତ ହୋଇଛି ।

# ଦିଲ୍ଲୀର ୧୧ଟି ଆସନରେ ପ୍ରାର୍ଥୀ ଦେଲା ଏନସିପି

**ନୂଆଦିଲ୍ଲୀ,୨୯।୧୨(ଏଜେନ୍ସି):** ଅଜିତ ପାୱାରଙ୍କ ରାଷ୍ଟ୍ରବାଦୀ କଂଗ୍ରେସ ପାର୍ଟି (ଏନସିପି) ଦିଲ୍ଲୀ ବିଧାନସଭା ନିର୍ବାଚନ ପାଇଁ ନିଜ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି । ଏନସିପି ୧୧ ଜଣ ପ୍ରାର୍ଥୀଙ୍କୁ ଟିକେଟ୍ ଦେଇଛି । ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ଦଳ ବିଜେପି ସହ ମିଳିତ ଭାବେ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିଥିଲା, କିନ୍ତୁ ଦିଲ୍ଲୀରେ ଦଳ ୧୧ଟି ଆସନରେ ନିଜର ପ୍ରାର୍ଥୀ ଦେଇଛି । ଏନସିପି ସଂସଦୀୟ ବୋର୍ଡର ଅନୁମୋଦନ ପରେ ପ୍ରଥମ ପର୍ଯ୍ୟାୟରେ ୧୧ ଜଣ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଛି । ଏନସିପି ବୁରାରୀ, ବାଦଲି, ମଙ୍ଗୋଲପୁରୀ, ଚନ୍ଦନୀ ଚୌକ, ବାଲି ମାରାନ, ଛତରପୁର, ସଙ୍ଗମ ବିହାର, ଓଖଲା, ଲକ୍ଷ୍ମୀ ନଗର, ସୀମା ପୁରୀ ଏବଂ ଗୋକୁଲ ପୁରୀରୁ ପ୍ରାର୍ଥୀ ଘୋଷଣା କରିଛି । ନିକଟରେ ଏନସିପି ନେତା ପ୍ରଫୁଲ୍ଲ ପଟେଲ କହିଥିଲେ ଯେ ତାଙ୍କ ଦଳ ପୂର୍ବରୁ ବି ଦିଲ୍ଲୀରେ ନିର୍ବାଚନ ଲଢିଆସୁଛି । ଏବଂ ଏଥର ମଧ୍ୟ ନିର୍ବାଚନ ଲଢିବ । ମିଳିତ ମଞ୍ଚ ପାଇଁ ଏନଡିଏ ସହ ଆଲୋଚନା ମଧ୍ୟ କରାଯିବ ବୋଲି ସେ କହିଥିଲେ । ତେବେ ଏନସିପି ଯେଉଁଭଳି ଭାବରେ ନିଜ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି, ଏହା ସ୍ପଷ୍ଟ ହୋଇଛି ଯେ ଏହା ବିଜେପି ସହ ମିଳିତ ଭାବେ ଏହି ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁନାହିଁ । ସୂଚନା ଥାଉ କି ଯେ ଦିଲ୍ଲୀରେ ମୋଟ ୭୦ଟି ବିଧାନସଭା ଆସନ ଅଛି, ଯେଉଁଥିରେ ଆମ୍ ଆଦମୀ ପାର୍ଟି ସମସ୍ତ ୭୦ଟି ବିଧାନସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିଛନ୍ତି । କଂଗ୍ରେସ ଏପର୍ଯ୍ୟନ୍ତ ଏହାର ଦୁଇଟି ପ୍ରାର୍ଥୀ ତାଲିକାରେ ୪୭ ଜଣ ପ୍ରାର୍ଥୀ ଘୋଷଣା କରିଥିବାବେଳେ ଅବଶିଷ୍ଟ ପ୍ରାର୍ଥୀ ଘୋଷଣା କରାଯାଇ ନାହିଁ । ଅନ୍ୟପଟେ ଏଆଇଏମଆଇଏମ ଦିଲ୍ଲୀ ଦଙ୍ଗା ଅଭିଯୁକ୍ତ ତାହିର ହୁସେନ୍ଙ୍କ ମୁସ୍ତାଫାବାଦରୁ ଫିଲ୍ଡିଂ କରିଥିବାବେଳେ ଦିଲ୍ଲୀ ଦଙ୍ଗା ଅଭିଯୁକ୍ତ ଶାହାରୁଖ ପଠାନଙ୍କୁ ମଧ୍ୟ ସେଲାମପୁରରୁ ପ୍ରାର୍ଥୀ କରାଯାଇପାରେ ।



# କଂଗ୍ରେସକୁ ଶର୍ମିଷ୍ଠା ମୁଖାର୍ଜୀଙ୍କ ଟାର୍ଗେଟ

**ନୂଆଦିଲ୍ଲୀ,୨୯।୧୨(ଏଜେନ୍ସି):** ପୂର୍ବତନ ପ୍ରଧାନମନ୍ତ୍ରୀ ଡ. ମନମୋହନ ସିଂଙ୍କ ଦେହାନ୍ତ ପରେ ଏବେ କଂଗ୍ରେସ ତାଙ୍କର ଏକ ପୃଥମ ସ୍ମାରକୀ କରିବା ପାଇଁ ନିବେଦନ କରିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡଗେ ଏହି ପ୍ରସ୍ତାବ ଦେବା ପରେ ଏବେ କଂଗ୍ରେସକୁ ଟାର୍ଗେଟ କରିଛନ୍ତି ପୂର୍ବତନ ରାଷ୍ଟ୍ରପତି ସ୍ୱର୍ଗତଃ ପ୍ରଣବ ମୁଖାର୍ଜୀଙ୍କ ଝିଅ ଶର୍ମିଷ୍ଠା ମୁଖାର୍ଜୀ । ତାଙ୍କ ବାପାଙ୍କ ପାଇଁ ତ ଏକ ଶୋକସଭା କରିନଥିଲ ବୋଲି କହି ଶର୍ମିଷ୍ଠା କଂଗ୍ରେସକୁ ଟାର୍ଗେଟ କରିଛନ୍ତି । ଶର୍ମିଷ୍ଠା ଏକ ପୋଷ୍ଟ କରି ସେ ଲେଖିଛନ୍ତି ଯେ, ଯେତେବେଳେ ମୋ ପିତା ତଥା ପୂର୍ବତନ ଭାରତୀୟ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀଙ୍କର ଅଗଷ୍ଟ ୨୦୨୦ରେ ଦେହାନ୍ତ ହୋଇଥିଲା, ସେତେବେଳେ କଂଗ୍ରେସ କାର୍ଯ୍ୟକାରିଣୀ କମିଟି (ସିଡବ୍ଲ୍ୟୁଡି) ଦ୍ୱାରା ଶୋକସଭା କରାଯାଇନଥିଲା । କଂଗ୍ରେସର ଜଣେ ବରିଷ୍ଠ ନେତା ମୋତେ କହିଥିଲେ ଯେ ରାଷ୍ଟ୍ରପତିଙ୍କ ପାଇଁ ଏଭଳି ଶୋକସଭା ଅନୁଷ୍ଠିତ ହୁଏନାହିଁ । ହେଲେ ପରେ ସେ ତାଙ୍କ ବାପାଙ୍କ ଡାଏରୀରୁ ଜାଣିବାକୁ ପାଇଥିଲେ ଯେ, ପୂର୍ବତନ ରାଷ୍ଟ୍ରପତି କେ.ଆର.ନାରାୟଣନଙ୍କ ପାଇଁ କଂଗ୍ରେସ କାର୍ଯ୍ୟକାରିଣୀ କମିଟି ଏକ ଶୋକସଭା କରିଥିଲା ଏବଂ ତାଙ୍କ ପିତା ପ୍ରଣବ ମୁଖାର୍ଜୀ ସମବେଦନା ପତ୍ର ଲେଖିଥିଲେ । ସି.ଆର. କେଶବନ, ମନମୋହନଙ୍କ ପୃଥକ ସ୍ମାରକୀ ପ୍ରସ୍ତାବ ବିଷୟରେ ସୂଚନା ଦେଇ କରିଥିବା ପୋଷ୍ଟରେ କମେଣ୍ଟ ଦେଇ ଏଭଳି କହିଛନ୍ତି ଶର୍ମିଷ୍ଠା । ଏହାବ୍ୟତୀତ ସିଆର୍ କେସବନଙ୍କ ଏକ ପୋଷ୍ଟକୁ ଦର୍ଶାଇ କଂଗ୍ରେସ ଦଳର ସଦସ୍ୟଙ୍କୁ କେବଳ ଏଥିପାଇଁ ଅଣଦେଖା କରିଥିଲା କାରଣ ସେମାନେ ଗାନ୍ଧି ପରିବାରର ସଦସ୍ୟ ନଥିଲେ ବୋଲି ଶର୍ମିଷ୍ଠା କହିଛନ୍ତି ।



# ଏନଡିଏରେ ନୀତିଶଙ୍କୁ ନେଇ ଦିଲ୍ଲୀ ରାଜନୀତି ସରଗରମ

**ନୂଆଦିଲ୍ଲୀ,୨୯।୧୨(ଏଜେନ୍ସି):** କେନ୍ଦ୍ରରେ ବିଜେପି ସରକାର ଗଠନ କରିବା ବେଳେ ମୁଖ୍ୟ ସହଯୋଗୀ ପାଲଟିଛନ୍ତି ନୀତିଶ କୁମାର ଓ ଚନ୍ଦ୍ରବାବୁ ନାଇଡୁ । ଏହି ଦୁଇଜଣଙ୍କୁ ଛାଡି କେନ୍ଦ୍ରରେ ବିଜେପି କ୍ଷମତାରେ ରହିବା ଅସମ୍ଭବ । ହେଲେ ଏବେ କିଛିଦିନ ହେବ କେନ୍ଦ୍ର ବିଜେପି ସହ ନୀତିଶଙ୍କ ସଂପର୍କ ଭଲ ନଥିବା ଚର୍ଚ୍ଚା ହେଉଛି । ହେଲେ ବିହାର ବିଜେପି ନେତାମାନେ ନୀତିଶଙ୍କ ପ୍ରତି ସମ୍ମାନ ଜାରି ରଖିଛନ୍ତି । ବିଜେପି ରାଷ୍ଟ୍ରୀୟ ସ୍ତରରେ ବଡ଼ ପାର୍ଟି ହୋଇଥିଲେ ବି ବିହାରରେ ନୀତିଶଙ୍କ ବିନା ବିଜେପିର କୌଣସି ଅସ୍ତିତ୍ୱ ନାହିଁ । ଏହା ବୋଧେ ବିହାର ବିଜେପି ନେତାମାନେ ହୃଦୟଙ୍ଗମ କରିଛନ୍ତି । କିଛିଦିନ ତଳେ ଜେଡିୟୁ ରାଷ୍ଟ୍ରୀୟ ଅଧ୍ୟକ୍ଷ ସଂଜୟ ଝା ଓ କେନ୍ଦ୍ରମନ୍ତ୍ରୀ ଲଲନ ସିଂ ଏକ ମିଳିତ ପ୍ରେସ ବିବୃତ୍ତିରେ କହିଥିଲେ କି ଦଳ ବିଜେପି ସହ ମିଳିତ ଭାବେ ଆଗାମୀ ବିଧାନସଭା ନିର୍ବାଚନ ଲଢିବ । ସେପଟେ ବିହାର ବିଜେପି ନେତାମାନେ ବି ନୀତିଶଙ୍କ ଚେହେରାରେ ନିର୍ବାଚନ ଲଢିବାକୁ ପ୍ରସ୍ତୁତ ଥିବା କଥା କହିଛନ୍ତି । ହେଲେ ବିହାର ବିଜେପି ନେତାମାନେ ନୀତିଶଙ୍କ ନେତୃତ୍ୱରେ ନିର୍ବାଚନ ଲଢିବାକୁ କହୁଥିବା ବେଳେ ନିର୍ବାଚନ ଜିତିଲେ କିଏ ମୁଖ୍ୟମନ୍ତ୍ରୀ ହେବ ତାହା ସ୍ପଷ୍ଟ କରୁନାହାଁନ୍ତି । ସେପଟେ ଗୃହମନ୍ତ୍ରୀଙ୍କ ବୟାନକୁ ନେଇ ଏବେ ବିହାର ରାଜନୀତିରେ ଝଡ । ଗୃହମନ୍ତ୍ରୀ କହିଛନ୍ତି କି, ମୁଖ୍ୟମନ୍ତ୍ରୀ କିଏ ହେବ ତାହା ବିଚାର କରାଯିବ । ଅନ୍ୟପଟେ ଗୋଟିଏ ଦେଶ ଗୋଟିଏ ନିର୍ବାଚନ ଓ ୱାକଫ ବୋର୍ଡ ବିଲକୁ ନେଇ ନୀତିଶ କୁମାର ନା ଏନଡିଏ ନା ଇଣ୍ଡିଆ କାହା ସପକ୍ଷରେ ମତ ନଦେଇ ଚୁପ ହୋଇ ବସିଥିଲେ । ଏକଥା ଧ୍ୟାନ ରଖାଯାଇପାରେ ଯେ ଯେତେବେଳେ ନୀତିଶ କୁମାର ଚୁପ୍ ରୁହନ୍ତି ତା ପରେ ସେ କିଛି ନା କିଛି ବଡ଼ ନିଷ୍ପତ୍ତି ନିଅନ୍ତି । ଏହା ଏବେ ଏନଡିଏ ମେଣ୍ଟର ଭୟର କାରଣ ପାଲଟିଛି । ସେପଟେ ଯଦି ଆମେ ମହାରାଷ୍ଟ୍ର ନିର୍ବାଚନକୁ ଦୃଷ୍ଟି ଦେବା ତେବେ ନୀତିଶଙ୍କ ନିରବତା ପଛରେ ବି ବଡ଼ କାରଣ ହୋଇପାରେ । ମହାରାଷ୍ଟ୍ରରେ ବିଜେପି ଶିବସେନା (ସିନ୍ଦେ ଗୋଷ୍ଠୀ)ର ମୁଖ୍ୟ ଏକନାଥ ସିନ୍ଦେଙ୍କ ଚେହେରା ଓ ନେତୃତ୍ୱରେ ନିର୍ବାଚନ ଲଢିଥିବା ବିଜେପି କିନ୍ତୁ ଶେଷରେ ତାଙ୍କୁ ଧୋକ୍କା ଦେଇ ବିଜେପି ମୁଖ୍ୟ ଦେବେନ୍ଦ୍ର ଫଡନାଭିସଙ୍କୁ ମୁଖ୍ୟମନ୍ତ୍ରୀ ଆସନରେ ବସାଇଥିଲା । ଏହି ଘଟଣାକୁ ସମୀକ୍ଷା କରି ଯଦି ନୀତିଶ ଆତ୍ମମନ୍ଥନ କରୁଥାନ୍ତି ତେବେ କେନ୍ଦ୍ର ବିଜେପି ପାଇଁ ନୀତିଶ କୁମାର ଅଡୁଆ ସାଜି ପାରନ୍ତି । ଏସବୁ ଭିତରେ ବିହାର ବିରୋଧୀଦଳ ବା ଆରଜେଡି ମୁଖ୍ୟ ତେଜସ୍ୱୀ ଯାଦବ ନୀତିଶ ଓ ବିଜେପିକୁ କଡା କଟାକ୍ଷ କରିଛନ୍ତି । ସେ କହିଛନ୍ତି କି, ବିହାର ସରକାର ଏବେ ଦିଲ୍ଲୀରୁ ପରିଚାଳିତ ହେଉଛି । ଏହାସହ ମହାରାଷ୍ଟ୍ର, ଦିଲ୍ଲୀ, ଝାଡଖଣ୍ଡ ନିର୍ବାଚନ ବେଳେ ମହିଳା ଭୋଟରଙ୍କ ଫ୍ୟାକ୍ଟରକୁ ଗୁରୁତ୍ୱ ଦେଇ ତେଜସ୍ୱୀ ସରକାରକୁ ଆସିଲେ ମହିଳାମାନଙ୍କୁ ମାସିକ ୨.୫ ହଜାର ଟଙ୍କା ଦେବାକୁ ଘୋଷଣା କରି ବିଜେପି ଓ ଜେଡିୟୁକୁ ଟକ୍କର ଦେବାକୁ ଯୋଜନା କରିଛି । ହେଲେ ନୀତିଶ କୁମାର ରାଜନୀତିରେ ଜଣେ ପୋଖତ ଖେଳାଳୀ । ପୁଣି ଯଦି ମେଣ୍ଟ ବଦଳାଇବା ତେବେ କେନ୍ଦ୍ର ବିଜେପିକୁ ଯେତିକି କ୍ଷତି ନପହଞ୍ଚାଇବ ତା ଠାରୁ ଅଧିକ ରାଜ୍ୟ ବିଜେପିର କ୍ଷତି କରିବ ।



# ଆମେରିକା ଉପରେ ଚୀନର ସାଇବର ଆକ୍ରମଣ

**ୱାସିଂଟନ୍,୨୯।୧୨(ଏଜେନ୍ସି):** ଚୀନର ହ୍ୟାକରମାନେ ଆମେରିକା ଉପରେ ବଡ଼ ଧରଣର ସାଇବର ଆକ୍ରମଣ କରିଛନ୍ତି । ହ୍ୱାଇଟ୍ ହାଉସର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ ଚୀନ୍ ହ୍ୟାକରମାନେ ଏକ ଗୁପ୍ତଚର ଅଭିଯାନରେ ଆମେରିକାର ଏକ ନବମ ଟେଲିକମ୍ କମ୍ପାନୀକୁ ହ୍ୟାକ୍ କରିଛନ୍ତି । ଏହା ଦ୍ୱାରା ହ୍ୟାକରମାନେ ବେଜିଂର କର୍ତ୍ତୃପକ୍ଷଙ୍କୁ ଅଜ୍ଞାତ ସଂଖ୍ୟକ ଆମେରିକୀୟଙ୍କ ବ୍ୟକ୍ତିଗତ ବାର୍ତ୍ତା ଏବଂ ଫୋନ୍ ବାର୍ତ୍ତାଳାପର ଆକସେସ୍ ପ୍ରଦାନ କରିଛନ୍ତି । ଏହି ଘଟଣା ଆମେରିକାକୁ ଚିନ୍ତିତ କରିଛି । ଗୁଇନ୍ଦାଗିରି ପାଇଁ ଚୀନର ଏହି କାର୍ଯ୍ୟାନୁଷ୍ଠାନ ଆମେରିକାର ସୁରକ୍ଷା ଏଜେନ୍ସିରେ ମଧ୍ୟ ଆତଙ୍କ ସୃଷ୍ଟି କରିଛି । ବାଇଡେନ ପ୍ରଶାସନର ଅଧିକାରୀମାନେ ଚଳିତ ମାସରେ କହିଛନ୍ତି ଯେ ଅତି କମରେ ଆଠଟି ଟେଲିକମ୍ କମ୍ପାନୀ ଏବଂ ଡଜନାଧିକ ଦେଶ ସଲ୍ଟ ଟାଇଫୁନ୍ ନାମରେ ପରିଚିତ ଚୀନ୍ ହ୍ୟାକିଂ ଆକ୍ରମଣଦ୍ୱାରା ପ୍ରଭାବିତ ହୋଇଛନ୍ତି । ଅନ୍ୟପକ୍ଷରେ ଉପଜାତୀୟ ସୁରକ୍ଷା ପରାମର୍ଶଦାତା ଆନି ନ୍ୟୁବର୍ଗର ଶୁକ୍ରବାର ସାମ୍ବାଦିକମାନଙ୍କୁ କହିଛନ୍ତି ଯେ ଚୀନ୍ ଆକ୍ରମଣର ଶିକାର ହୋଇଥିବା ନବମ ଟେଲିକମ୍ କମ୍ପାନିକୁ ଚିହ୍ନଟ କରାଯାଇଛି । ଗ୍ରାହକଙ୍କ କଲ୍ ରେକର୍ଡ ହାସଲ କରିବା ଏବଂ ସୀମିତ ସଂଖ୍ୟକ ବ୍ୟକ୍ତିଙ୍କ ବ୍ୟକ୍ତିଗତ ଯୋଗାଯୋଗକୁ ଆକସେସ୍ କରିବା ପାଇଁ ହ୍ୟାକରମାନେ ଟେଲିକମ୍ କମ୍ପାନୀଗୁଡିକର ନେଟୱାର୍କରେ ପ୍ରବେଶ କରିଥିଲେ ।

